ଧରିତ୍ରୀ 51 Years
ପୃଷ୍ଠା–୮+୮
ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୫/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Wednesday, October 15/2025 | Page 16 | ₹ 7.00 | BERHAMPUR
୫୧ଶ ଭାଗ ୩୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 319 | ମୂଲ୍ୟ ₹୭/-



ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଭୁବନେଶ୍ୱର ୟୁନିଟ୍–୩ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'ର ଏକ ଷ୍ଟଲ୍‌ରେ ବିକ୍ରି ପାଇଁ ସଜାଇ ରଖାଯାଇଥିବା ଆକର୍ଷଣୀୟ ଦୀପ। **(ଫଟୋ– ମନୋରଞ୍ଜନ ମିଶ୍ର)**

# ୫୧୦୦ ବୋତଲ କଫ୍ ସିରପ୍ ଜବତ, ୨୦ ଗିରଫ

**ତାମିଲନାଡୁର ସ୍ରେସାନ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ଦ୍ୱାରା ପ୍ରସ୍ତୁତ ବିଷାକ୍ତ କଫ୍ ସିରପ୍ ଖାଇ ଗତ କିଛିଦିନ ମଧ୍ୟରେ ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ୨୫ରୁ ଊର୍ଦ୍ଧ୍ୱ ପିଲାଙ୍କ ଜୀବନ ଯାଇଛି। କଫ୍ ସିରପର ମାନକୁ ନେଇ ସାରା ଦେଶରେ ଚର୍ଚ୍ଚା ଲାଗି ରହିଛି। ଏପରି କି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ଭାରତରେ ପ୍ରସ୍ତୁତ କଫ୍ ସିରପ୍‌ର ମାନକୁ ନେଇ ସତର୍କ କରାଇଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶାରେ ଚୋରା କଫ୍ ସିରପ୍ କାରବାର ଥମିବାର ନାଁ ନେଉନାହିଁ। କଟକରୁ ସମ୍ବଲପୁରକୁ ଚୋରାଚାଲାଣ ହେଉଥିବା ୫୧୦୦ ବୋତଲ କଫ୍ ସିରପ୍ ପୋଲିସ ଜବତ କରିଛି। ଏହି କାରବାରରେ ଲିପ୍ତ ୨୦ଜଣଙ୍କୁ ଗିରଫ କରାଯାଇ ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଖୁବ୍‌ଶୀଘ୍ର ଏହି ଘଟଣାର ମୁଖ୍ୟଙ୍କୁ ଧରାଯିବ ବୋଲି ପୋଲିସ କହିଛି।**



ପୋଲିସ ଦ୍ୱାରା ଜବତ ଜରିବ୍ୟାଗ୍‌ରେ ଥିବା କଫ୍ ସିରପ ବୋତଲ ଓ ଗିରଫ ଅଭିଯୁକ୍ତମାନେ।

ସମ୍ବଲପୁର,୧୪।୧୦(ପ୍ରମୋଦ ବହିଦାର)

- **କଟକରୁ ସମ୍ବଲପୁର ହେଉଥିଲା ଚୋରାଚାଲାଣ**
- **ଖୁବ୍‌ଶୀଘ୍ର କିଙ୍ଗ୍‌ପିନ୍‌ଙ୍କୁ ଧରାଯିବ: ଏସ୍‌ପି**

ଏକ ପିକ୍‌ଅପ୍ ଭ୍ୟାନରେ ବିପୁଳ ପରିମାଣର ନିଷିଦ୍ଧ ନିଶା କଫ୍ ସିରପ ଚୋରା ଚାଲାଣ ହେଉଥିବା ନେଇ ସୋମବାର ସମ୍ବଲପୁର ଜିଲା ବରେଇପାଲି ଥାନା ଓଆଇସି ରାଧାକାନ୍ତ ବାରିକଙ୍କୁ ସୂଚନା ମିଳିଥିଲା। ଉକ୍ତ ସୂଚନା ଆଧାରରେ ମଶିନ୍‌କଁଟା ଛକ ନିକଟରେ ପହଞ୍ଚି ଉକ୍ତ ଭ୍ୟାନ ସହ ଏକ କାର ଉପରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ପରେ ଭ୍ୟାନ୍‌ରେ ଥିବା କଫ୍ ସିରପ୍‌କୁ ଜବତ କରିବା ସହିତ ଉଭୟ ଗାଡ଼ିରେ ଥିବା ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ବରେଇପାଲି ଥାନା ଗୋପାଳପାଲିର ଲୋକେଶ ପ୍ରଧାନ ଓରଫ ଆକାଶ(୩୦), ମନୀସ ସିଂ(୨୭), ସଦର ଥାନା ଅନ୍ତର୍ଗତ ଡିଥେଇପାଲିର ପିକ୍‌ଅପ୍ ଚାଳକ ମହେନ୍ଦ୍ର କିଷାନ ଓରଫ ମଣ୍ଟୁ(୨୫), ଅଇଁଠାପାଲି ଥାନା ଅନ୍ତର୍ଗତ ପର୍ଦ୍ଧିଆପାଲିର ପ୍ରଭାତ ଭୋଇ ଓରଫ ଟିଟୁ(୨୩) ଓ କାଇଁଶିର ଗ୍ରାମର କାରଚାଳକ ଆମୋଦ କରାଲି(୩୨)। ଥାନାରେ ପଚରାଉଚରା ବେଳେ ସେମାନେ ଏହାକୁ କଟକରୁ ସମ୍ବଲପୁର ଚୋରା ଚାଲାଣ କରୁଥିବା କହିଥିଲେ। ସେମାନଙ୍କ ସୂଚନାନୁସାରେ ସମ୍ବଲପୁରର ବିଭିନ୍ନ ସ୍ଥାନରେ ଚୋରା କଫ୍ ସିରପ ବ୍ୟବସାୟ କରୁଥିବା ୧୫ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ୧୫ ଅଭିଯୁକ୍ତ ମୁଖ୍ୟ ଅଭିଯୁକ୍ତ ଲୋକେଶଙ୍କୁ ନିଶା କଫ୍ ସିରପ୍ ପାଇଁ ଅଗ୍ରିମ ଟଙ୍କା ଦେଇଥିଲେ। ଉକ୍ତ ଟଙ୍କାକୁ ଲୋକେଶ ଅଇଁଠାପାଲି ଥାନା ଅନ୍ତର୍ଗତ ପର୍ଦ୍ଧିଆପାଲିର ଚନ୍ଦ୍ରଶେଖର ନାଏକ ନାମକ ଜଣେ ବ୍ୟକ୍ତିଙ୍କ ନିକଟରେ ଅନ୍‌ଲାଇନ୍‌ରେ ପୈଠ କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିବା ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ମଙ୍ଗଳବାର ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, କଫ୍ ସିରପ ସମ୍ବଲପୁର ଆସିଲା ପରେ ଏହାକୁ ଗିରଫ ୧୫ ଅଭିଯୁକ୍ତଙ୍କ ମଧ୍ୟରେ ☞ପୃଷ୍ଠା–୪

## ଭାରତରେ କଫ୍ ସିରପ୍ ମାନକୁ ନେଇ ସତର୍କ କରାଇଲା ଡବ୍ଲ୍ୟୁଏଚ୍‌ଓ

ନୂଆଦିଲ୍ଲୀ,୧୪।୧୦

ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ କଫ୍ ସିରପ୍ ଖାଇବା ଜନିତ ଶିଶୁ ମୃତ୍ୟୁ ଘଟଣା ପରେ ଭାରତରେ ଚିହ୍ନଟ ହୋଇଥିବା ୩ଟି ନିମ୍ନମାନର ଓରାଲ କଫ୍ ସିରପ୍ କୋଲ୍ଡରିଫ୍, ରେସ୍ପିଫ୍ରେସ୍ ଟିଆର୍ ଏବଂ ରିଲାଇଫ୍ ବିରୋଧରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସତର୍କ ସୂଚନା ଜାରି କରିଛି। ଅନ୍ୟ ଦେଶଗୁଡ଼ିକରେ ଏହି କଫ୍ ସିରପ୍ ଥିବା ଜଣାପଡ଼ିଲେ, ତୁରନ୍ତ ବିଜ୍ଞପିତ କରିବା ପାଇଁ ଡବ୍ଲ୍ୟୁଏଚ୍‌ଓ ବିଶ୍ୱବ୍ୟାପୀ ଜାତୀୟ ନିୟାମକ କର୍ତ୍ତୃପକ୍ଷମାନଙ୍କୁ ଆହ୍ୱାନ ଦେଇଛି। ଏଭଳି ନିମ୍ନମାନର ଉତ୍ପାଦ ଚିହ୍ନଟ ହେବା ଏବଂ ଏହାର ପ୍ରତିକୂଳ ପ୍ରଭାବ ଜନିତ ଘଟଣା ସାମ୍ନାକୁ ଆସିଲେ କିମ୍ବା ଆଶାନୁରୂପ ପ୍ରଭାବ ମିଳୁ ନଥିଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ତୁରନ୍ତ ସେମାନଙ୍କ ଦେଶର ଜାତୀୟ ନିୟାମକ କର୍ତ୍ତୃପକ୍ଷ କିମ୍ବା ନ୍ୟାଶନାଲ ଫାର୍ମାକୋଭିଜିଲାନ୍ସ ସେଣ୍ଟରରେ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଛି। ନିମ୍ନମାନର କଫ୍ ସିରପ୍ ଦ୍ୱାରା ପ୍ରଭାବିତ ହୋଇଥିବା ଦେଶ ଓ ଅଞ୍ଚଳର ଯୋଗାଣ ଶୃଙ୍ଖଳ ମଧ୍ୟରେ ଅଧିକ ତଦାରଖ କରିବାକୁ ଡବ୍ଲ୍ୟୁଏଚ୍‌ଓ ପରାମର୍ଶ ଦେଇଛି।

# ଓଡ଼ିଶାରେ ୯୧୨ ବଣୁଆ ହାତୀ

ନୂଆଦିଲ୍ଲୀ,୧୪।୧୦(ପି.ଟି.)

## ଦେଶର ହାତୀ ସଂଖ୍ୟା ୮ ବର୍ଷରେ ୧୮% କମିଛି

ଦେଶରେ ପ୍ରଥମ ଥର ପାଇଁ ବଣୁଆ ହାତୀଙ୍କ ଡିଏନ୍‌ଏ ଆଧାରିତ ଗଣନା ହୋଇଛି। ଏହି ଗଣନା ଅନୁଯାୟୀ, ଦେଶରେ ୨୨,୪୪୬ ବଣୁଆ ହାତୀ ରହିଛି। ୨୦୧୭ ହାତୀ ଗଣନାର ରିପୋର୍ଟ ଅନୁଯାୟୀ, ଭାରତରେ ୨୭,୩୧୨ ବଣୁଆ ହାତୀ ରହିଥିଲେ। ଗତ ୮ ବର୍ଷ ମଧ୍ୟରେ ଏହି ସଂଖ୍ୟାରେ ୧୮% ହ୍ରାସ ଘଟିଛି। ସଦ୍ୟ ପ୍ରକାଶିତ ରିପୋର୍ଟରେ ଓଡ଼ିଶାରେ ୯୧୨ ବଣୁଆ ହାତୀ ରହିଥିବା ଜଣାପଡ଼ିଛି। ଅଲ୍ ଇଣ୍ଡିଆ ସିନ୍‌କ୍ରୋନୋୟସ୍ ଏଲିଫାଣ୍ଟ ଏଷ୍ଟିମେଶନ୍ (ଏସ୍‌ଏଆଇଇଇ)ର ରିପୋର୍ଟ ଅନୁଯାୟୀ, ଭାରତରେ ବଣୁଆ ହାତୀଙ୍କ ସଂଖ୍ୟା ୧୮,୨୫୫ରୁ ୨୬,୬୪୫ ମଧ୍ୟରେ ଥିବା ନେଇ ଆକଳନ କରାଯାଇଛି, ଯାହାର ହାରାହାରି ସଂଖ୍ୟା ୨୨,୪୪୬ ରହିଛି। ୨୦୨୧ରେ କେନ୍ଦ୍ର ସରକାର ଏହି ହାତୀ ସର୍ଭେ ଆରମ୍ଭ କରିଥିଲେ। ଏହାର ପ୍ରାୟ ୪ ବର୍ଷ ପରେ ସରକାର ଉକ୍ତ ରିପୋର୍ଟକୁ ପ୍ରକାଶ କରିଛନ୍ତି। ଜଟିଳ ଆନୁବଂଶିକ ବିଶ୍ଳେଷଣ ଏବଂ ତଥ୍ୟ ବୈଧତା ଯୋଗୁ ରିପୋର୍ଟ ପ୍ରକାଶରେ ବିଳମ୍ବ ଘଟିଥିବା ନେଇ ଅଧିକାରୀମାନେ କହିଛନ୍ତି। ମଣିଷମାନଙ୍କୁ ସେମାନଙ୍କ ଜେନେଟେକ୍ କୋଡ୍ ମାଧ୍ୟମରେ ଚିହ୍ନଟ କରାଯିବା ପରି ଏହି ସର୍ଭେରେ ବୈଜ୍ଞାନିକମାନେ ହାତୀ ଥିବା ଅଞ୍ଚଳରୁ ୨୧,୦୫୬ ହାତୀ ମଳ ନମୁନା ସଂଗ୍ରହକରି ପ୍ରତ୍ୟେକ ହାତୀଙ୍କୁ ଚିହ୍ନଟ କରିବା ପାଇଁ ଡିଏନ୍‌ଏ ଫିଙ୍ଗରପ୍ରିଣ୍ଟକୁ ବ୍ୟବହାର କରିଥିଲେ। ଉକ୍ତ ଅଧ୍ୟୟନରେ ପ୍ରାୟ ୬.୭ ଲକ୍ଷ କି.ମି. ଜଙ୍ଗଲ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଦାୟୀଙ୍କଠାରୁ ଆଦାୟ**





| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | HDFC BANK | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗ୍‌ସ 22 ସେପ୍ଟେମ୍ବର 2025 ରୁ ବୈଧ । ମୋଟ ସଞ୍ଚୟରେ ଅଛି 100% GST ଲାଭ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ପ୍ରଯୁଜ୍ୟ RTO କର ରେ), ନିଲ୍ ପ୍ରୋସେସିଙ୍ଗ ଫୀ, ଆଉ 1-ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍‌ସ । ଫାଇନାନ୍‌ସର୍/ଇନ୍‌ସ୍ୟୋରର୍ ଆଉ ଲୋକେଶନ୍ ଅନୁସାରେ ନିଲ୍ PF ଆଉ OD ରେ ସଞ୍ଚୟ ଭିନ୍ନ ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ । 5 ବର୍ଷର ଷ୍ଟାଣ୍ଡାର୍ଡ ୱାରଣ୍ଟୀ + 5 ବର୍ଷର ଏକ୍ସଟେଣ୍ଡେଡ୍ ୱାରଣ୍ଟୀ @ ₹999/- । ପ୍ରଦର୍ଶିତ ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ପରିବେଶରେ କରାଯାଇଛି । ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ, ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for BAJAJ Auto Ltd.: Berhampur: Aska Road SISIRABHA** BAJAJ 9238311111 • **Kodasingh BAJAPAYEE** BAJAJ 9938449988 **Digapahandi SISIRABHA BAJAJ 933706332 • Chatrapur SISIRABHA BAJAJ 9348472332 • Paralakhemundi BAJAPAYEE BAJAJ 811806227• Balugaon** BHARAT BAJAJ 7381099441. **Rayagada** SITA RAMA BAJAJ – 7205631185, • **Gunupur** SITA RAMA BAJAJ 9437771070.

## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀସ୍ଥିତ ତାଜ୍ ପ୍ୟାଲେସ୍ ହୋଟେଲଠାରେ ମଙ୍ଗଳବାର ଗୁଗଲ୍ ଦ୍ୱାରା ଆୟୋଜିତ ଭାରତ ଏଆଇ ଶକ୍ତି କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ଆଇଟି ମନ୍ତ୍ରୀ ନାରା ଲୋକେଶ, ଗୁଗଲ କ୍ଲାଉଡ୍ ସିଇଓ ଥୋମାସ୍ କୁରିଆନ ପ୍ରମୁଖଙ୍କ ସହ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସେଲ୍‌ଫି ନେଉଛନ୍ତି। (ଫଟୋ-ଚମନ ଗୌତମ)

# ଆନ୍ଧ୍ରରେ ହେବ ଏଆଇ ହବ୍

### ୧୫ ବିଲିୟନ ଡଲାର ନିବେଶ କରିବ ଗୁଗଲ୍

ନୂଆଦିଲ୍ଲୀ,୧୪।୧୦(ପି.ଟି.)

ଆନ୍ଧ୍ରପ୍ରଦେଶରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ହବ୍‌ନିର୍ମାଣ ହେବାକୁଥିବାବେଳେ ଗୁଗଲ୍ ଆଗାମୀ ୫ ବର୍ଷରେ ଏଥିରେ ୧୫ ବିଲିୟନ ଡଲାର ନିବେଶ କରିବ। ଆଦାନୀ ଗ୍ରୁପ୍ ସହ ସହଭାଗିତାରେ ନିର୍ମାଣ ହେବାକୁ ଥିବା ଏହି ହବ୍‌ରେ ଦେଶର ସର୍ବବୃହତ୍ ଡେଟା ସେଣ୍ଟର ରହିବ। ଉକ୍ତ ପ୍ରକଳ୍ପ ୫ରୁ ୬ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବା ସହ ମୋଟ ୨୦ରୁ ୩୦ ହଜାର ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଥିବା ଏକ ସରକାରୀ ବିବୃତିରେ କୁହାଯାଇଛି।

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ହେବାକୁ ଥିବା ଏହି ଏଆଇ ହବ୍ ଆମେରିକା ବାହାରେ ଗୁଗଲ୍‌ର ସର୍ବବୃହତ୍ ପ୍ରକଳ୍ପ ହେବ, ଯେଉଁଥିରେ ୧ ଗିଗାୱାଟ ଡେଟା ସେଣ୍ଟର କ୍ୟାମ୍ପସ ସହ ନୂତନ ବୃହତ୍ ଶକ୍ତି ଉତ୍ସ ଏବଂ ସମ୍ପ୍ରସାରିତ ଫାଇବର ଅପ୍ଟିକ୍ ନେଟ୍‌ୱର୍କ ରହିବ ବୋଲି ଗୁଗଲ୍ ପକ୍ଷରୁ କୁହାଯାଇଛି। ଆମେରିକା ବାହାରେ ବିଶ୍ୱରେ ଏହା ସର୍ବବୃହତ୍ ଏଆଇ ହବ୍ ଯେଉଁଠି ଆମେ ନିବେଶ କରିବାକୁ ଯାଉଛୁ ବୋଲି ଗୁଗଲ୍ କ୍ଲାଉଡ୍ ସିଓଓ ଥୋମାସ୍ କୁରିଆନ୍ ଆନୁଷ୍ଠାନିକ ଚୁକ୍ତିନାମା ସ୍ୱାକ୍ଷର ଅବସରରେ କହିଛନ୍ତି।

ଗୁଗଲ୍ ଦ୍ୱାରା ଆୟୋଜିତ ଭାରତ ଏଆଇ ଶକ୍ତି କାର୍ଯ୍ୟକ୍ରମରେ ଏହି ଘୋଷଣା କରାଯାଇଛି। ଆଗାମୀ ଇଣ୍ଡିଆ-ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ପାଇଁ ଏହି ପୂର୍ବବର୍ତ୍ତୀ କାର୍ଯ୍ୟକ୍ରମ ବୋଲି କୁହାଯାଉଛି। ଏଥିରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଓ ଅନ୍ୟମାନେ ଯୋଗଦେଇଥିଲେ। ଗୁଗଲ୍ ସିଇଓ ସୁନ୍ଦର ପିଚାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଉକ୍ତ ଯୋଜନା ସମ୍ପର୍କରେ କଥା ହୋଇଥିବା କହିଛନ୍ତି। ଭାରତରେ ଏହା ବର୍ତ୍ତମାନ ସୁଦ୍ଧା ସର୍ବବୃହତ୍ ପୁଞ୍ଜିନିବେଶ। ଆଦାନୀ ଗ୍ରୁପ୍ ସହ ଗୁଗଲ୍ ବିଶାଖାପାଟଣାରେ ବୃହତ୍ ଡେଟା ସେଣ୍ଟର ଏବଂ କୃତ୍ରିମ ବୁଦ୍ଧିମତ୍ତା ହବ୍ ନିର୍ମାଣ କରିବ ବୋଲି ପିଚାଇ କହିଛନ୍ତି। ଗୁଗଲ୍ ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ପରେ ପିଚାଇ Xରେ ଏହା ପୋଷ୍ଟ କରିଛନ୍ତି। ଶିଳ୍ପପତି ଗୌତମ ଆଦାନୀଙ୍କ ପ୍ରମୁଖ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇସେସ୍ କହିଛି, ମିଳିତ ଉଦ୍ୟୋଗ କମ୍ପାନୀ ଆଦାନୀକନେକ୍ସ ଗୁଗଲ୍ ସହ ମିଶି ବିଶାଖାପାଟଣାରେ ଭାରତର ସର୍ବବୃହତ୍ ଏଆଇ ଡେଟା ସେଣ୍ଟର କ୍ୟାମ୍ପସ ଏବଂ ନୂଆ ଗ୍ରୀନ୍ ଏନର୍ଜି ଭିତ୍ତିଭୂମିର ବିକାଶ କରିବ।

## ସମ୍ପୂର୍ଣ୍ଣ ଇପିଏଫ୍ ଜମାରାଶି ଉଠାଇ ପାରିବେ କର୍ମଚାରୀ

ନୂଆଦିଲ୍ଲୀ, ୧୪।୧୦ (ପି.ଟି.)

ଏଣିକି ଇପିଏଫ୍ ଆକାଉଣ୍ଟଧାରୀମାନେ ଚାକିରି କାଳର ଯେକୌଣସି ସମୟରେ ସମ୍ପୂର୍ଣ୍ଣ ଜମାରାଶି ଉଠାଇପାରିବେ। ଏଥିପାଇଁ କର୍ମଚାରୀଙ୍କ ସର୍ବନିମ୍ନ ସେବା କାଳ ୧୨ ମାସକୁ ହ୍ରାସ କରାଯାଇଛି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ) ସୋମବାର ଏଭଳି ନିଷ୍ପତ୍ତି ନେଇଛି। କେନ୍ଦ୍ରମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକରେ ଇପିଏଫ୍ ଉଠାଣ ନିୟମକୁ ସରଳ କରାଯିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାରକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଉକ୍ତ ବୈଠକରେ ଡିଜିଟାଲ ସେବାକୁ ସୁଦୃଢ଼ କରିବା ଦିଗରେ ମଧ୍ୟ ଆଲୋଚନା ହୋଇଥିଲା। ପିଏଫ୍ ଆକାଉଣ୍ଟରୁ ସମ୍ପୂର୍ଣ୍ଣ ରାଶି ଉଠାଣ ନିଷ୍ପତ୍ତିରେ ଦେଶର ୭ କୋଟିରୁ ଅଧିକ କର୍ମଚାରୀ ଉପକୃତ ହୋଇପାରିବେ।

## ଭାରତ-କାନାଡା ସହଯୋଗ ବଢ଼ାଇବାକୁ ରୋଡ୍‌ମ୍ୟାପ୍

ନୂଆଦିଲ୍ଲୀ,୧୪।୧୦(ପି.ଟି.)

ବାଣିଜ୍ୟ, ଗୁରୁତ୍ୱପୂର୍ଣ୍ଣ ଖଣିଜ, ଶକ୍ତି ଆଦି ବିଭିନ୍ନ କ୍ଷେତ୍ରରେ ଭାରତ ଓ କାନାଡା ମଧ୍ୟରେ ସହଯୋଗ ବଢ଼ାଇବା ପାଇଁ ସୋମବାର ରୋଡ୍‌ମ୍ୟାପ୍ ଉନ୍ମୋଚିତ ହୋଇଛି। ୨୦୨୩ରେ ଶିଖ୍ ବିଚ୍ଛିନ୍ନତାବାଦୀଙ୍କୁ ହତ୍ୟା ଘଟଣାରେ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଥିଲାବେଳେ ଏହାକୁ ସୁଧାରିବାର ଅଂଶ ସ୍ୱରୂପ ଭାରତ ଗସ୍ତରେ ଆସିଥିବା କାନାଡା ବହିର୍ବ୍ୟାପାର ମନ୍ତ୍ରୀ ଅନିତା ଆନନ୍ଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଭେଟିଥିଲେ। ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ପୁଞ୍ଜିନିବେଶ ଉପରେ ମନ୍ତ୍ରୀସ୍ତରୀୟ ଆଲୋଚନା ଆରମ୍ଭ କରିବାକୁ ସ୍ଥିର ହୋଇଛି।

# ହରିୟାଣାରେ ଆଉ ଜଣେ ପୋଲିସ ଅଫିସରଙ୍କ ଆତ୍ମହତ୍ୟା

### ଭିଡିଓରେ ପୁରନ୍ କୁମାରଙ୍କ ନାଁରେ ଗମ୍ଭୀର ଦୁର୍ନୀତି ଅଭିଯୋଗ

ଚଣ୍ଡିଗଡ଼,୧୪।୧୦(ପି.ଟି.)



ୱାଇ. ପୁରନ୍ କୁମାର



ସନ୍ଦୀପ୍ କୁମାର

ହରିୟାଣା ପୋଲିସ ଆସିଷ୍ଟାଣ୍ଟ ସବ୍‌ଇନ୍‌ସ୍ପେକ୍ଟର ସନ୍ଦୀପ୍ କୁମାର ମଙ୍ଗଳବାର ରୋହତକ୍ ଜିଲାରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ୬ ମିନିଟ୍‌ର ଏକ ଭିଡିଓ ଏବଂ ୩ ପୃଷ୍ଠାର ଏକ ନୋଟ୍ ଛାଡ଼ିଯାଇଛନ୍ତି, ଯେଉଁଥିରେ ପୂର୍ବରୁ ଆତ୍ମହତ୍ୟା କରିଥିବା ଆଇପିଏସ୍ ଅଫିସର ୱାଇ. ପୁରନ୍ କୁମାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ରହିଛି। ତେବେ ଭିଡିଓ ଏବଂ ନୋଟ୍‌ର ସତ୍ୟତା ତୁରନ୍ତ ଯାଞ୍ଚ ହୋଇପାରି ନ ଥିବାରୁ ବର୍ତ୍ତମାନ ସ୍ଥିତିରେ କିଛି କହିବା କଷ୍ଟକର। ଫୋରେନ୍‌ସିକ୍ ଟିମ୍ ଏହାର ତଦନ୍ତ ଜାରି ରଖିଥିବା ରୋହତକ୍ ଏସ୍‌ପି ଏସ୍.ଏସ୍. ଭୋରିଆ କହିଛନ୍ତି।

ଗତ ସପ୍ତାହରେ ରୋହତକ୍ ଜିଲା ପୋଲିସ ଆଇଜି ପୁରନ୍‌ଙ୍କ ଆତ୍ମହତ୍ୟା ଘଟଣା ଦେଶବ୍ୟାପୀ ଉତ୍ତେଜନା ସୃଷ୍ଟି କରିଥିଲା। ସେ ଚଣ୍ଡିଗଡ଼ସ୍ଥିତ ଘରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲେ। ମଙ୍ଗଳବାର ରୋହତକ୍ ସାଇବର ସେଲ୍ ଏଏସ୍‌ଆଇ ସନ୍ଦୀପ୍‌ଙ୍କ ଆତ୍ମହତ୍ୟା ଘଟଣାକୁ ନୂଆ ମୋଡ଼ ଦେଇଛି। ସେ ପୁରନ୍‌ଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ଦୁର୍ନୀତି ପଦାରେ ପଡ଼ିଯିବା ଭୟରେ ପୁରନ୍ ଆତ୍ମହତ୍ୟା କରିଥିବା ସନ୍ଦୀପ୍ ଭିଡିଓ ବାର୍ତ୍ତାରେ କହିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି, ପୁରନ୍ ରୋହତକ୍ ରେଞ୍ଜ୍‌ରେ ପୋଷ୍ଟିଂ ହେବା ପରେ ସଚ୍ଚୋଟ ପୋଲିସ ଅଫିସରମାନଙ୍କୁ ବଦଳି କରି ସେମାନଙ୍କ ସ୍ଥାନରେ ଦୁର୍ନୀତିଗ୍ରସ୍ତମାନଙ୍କୁ ଅବସ୍ଥାପିତ କରାଇଥିଲେ। ଉକ୍ତ ଅଫିସରମାନେ ଫାଇଲ୍ ଚାପିରଖିବା ସହ ପିଟିଶନରମାନଙ୍କୁ ଡାକି ମାନସିକ ନିର୍ଯାତନା ଦେଇ ଟଙ୍କା ଦାବି କରୁଥିଲେ। ବଦଳି ଧମକ ଦିଆଯାଇ ମହିଳା ପୋଲିସଙ୍କୁ ଯୌନ ଶୋଷଣ କରାଯାଉଥିଲା। ସନ୍ଦୀପ୍ ପୂର୍ବତନ ରୋହତକ୍ ଏସ୍‌ପି ନରେନ୍ଦ୍ର ବିଜର୍ନିୟାଙ୍କୁ ସମର୍ଥନ ଜଣାଇଛନ୍ତି, ଯାହାଙ୍କ ନାଁ ପୁରନ୍ ମୃତ୍ୟୁ ଘଟଣା ସହ ସମ୍ପୃକ୍ତି ନେଇ ଏତଲାରେ ରହିଛି। ପୁରନ୍‌ଙ୍କ ଘନିଷ୍ଠ ଥିବା ହେଡ୍ କନ୍‌ଷ୍ଟେବଲ ସୁଶୀଲ କୁମାରଙ୍କୁ ଗିରଫ କରାଇବାରେ ସନ୍ଦୀପ୍‌ଙ୍କ ଭୂମିକା ଥିଲା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

ରୋହତକ୍‌ର ଲାଧୌତ-ଧାମର ରୋଡ୍ ବାସଭବନରୁ ଏଏସ୍‌ଆଇ ସନ୍ଦୀପ୍‌ଙ୍କ ମୃତଦେହ ସହ ଭିଡିଓ ଏବଂ ନୋଟ୍ ମିଳିଛି। ଉକ୍ତ ନୋଟ୍‌ରେ ୮ ଜଣ ଅଫିସରଙ୍କୁ ଅଭିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ଡିଜିପି ଶତ୍ରୁଜିତ୍ କପୁର, ରୋହତକ୍ ଏସ୍‌ପି ନରେନ୍ଦ୍ର ବିଜର୍ନିୟାଙ୍କ ନାଁ ରହିବା ସହ ସାଂଘାତିକ ଜାତି ଆଧାରିତ ଭେଦଭାବ, ଟାର୍ଗେଟ କରି ମାନସିକ ନିର୍ଯାତନା ଦିଆଯିବା ସହ ସର୍ବସାଧାରଣରେ ଅପମାନ ଓ ଅତ୍ୟାଚାର କରାଯାଉଥିଲା ବୋଲି ନୋଟ୍‌ରେ ଉଲ୍ଲେଖ ରହିଛି। ହରିୟାଣା ସରକାର ଡିଜିପି କପୁରଙ୍କୁ ଛୁଟିରେ ପଠାଇଥିବାବେଳେ ବିଜର୍ନିୟାଙ୍କୁ ବଦଳି କରାଯାଇଛି।

ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଚଣ୍ଡିଗଡ଼ ଯାଇ ମୃତ ଆଇପିଏସ୍ ଅଫିସର ପୁରନ କୁମାରଙ୍କ ପରିବାରକୁ ଭେଟିବା ସହ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସାଇନିଙ୍କୁ ନିବେଦନ କରିଛନ୍ତି। ଏହି ଘଟଣା ଦଳିତମାନଙ୍କୁ ଭୁଲ୍ ବାର୍ତ୍ତା ଦେଉଥିବା ରାହୁଲ କହିଛନ୍ତି।

### ମୋଦିଙ୍କ ସୋନିପତ୍ ରାଲି ବାତିଲ

ଚଣ୍ଡିଗଡ଼,୧୪।୧୦

ହରିୟାଣା କ୍ୟାଡର ଆଇପିଏସ୍ ଅଫିସର ୱାଇ. ପୁରନ୍ କୁମାରଙ୍କ ଆତ୍ମହତ୍ୟା ଘଟଣାର ବ୍ୟବଚ୍ଛେଦକୁ ନେଇ ଅଚଳାବସ୍ଥା ଲାଗିରହିଥିବାବେଳେ ଡିଜିପି ଶତ୍ରୁଜିତ କପୁରଙ୍କୁ ହରିୟାଣା ସରକାର ଛୁଟିରେ ପଠାଇ ଦେଇଛନ୍ତି। ହରିୟାଣା ପୋଲିସ ହାଉସିଂ କର୍ପୋରେଶନର ପରିଚାଳନା ନିର୍ଦ୍ଦେଶକ ଏବଂ ରାଜ୍ୟ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ଡିଜି ଥିବା ଓମ୍ ପ୍ରକାଶ ସିଂଙ୍କୁ ହରିୟାଣା ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରସ୍ତାବିତ ସୋନିପତ୍ ଗସ୍ତକୁ ବାତିଲ କରିଦିଆଯାଇଛି। ନାଏବ ସିଂ ସାଇନିଙ୍କ ନେତୃତ୍ୱାଧୀନ ଭାଜପା ସରକାରର ପ୍ରଥମ ବାର୍ଷିକୀ ପାଳନ ପାଇଁ ପ୍ରଧାନମନ୍ତ୍ରୀ ସୋନିପତ୍ ଗସ୍ତ କରି ସେଠାରେ ଏକ ରାଲିରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ସେଠାରେ ସେ ଜନ ବିଶ୍ୱାସ-ଜନ ବିକାଶ କାର୍ଯ୍ୟକ୍ରମ ଉପରେ ଉଦ୍‌ବୋଧନ ଦେବା ସହ ଅନେକ ନୂଆ ପଦକ୍ଷେପର ଶୁଭାରମ୍ଭ କରିଥାନ୍ତେ। ସେହିପରି ମୁଖ୍ୟମନ୍ତ୍ରୀ ସାଇନି ମଙ୍ଗଳବାର ରାଜ୍ୟସ୍ତରୀୟ ମହର୍ଷି ବାଲ୍ମୀକି ଜୟନ୍ତୀ ଉତ୍ସବରେ ଯୋଗଦେବାକୁ ଥିବାବେଳେ ତାହାକୁ ମଧ୍ୟ ବାତିଲ କରାଯାଇଛି।

## ଆତ୍ମସମର୍ପଣ କଲେ ବରିଷ୍ଠ ମାଓବାଦୀ ନେତା ଭୂପତି

ଗଡ଼ଚିରୋଲି, ୧୪।୧୦



ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାରେ ମାଓବାଦୀ ବିରୋଧୀ ଅଭିଯାନକୁ ସଫଳତା ମିଳିଛି। ସୋମବାର ବିଳମ୍ବିତ ରାତିରେ ମାଓବାଦୀ ସଙ୍ଗଠନର ବରିଷ୍ଠ ଏବଂ ପ୍ରଭାବଶାଳୀ ନେତା ତଥା ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ)ର ପଲିଟ୍‌ବ୍ୟୁରୋ ସଦସ୍ୟ ମଲ୍ଲୋଜୁଲା ବେଣୁଗୋପାଳ ରାଓ (୬୯) ୬୦ ଜଣ ସହଯୋଗୀଙ୍କ ସହ ଗଡ଼ଚିରୋଲି ଥାନାରେ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀ ସଙ୍ଗଠନରେ ସେ ଭୂପତି ଏବଂ ସୋନୁ ଦାଦା ନାମରେ ପରିଚିତ ଥିଲେ। ଛତିଶଗଡ଼, ମହାରାଷ୍ଟ୍ର, ତେଲଙ୍ଗାନା, ଓଡ଼ିଶା, ଆନ୍ଧ୍ରପ୍ରଦେଶରେ ବଡ଼ ମାଓବାଦୀ ଆକ୍ରମଣ ପଛରେ ଷଡ଼ଯନ୍ତ୍ର ରଚିଥିବା ନେଇ ଭୂପତିଙ୍କ ନାମରେ ଅଭିଯୋଗ ରହିଛି। ତାଙ୍କୁ ଧରାଇବା ପାଇଁ ପୋଲିସ ୬ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲା। ଗତ ୪୦ ବର୍ଷ ଧରି ସେ ବିଭିନ୍ନ ମାଓବାଦୀ ସଙ୍ଗଠନରେ ସକ୍ରିୟ ଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ୫୦ରୁ ଅଧିକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

## ବୈଷୟିକ ତ୍ରୁଟି: ଅହମଦାବାଦରେ କାତାର ଏୟାରୱେଜ୍ ବିମାନର ଜରୁରୀ ଅବତରଣ

ଅହମଦାବାଦ, ୧୪।୧୦

କାତାରର ରାଜଧାନୀ ଦୋହାରୁ ହଂକଂ ଯାଉଥିବା କାତାର ଏୟାରୱେଜ୍‌ର ବିମାନ କ୍ୟୁଆର୍ ୮୧୬ ମଙ୍ଗଳବାର ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ବିମାନଟି ଉଡ଼ାଣ କରୁଥିବା ସମୟରେ ସେଥିରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ହଠାତ ବିମାନର କ୍ୟାବିନ ପ୍ରେସର ହ୍ରାସ ପାଇଥିବା ନେଇ ପାଇଲଟ ଅନୁଭବ କରିଥିଲେ ଏବଂ ଏମର୍ଜେନ୍ସି ଘୋଷଣା କରିଥିଲେ। ଏହାପରେ ବିମାନଟିକୁ ଡାଇଭର୍ଟ କରାଯାଇ ଅହମଦାବାଦରେ ଜରୁରୀ ଅବତରଣ କରାଯାଇଥିଲା। ଯାତ୍ରୀମାନେ ଓହ୍ଲାଇବା ପରେ ବିମାନର ବୈଷୟିକ ତ୍ରୁଟି ଯାଞ୍ଚ କରାଯାଉଛି।

## ୭୧ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା ଭାଜପା

### ୨ ଉପମୁଖ୍ୟମନ୍ତ୍ରୀଙ୍କୁ ଟିକେଟ୍, ବାଚସ୍ପତି ବାଦ୍

ପାଟନା/ନୂଆଦିଲ୍ଲୀ,୧୪।୧୦(ପି.ଟି.)

ବିହାର ନିର୍ବାଚନ

ବିହାର ବିଧାନସଭା ନିର୍ବାଚନ ଲାଗି ଶାସକ ଏନ୍‌ଡିଏରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇ ନ ଥିବାବେଳେ ଭାଜପା ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ୭୧ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ୨ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ଏବଂ ବିଜୟ କୁମାର ସିହ୍ନାଙ୍କୁ ଯଥାକ୍ରମେ ତାରାପୁର ଏବଂ ଲାଖିସରାଇ ଆସନରୁ ପ୍ରାର୍ଥୀ କରାଯାଇଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମକୃପାଳ ଯାଦବ ଦାନାପୁର ଆସନରୁ ଲଢ଼ିବେ। ତେବେ ବିଧାନସଭା ବାଚସ୍ପତି ନନ୍ଦକିଶୋର ଯାଦବଙ୍କୁ ଟିକେଟ ମିଳିନାହିଁ। ପାଟନା ସାହିବ ଆସନରୁ ଭାଜପା ରତ୍ନେଶ କୁଶୱାହାଙ୍କୁ ପ୍ରାର୍ଥୀ କରିଛି। ନନ୍ଦକିଶୋର ୭ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଧାନ ପରିଷଦ ସଦସ୍ୟ ତଥା ସ୍ୱାସ୍ଥ୍ୟ ଓ ଆଇନ ମନ୍ତ୍ରୀ ମଙ୍ଗଳ ପାଣ୍ଡେଙ୍କୁ ସିୱାନ ଆସନରୁ ପ୍ରାର୍ଥୀ କରାଯାଇଛି। ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ତାରକିଶୋର ପ୍ରସାଦଙ୍କୁ କଟିହାରରୁ ଏବଂ ସଡ଼କ ନିର୍ମାଣ ମନ୍ତ୍ରୀ ନୀତିନ୍ ନବୀନଙ୍କୁ ବାଙ୍କିପୁରରୁ ପ୍ରାର୍ଥୀ କରାଯାଇଛି। କମନ୍‌ୱେଲ୍‌ଥ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଶ୍ରେୟାସି ସିଂଙ୍କୁ ଜାମୁଇ ଆସନରୁ ଭାଜପା ପ୍ରାର୍ଥୀ କରିଛି।

ନଭେମ୍ବର ୬ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଆସନ୍ତା ୧୭ ଥିବାବେଳେ ୨ ମେଣ୍ଟର ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇପାରିନାହିଁ। ଏନ୍‌ଡିଏ ମେଣ୍ଟରେ ଆସନ ଭାଗବଣ୍ଟା ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ସମାଧାନ ହୋଇଥିବା ଏହାର କେତେଜଣ ନେତା କହିଛନ୍ତି। ତେବେ କେଉଁ ଦଳ କେଉଁ ନିର୍ଦ୍ଦିଷ୍ଟ ଆସନରେ ଲଢ଼ିବ, ତାହା ଉପରେ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି।

## ଫୁରସତ୍



ଶର୍‌ଭରୀ ୱାଘ

## ଖୁବ୍‌ଶୀଘ୍ର ଶର୍‌ଭରୀ-ଅହାନ ଅନ୍‌ସ୍କ୍ରିନ୍ ଲଭ୍ କେମେଷ୍ଟ୍ରି

ମୁମ୍ବାଇ

ଗତ ଜୁଲାଇ ୧୮ରେ ରିଲିଜ୍ ହୋଇଥିବା 'ସୈୟାରା' ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏହି ଫିଲ୍ମ ସହ ଅଭିନେତା ଅହାନ ପାଣ୍ଡେ ବଲିଉଡ୍‌ରେ ଡେବ୍ୟୁ କରି ଲୋକପ୍ରିୟ ହୋଇଥିଲେ। ମଙ୍ଗଳବାର ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଯଶରାଜ୍ ଫିଲ୍ମସର ବ୍ୟାନରରେ ଏବଂ ନିର୍ଦ୍ଦେଶକ ଅଲି ଅବ୍ବାସ ଜଫରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ଏକ ଫିଲ୍ମରେ ଅହାନ ନଜରକୁ ଆସିବେ। ୨୦୨୬ ମାର୍ଚ୍ଚରେ ରିଲିଜ୍ ହେବାକୁ ଥିବା ଉକ୍ତ ଫିଲ୍ମରେ ଅହାନଙ୍କ ବିପକ୍ଷରେ ଅଭିନେତ୍ରୀ ଶର୍‌ଭରୀ ୱାଘଙ୍କୁ ଦେଖିବାକୁ ମିଳିବ। ବ୍ରିଟେନ୍‌ରେ ଏହି ଫିଲ୍ମର ଅଧିକାଂଶ ଶୁଟିଂ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଫିଲ୍ମର ଶୁଟିଂ ପାଇଁ ଖୁବ୍‌ଶୀଘ୍ର ଅହାନ ଏବଂ ଶରଭରୀ ବ୍ରିଟେନ୍‌ରେ ପହଞ୍ଚିବେ। ଫିଲ୍ମରେ ଆକ୍ସନ, ରୋମାନ୍ସ ଏବଂ ଇମୋଶନାଲ ଟଚ୍ ରହିବ। ଏହାସହ ବଡ଼ ପରଦାରେ ପ୍ରଥମ ଥର ପାଇଁ ଅହାନ ଏବଂ ଶର୍‌ଭରୀଙ୍କର ଲଭ କେମେଷ୍ଟ୍ରିକୁ ଦେଖିବାକୁ ମିଳିବ। ତେଣୁ ଏହି ଫିଲ୍ମକୁ ନେଇ ଉଭୟ ଅହାନ ଏବଂ ଶର୍‌ଭରୀଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି। ଆସନ୍ତା ଡିସେମ୍ବର ୨୫ରେ ରିଲିଜ୍ ହେବାକୁ ଥିବା 'ଆଲ୍‌ଫା' ଫିଲ୍ମରେ ଶର୍‌ଭରୀ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସହ ନଜରକୁ ଆସିବେ।

## ୨,୩୪୬ ପାଉଣ୍ଡର କଖାରୁ ପ୍ରଦର୍ଶନ କଲେ କାଲିଫର୍ନିଆ ଇଞ୍ଜିନିୟର

### ୫୨ତମ ବାର୍ଷିକ କଖାରୁ ଓଜନ ପ୍ରତିଯୋଗିତାର ଚାମ୍ପିୟନ ହେଲେ

ହାଫ୍ ମୁନ୍ ବେ, ୧୪।୧୦




ଉତ୍ତର କାଲିଫର୍ନିଆର ହାଫ୍ ମୁନ୍ ବେ ସହରରେ ୫୨ତମ ବାର୍ଷିକ କଖାରୁ ଓଜନ ପ୍ରତିଯୋଗିତାର ବିଶ୍ୱ ଚାମ୍ପିୟନଶିପକୁ ଇଞ୍ଜିନିୟର ତଥା ଉଦ୍ୟାନପ୍ରେମୀ ବ୍ରେଣ୍ଡନ ଡସନ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ସେ ଏକ ବିଶାଳ ୨,୩୪୬ ପାଉଣ୍ଡ (୧୦୬୪ କେ.ଜି.) ଓଜନର କଖାରୁକୁ ପ୍ରଦର୍ଶନ କରିଥିଲେ। ବିଜୟୀ ଘୋଷିତ ହେବା ପରେ ବ୍ରେଣ୍ଡନ ଖୁସିରେ ଉଲ୍ଲସିତ ହେବା ସହ ନିଜ ୨ ବର୍ଷର ପୁଅ ଏବଂ ୪ ବର୍ଷୀୟା ଝିଅଙ୍କୁ ତାଙ୍କ ଦ୍ୱାରା ଫଳିଥିବା ବିଶାଳ କଖାରୁ ଉପରେ ବସାଇଥିଲେ, ଯାହାର ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। ବିଜୟୀ ହେବା ପରେ ଏକ ସାକ୍ଷାତ୍‌କାରରେ ବ୍ରେଣ୍ଡନ କହିଛନ୍ତି, ଗତବର୍ଷ ମଧ୍ୟ ବାର୍ଷିକ କଖାରୁ ଓଜନ ପ୍ରତିଯୋଗିତାରେ ସେ ଜିତିବା ସ୍ଥିତିରେ ଥିଲେ। ତେବେ ସେ ଅଳ୍ପକେ ବିଜୟୀ ହେବାରୁ ବଞ୍ଚିତ ହୋଇଥିଲେ। ବୈଦ୍ୟୁତିକ ଯାନ ନିର୍ମାତା ରିଭିଆନ୍ ଅଟୋମେଟିଭ୍‌ର ମ୍ୟାନୁଫ୍ୟାକ୍ଚରିଂ ଇଞ୍ଜିନିୟର ଥିବା ବ୍ରେଣ୍ଡନ କହିଛନ୍ତି, ଏହି ବିଶାଳ କଖାରୁ ଫଳାଇବା ପାଇଁ ତାଙ୍କୁ ପ୍ରାୟ ୫ ବର୍ଷ ସମୟ ଲାଗିଥିଲା। ସବୁଠାରୁ ବଡ଼ କଖାରୁ ପ୍ରଦର୍ଶନ କରିଥିବାରୁ ବ୍ରେଣ୍ଡନଙ୍କୁ ଚାମ୍ପିୟନ ଆଖ୍ୟା ଦିଆଯାଇ ୨୦ ହଜାର ଡଲାର (ପ୍ରାୟ ୧୭ ଲକ୍ଷ ୭୫ ହଜାର ଟଙ୍କା)ର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଗତବର୍ଷ ଏହି ପ୍ରତିଯୋଗିତାରେ ବ୍ରେଣ୍ଡନଙ୍କ କଖାରୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଆମେରିକାର ମିନେସୋଟାସ୍ଥିତ ଉଦ୍ୟାନ କୃଷି ଶିକ୍ଷକ ଟ୍ରାଭିସ୍ ଜିଞ୍ଜର ୨,୪୭୧ ପାଉଣ୍ଡ (୧,୧୨୧ କେ.ଜି)ର କଖାରୁ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲେ।


Hero
VIDA
ଏହି ପାର୍ବଣରେ
ଘରେ ଘରେ
EVOOTER
VIDA
EVOOTER
VX2
ବଦଳୁଥିବା ଭାରତର ସ୍କୁଟର୍
REMOVABLE BATTERIES
CONVENIENCE OF INDOOR CHARGING
VIDA BaaS
BATTERY AS A SERVICE
5-YEAR COMPREHENSIVE WARRANTY**
500+ OUTLETS
FOR SALES AND SERVICE
STARTING @JUST
₹84 990*
(EXCLUDING STATE SUBSIDY)
WITH BaaS @JUST
₹44 990*
& PER km COST ₹1.24
Additional benefits available: extended battery warranty (up to 5 years/60k kms for VX2 Plus & 5 years/50k kms for VX2 Go); warranty on critical components up to 5 years/75k kms; access to the fast-charging network & MY VIDA App during the BaaS period; option to avail assured buyback of up to 67.5% of the effective showroom price of the VX2 series. *Limited-period offer. T&C apply. BaaS offer is subject to the terms & conditions of respective financiers. Visit us at: www.vidaworld.com
Hero MotoCorp Limited (CIN: L35911DL1984PLC017354)
Visit us in BERHAMPUR: Dharmanagar Main Road - LAKSHMI MOTORS, 9937174773


MARUTI SUZUKI ARENA
FOR THE ONES WHO HAVE IT ALL
PRESENTING
VICTORIS
GOT IT ALL
INTRODUCTORY PRICE
₹10 49 900*
LIMITED PERIOD ONLY
ALL-ROUND SAFETY
Level 2 ADAS with 10+ Features
+ 6 Airbags Standard
+ All Wheel Disc Brakes
IMMERSIVE IN-CAR EXPERIENCE
Dolby Atmos Spatial Sound Experience
+ Smartplay Pro X 25.65 cm
+ Alexa Auto Voice AI & 35+ In-built Apps
EFFORTLESS TECHNOLOGY
Smart Powered Tailgate with Gesture Control
+ Ventilated Front Seats
+ 8-way Powered Driver Seat
CRAFTED INTERIORS
64-Colour Ambient Lighting
+ Panoramic Sunroof
+ Plush Leatherette Seats
VERSATILE FUEL OPTIONS
Underbody S-CNG
+ Strong Hybrid with EV Mode
+ All Grip Select (4X4)
SCAN AND CONNECT TO A SHOWROOM NEAR YOU
E-BOOK TODAY AT WWW.MARUTISUZUKI.COM
CONTACT US AT 1800-102-1800
Applicable T&C available at your nearest dealership. Creative visualization. Car colour may vary due to printing on paper. Images used are for illustration purposes only. ADAS features are for driver assistance only. Driver is responsible for safe and attentive driving. Features may vary by model/conditions. For details on functioning of safety features including airbags, kindly refer to the Owner's Manual. Trademarks/logos being displayed belong to the respective owners. Infinity is the trademark of HARMAN International Industries, Incorporated. Dolby, Dolby Audio, Dolby Atmos and the double-D symbol are registered trademarks of Dolby Laboratories Licensing Corporation. Amazon, Alexa, and all related marks are trademarks of Amazon.com, Inc. or its affiliates. *Price for ex-showroom Delhi for Lxi (Petrol variant) applicable from 22nd September 2025.
VICTORIS

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ –୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା ।
- ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ବିଭାଗ ସାଂସ୍କୃତିକ ପରିଷଦର ଏକାଦଶ ଅବଦାନ ନାଟକ ସଳିତା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଅସୀମ ବାସୁ ଫାଉଣ୍ଡେଶନ୍ ପକ୍ଷରୁ ନାଟକ 'ନୋ ଏକ୍ସପାୟାରୀ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।

**ବାଲେଶ୍ୱର**
- ଅବଦୁଲ କଲାମଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ରୋମି, ପୋଲିସ ଲାଇନ୍ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଦିବ୍ୟାଙ୍ଗ ଖେଳାଳିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ।
- ସୁବର୍ଣ୍ଣରେଖାରୁ ବେଆଇନ ବାଲି ଉତ୍ତୋଳନ ବିରୋଧରେ ବୈଠକ, ସ୍ଥାନ: ବାଇଗଣବାଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା ।

**ଭଦ୍ରକ**
- ଜିଲା ପରିଷଦ ବୈଠକ, ସ୍ଥାନ : ଜିଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ : ପୂର୍ବାହ୍ନ ୧୦ଟା ।
- ତରାପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ପୋଡ଼ାପାଟଣାସ୍ଥିତ ସରକାରୀ ଉ.ପ୍ରା. ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ, ଆରଡ଼ି, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ନିଳୋକ ହରିହର ନୋଡାଲ ଉ.ପ୍ରା. ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା ।
- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମତୋ ଡିଗ୍ରୀ କଲେଜ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା ।
- ସ୍ୱର୍ଗତ ବିଜୟ ମିଶ୍ରଙ୍କ ସ୍ମୃତିସଭା, ସ୍ଥାନ: ଚରମ୍ପା ଅଗ୍ରେସନ ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା ।

**କେନ୍ଦୁଝର**
- ବିଶ୍ୱ ହାତଧୁଆ ଦିବସ ପାଳନ, ସ୍ଥାନ: ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

**ମୟୂରଭଞ୍ଜ**
- ଜିଲା ପରିଷଦ ବୈଠକ,ସ୍ଥାନ:ଜିଲାପରିଷଦ ସମ୍ମିଳନୀ କକ୍ଷ, ମୁର୍ଗାବାଡ଼ି, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା ।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା
- ୯ମ ଦିଶା ବୈଠକ, ସ୍ଥାନ:ଜିଲା ପରିଷଦ ସମ୍ମିଳନୀ କକ୍ଷ, ମୁର୍ଗାବାଡ଼ି, ବାରିପଦା,ସମୟ: ଅପରାହ୍ନ ୩ଟା ।
- ନାଟକ 'ଇତି ଯେବେ ହସେ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୭ଟା ।

**ବ୍ରହ୍ମପୁର**
- ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ସଚେତନତା ଅଭିଯାନ, ସ୍ଥାନ: ଆଇଟିଆଇ ଅଡିଟୋରିୟମ ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ ଟା ।
- ଏପିଜେ ଅବଦୁଲ କାଲାମଙ୍କ ଜନ୍ମ ଜୟନ୍ତୀ ପାଳନ, ସ୍ଥାନ: ସିଟି ହାଇସ୍କୁଲ ବ୍ରହ୍ମପୁର, ସମୟ ପୂର୍ବାହ୍ନ ୧୦ ଟା ।

**କନ୍ଧମାଳ**
- ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: କନ୍ଧମାଳ ଷ୍ଟାଡିୟମ ଫୁଲବାଣୀ, ସମୟ: ସକାଳ ୮ ଟା ।
- କନ୍ଧମାଳ ମିଳିତ ମଞ୍ଚର ପ୍ରତିବାଦ ଶୋଭାଯାତ୍ରା, ସ୍ଥାନ: ଫୁଲବାଣୀ, ସମୟ: ପୂର୍ବାହ୍ନ ୧୦ଟା ।

**ଢେଙ୍କାନାଳ**
- ମିଳିତ ଭସାଣି ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ: ମୀନାବଜାର ପୂଜା ମଣ୍ଡପ, ସମୟ: ସକାଳ ୮ଟା ।
- ନୋବେଲ ବ୍ୟାଖ୍ୟାନମାଳା ଶୀର୍ଷକ ସେମିନାର, ସ୍ଥାନ: ନିଗମାନନ୍ଦ ହାଇସ୍କୁଲ, ମହୁଲପାଳ, କାମାକ୍ଷାନଗର, ସମୟ: ଅପରାହ୍ନ ୨ଟା ।

**ଅନୁଗୋଳ**
- ମା' ଗଜଲକ୍ଷ୍ମୀଙ୍କ ମେଳଣ ଉତ୍ସବ, ଆତସବାଜି ପ୍ରଦର୍ଶନ ଓ ଆଜ୍ଞାଲଡ୍ଡୁ ନିଲାମ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡିପଦା, ସମୟ: ଅପରାହ୍ନ ୩ଟା ।

**ଜଗତ୍‌ସିଂହପୁର**
- ଭାଗବତ ପରିବାର ପକ୍ଷରୁ ୭ଦିନିଆ ଜଗନ୍ନାଥ ପ୍ରବଚନ ଓ ଭାଗବତ କଥାମୃତ କାର୍ଯ୍ୟକ୍ରମ, ସ୍ଥାନ: ଭାଗବତ ମଣ୍ଡପ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।

**କେନ୍ଦ୍ରାପଡ଼ା**
- ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ, ସ୍ଥାନ: ଗୋଗୁଆ ଛକ, କେନ୍ଦ୍ରାପଡ଼ା, ମାର୍କେଟ ଛକ, ମାର୍ଶାଘାଇ, ସମୟ: ସକାଳ ୮ଟା ।
- ମା' ଗଜଲକ୍ଷ୍ମୀଙ୍କ ଭସାଣ ଉତ୍ସବ, ସ୍ଥାନ: ଚାନ୍ଦୋଳ ବଜାର, ଡେରାବିଶ, ସମୟ: ଅପରାହ୍ନ ୩ଟା ।

**ଯାଜପୁର**
- ଶହୀଦ ଭଗତସିଂ ଯୁବକ ସଂଘ ପକ୍ଷରୁ ବିଶ୍ୱ ଧଳାବାଡି ଦିବସ ପାଳନ, ସ୍ଥାନ : ଯାଜପୁର ରୋଡ ବ୍ୟାସଦେବ ଟାଉନ ହଲ, ସମୟ : ପୂର୍ବାହ୍ନ ୧୧ଟା ।
- ଜିଲା ରାଜସ୍ୱ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା ।
- ଅଣ୍ଡର ଟ୍ରାଏଲ ପ୍ରିଜନର୍ସ ରିଭ୍ୟୁ କମିଟି ମିଟିଂ, ସ୍ଥାନ : ଜିଲା ଜଜଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ଟା ।
- ଡାଇଲେସିସ୍ ସେଣ୍ଟର ସଂକ୍ରାନ୍ତରେ ପ୍ରେଜେଣ୍ଟେସନ ପ୍ରୋଗ୍ରାମ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ଟା ।

**ନୟାଗଡ଼**
- ସତ୍ୟସାଇ ବାବାଙ୍କ ଦବ୍ୟପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ ରାମଚନ୍ଦ୍ରପୁର, ସରପଡା, ମର୍ଦ୍ଦରାଜପୁର, ବଡପଣ୍ଡୁସର, ସାନପଣ୍ଡୁସର, ନାରାୟଣୀପଡା ଓ ଚମ୍ପତିପୁର, ସମୟ: ସକାଳ ୮ଟାରୁ ରାତି ୯.୩୦ ।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଉପରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଓଡଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲାସ୍ତରୀୟ କଳା ଉତ୍ସବ, ସ୍ଥାନ: ନୟାଗଡ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ: ଅପରାହ୍ନ ୩ଟା ।
- ମାଗଣା କୃତ୍ରିମ ଅଙ୍ଗ ପ୍ରତିସ୍ଥାପନ ଶିବିର ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ: ରୋଟାରୀ କ୍ଲବ ନୟାଗଡ, ସମୟ: ଅପରାହ୍ନ ୪ଟା ।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୬ଷ୍ଠ ଦିବସରେ ବାଲ୍ମୀକି ସମ୍ବାଦ, ଦଶରଥଙ୍କ ମହାପ୍ରୟାଣ, ଭରତଙ୍କ ଚିତ୍ରକୁଟ ଗମନ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା ।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୬ଷ୍ଠ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସଂଧ୍ୟା ୭ଟା ।

**ରାୟଗଡ଼ା**
- ପୋଷଣ ମାହ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ମିଶନ ଶକ୍ତି ଭବନ, ଗୁଡାରି, ସମୟ: ପୂର୍ବାହ୍ନ ୧୧ଟା ।

**ନବରଙ୍ଗପୁର**
- ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ଉମରକୋଟ ବେହେଡ଼ାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ମାଁ ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ, ସ୍ଥାନ: ଡାବୁଗାଁ ବ୍ଲକ ରେଲି ସାହି, ସମୟ: ଅପରାହ୍ନ ୫ଟା ।
- ପ୍ରବଚକ କେଶବ ଦାସ ଦ୍ୱୀତିକୃଷ୍ଣଙ୍କ ଶେଷଦିନ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ସନ୍ଧ୍ୟା ୭ଟା ।

**କୋରାପୁଟ**
- ଅନୁସୂଚିତ ଜାତି ଓ ଜନଜାତି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ମୁଖ୍ୟ ଟ୍ରାଫିକ ଛକ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା ।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା ।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ସ୍କୁଲ ଛକ ସ୍ଥିତ ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି, ସମୟ: ସକାଳ ୯ଟା ।
- ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ଧନୁପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା ।
- ମାତା ଭଗବତୀ ଦେବୀ ଏବଂ ଅଖଣ୍ଡ ଦୀପ ଜନ୍ମ ଶତାବ୍ଦୀ ବର୍ଷ ଉପଲକ୍ଷେ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର କମଲି ବଜାର ସ୍ଥିତ ଗାୟତ୍ରୀ ପୀଠ ସମ୍ମୁଖ ରାସ୍ତା, ସମୟ : ପୂର୍ବାହ୍ନ ୧୧ଟା ।
- ନବରତ୍ନ ସାଂସ୍କୃତିକ ଅନୁଷ୍ଠାନର ରାବଣ ବଧ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା ।

**ବଲାଙ୍ଗୀର**
- ବଲାଙ୍ଗୀର ଜିଲା ସରପଞ୍ଚ ମହାସଂଘ ତୃତୀୟ ବାର୍ଷିକ ସମ୍ମିଳନୀ, ସ୍ଥାନ: ମୀନା ଟେଷ୍ଟହାଉସ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।

**ରାଉରକେଲା**
- ଶ୍ରୀଧର ସ୍ମୃତିଜ୍ଞାନ ବିକାଶ କେନ୍ଦ୍ରର ମାସିକ ସାହିତ୍ୟ ଆସର, ସ୍ଥାନ: ପଦ୍ମାବତୀ ମେମୋରିଆଲ ହଲ, ଜେଲ୍ ରୋଡ୍, ସମୟ: ଅପରାହ୍ନ ୫ଟା ।
- ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ଇଂରାଜୀ ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ରାଉରକେଲା କ୍ଲବ, ସ୍ଥାନ: ସନ୍ଧ୍ୟା ୬ଟା ୩୦ ।

**କଳାହାଣ୍ଡି**
- ଭାରତ ମୁକ୍ତିମୋର୍ଚ୍ଚା ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।
- ଅନ୍ତର୍ଜାତୀୟ ହାତଧୁଆ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ମ୍ୟୁନିସିପାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଟେରଚାପଲା, ସମୟ: ପୂର୍ବାହ୍ନ ୧୦ଟା ।

**ଦେବଗଡ଼**
- ଜିଲାସ୍ତରୀୟ କଳା ଉତ୍ସବ, ସ୍ଥାନ: ବାଳକ ପ୍ରାଥମିକ ବିଦ୍ୟାଳୟ,ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ନବୀନ ବରଣ ସମାରୋହ ୨୦୨୫, ସ୍ଥାନ: ଦେବଗଡ଼ ମହାବିଦ୍ୟାଳୟ ଦେବଗଡ଼, ସମୟ:ପୂର୍ବାହ୍ନ ୧୧ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ:ଦେବଗଡ଼ ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ:ସନ୍ଧ୍ୟା ୭ଟା ।

**ସୁବର୍ଣ୍ଣପୁର**
- ଗଜଲକ୍ଷ୍ମୀ ପୂଜାର ପୂର୍ଣ୍ଣାହୁତି ଓ ଭସାଣି ଉତ୍ସବ, ସ୍ଥାନ: ବିନିକା ଜୁହ୍ନାପଡା, ସମୟ: ସକାଳ ୮ଟାରୁ ।
- ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

**ନୂଆପଡ଼ା**
- ଗିରିଗୋବର୍ଦ୍ଧନ ପୂଜା ପାଇଁ ମାଟି ଅନୁକୂଳ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା ।
- ୮ତମ ମା' ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି ଓ ଭଷାଣି ଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ କିରକିଟା ଗାଁ, ସମୟ: ସକାଳ ୯ଟା ।

# ଶ୍ରୀମନ୍ଦିରକୁ ସମ୍ପୂର୍ଣ୍ଣ ବାରଣ ହେବ ମୋବାଇଲ୍

**ପୁରୀ,୧୪।୧୦(ଅଜିତ୍ କୁମାର ମହାନ୍ତି)**



## ■ ୱାକିଟକି ବ୍ୟବସ୍ଥା କରାଯିବ: ଗିରୀଶ୍ ମୁର୍ମୁ

ଶ୍ରୀମନ୍ଦିରକୁ ମୋବାଇଲ୍ ସମ୍ପୂର୍ଣ୍ଣ ବାରଣ ହେବ। ପୋଲିସ ଓ ସେବାୟତ କେହି ବି ମୋବାଇଲ୍ ନେଇପାରିବେନି। ଆଗକୁ ୱାକିଟକି ବ୍ୟବସ୍ଥା ହେବ ବୋଲି ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟି ବୈଠକରେ ସୁରକ୍ଷା ସବ୍‌କମିଟିର ଅଧ୍ୟକ୍ଷ ଗିରୀଶ୍ ଚନ୍ଦ୍ର ମୁର୍ମୁ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇବା ପାଇଁ ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟି ବୈଠକ ମଙ୍ଗଳବାର ସ୍ଥାନୀୟ ନୀଳାଦ୍ରି ଭକ୍ତନିବାସ ପରିସରରେ ଅଧ୍ୟକ୍ଷ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କିଭଳି ଆହୁରି ଅଧିକ କଡ଼ାକଡ଼ି କରାଯାଇପାରିବ, ସେନେଇ ବୈଠକରେ ଆଲୋଚନା କରାଯାଇଛି।

ବୈଠକରେ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର ବରିଷ୍ଠ ଅଧିକାରୀ, ସୁରକ୍ଷା ଅଧିକାରୀ, ଏସ୍‌ପି, ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସବ୍‌କମିଟିର ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ମୁର୍ମୁ କହିଛନ୍ତି, ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା କିଭଳି ଆହୁରି ବୃଦ୍ଧି କରିହେବ ସେନେଇ ମଙ୍ଗଳବାର ବୈଠକରେ ଆଲୋଚନା ହେବା ସହ ବିଭିନ୍ନ ପ୍ରସଙ୍ଗରେ ମତ ନିଆଯାଇଛି। ଶ୍ରୀମନ୍ଦିରର ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ପାଇଁ କେତେ ଅର୍ଥ ଆବଶ୍ୟକ ରହିଛି, କେତେଶୀଘ୍ର ଏହାକୁ କାର୍ଯ୍ୟକାରୀ କରିହେବ ସେନେଇ ଆଲୋଚନା କରାଯାଇଛି। ଅପରପକ୍ଷେ ଶ୍ରୀମନ୍ଦିରକୁ ରେଡ୍ ଜୋନ୍ ଘୋଷଣା କରାଯାଇଥିବା ବେଳେ ଶ୍ରୀମନ୍ଦିର ଉପରକୁ ଡ୍ରୋନ୍ ଆସିଲେ କିଭଳି ତାକୁ ଚିହ୍ନଟକରି ଅକାମୀ କରିହେବ, କିଭଳି ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା ରହିଛି ତାହାର ବ୍ୟବସ୍ଥା କରାଯିବ। ଏପରିକି କାର୍ଯ୍ୟରତ ପୋଲିସ ଓ ସେବାୟତମାନେ ଶ୍ରୀମନ୍ଦିରକୁ ମୋବାଇଲ୍ ନେଇପାରିବେନାହିଁ ବୋଲି ନିଷ୍ପତ୍ତି ହୋଇଛି। ସେଥିପାଇଁ ୱାକିଟକିର ବ୍ୟବସ୍ଥା କରାଯିବ ବୋଲି ଅଧ୍ୟକ୍ଷ ମୁର୍ମୁ କହିଛନ୍ତି।

ଏନେଇ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପାଢ଼ୀ ସୂଚନା ଦେଇଛନ୍ତି ଯେ, ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି। ଗୋଟିଏ ଟିମ୍ ତିରୁପତି ମନ୍ଦିର ସହ ଅନ୍ୟାନ୍ୟ ମନ୍ଦିର ଆଦି ଯାଇ ସୁରକ୍ଷା ବ୍ୟବସ୍ଥାକୁ ଦେଖି ଆସିବା ପରେ ଏଠାରେ ସେଭଳି ବ୍ୟବସ୍ଥା କରାଯିବ। ଏନେଇ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ପୂର୍ବତନ ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟି ପକ୍ଷରୁ କରାଯାଇଥିଲା। ଶ୍ରୀମନ୍ଦିର ଭିତର ଓ ବାହାର ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରାଯିବା ସହ ସୁରକ୍ଷାକୁ ନେଇ ଲୋକଙ୍କୁ ସଚେତନ କରାଇବା ଦିଗରେ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଯଥେଷ୍ଟ ସିସିଟିଭି କାମେରା ଲାଗିବା ଉଚିତ। ଡାଟା ସୁରକ୍ଷା ପାଇଁ ଯୋଜନା କରାଯାଉଛି ବୋଲି ମହାପାତ୍ର କହିଛନ୍ତି। ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ସୁରକ୍ଷା ସବ୍‌କମିଟିର ପ୍ରଥମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ୪ଟି ଭାଗରେ ସୁରକ୍ଷା ବ୍ୟବସ୍ଥାକୁ ବିଭକ୍ତ କରାଯାଇ ବିସ୍ତୃତ ଆଲୋଚନା ହୋଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯିବାକୁ କୁହାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଏଆଇ କ୍ୟାମେରା ଲଗାଯାଇ ଭିଡ଼ ନିୟନ୍ତ୍ରଣ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶ୍ରୀମନ୍ଦିର ବାହାର ଓ ଭିତରର ସୁରକ୍ଷା ପରିଚାଳନା ନେଇ ଆଲୋଚନା କରାଯାଇଛି। ବାହାରେ ନିୟୋଜିତ ପୋଲିସ କର୍ମଚାରୀଙ୍କୁ ଅଧିକ ବଡି କ୍ୟାମେରା ବ୍ୟବହାର ସହ ୱାକିଟକି ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଓ ଘରୋଇ ସୁରକ୍ଷାକର୍ମୀଙ୍କୁ ଅଧିକ ପ୍ରଶିକ୍ଷଣ ଦିଆଯିବ। ଶ୍ରୀମନ୍ଦିରର ସୁରକ୍ଷା ପାଇଁ କ୍ୱିକ୍ ରେସ୍‌ପନ୍ସ ଟିମ୍ ରହିବେ। ସୁରକ୍ଷା ଟେକ୍ନୋଲୋଜିକୁ ଯେପରି ଆହୁରି ଆଧୁନିକୀକରଣ କରାଯାଇପାରିବ, ସେନେଇ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ସିଂ କହିଛନ୍ତି। ବୈଠକ ପରେ କମିଟି ଅଧ୍ୟକ୍ଷ ଓ ସଦସ୍ୟମାନେ ଶ୍ରୀମନ୍ଦିର ନିକଟକୁ ଯିବା ସହ ମନ୍ଦିର ନିକଟରେ ଥିବା କଣ୍ଟ୍ରୋଲ୍ ରୁମ୍‌କୁ ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଦର ନ ଥାଇ ଯେଉଁ ଭୋଜନ**
**ନିଶ୍ଚିନ୍ତ ନ ହୋଇ ଯେଉଁ ଶୟନ**
**ଚିତ୍ତ ଥୟ ନାହିଁ ଯେଉଁ ଭଜନ**
**ବୋଲେ ଦନାଇ ଏ ଅତି ହୀନିମାନ ।**

ନିମନ୍ତ୍ରିତ ଭୋଜନରେ ଆଦର ଭାବ ନ ଥିଲେ ସେଭଳି ଭୋଜନରେ ତୃପ୍ତି ମିଳି ନ ଥାଏ। ଶୋଇଲା ବେଳେ ଚିନ୍ତା ଶୂନ୍ୟ ନ ହେଲେ ସୁନିଦ୍ରା ଆସି ନ ଥାଏ। ଠିକ ସେହିପରି ଈଶ୍ୱରଙ୍କୁ ଆରାଧନା ବା ଭଜନ କଲାବେଳେ ଚିତ୍ତ ସ୍ଥିର ନ ଥିଲେ ସେଥିରେ କୌଣସି ସୁଫଳ ବା ପ୍ରଭୁକୃପା ମିଳିପାରି ନ ଥାଏ। ତେଣୁ ଏଭଳି ଅବସ୍ଥାମାନଙ୍କରେ କେବେବି ପ୍ରସନ୍ନତା ଉତ୍ପନ୍ନ ହୁଏନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆଦ୍ର ପାଦ ହୋଇ ଭୁଞ୍ଜାଇ ଯେଉଁ ନର**
**ଶତେକ ବରଷ ଆୟୁ ବଢ଼ଇ ତାହାର ।**

ହାତ ଗୋଡ଼ ଧୋଇ କରି ଭୋଜନ କରିବା ଉଚିତ୍ ହୋଇଥାଏ। ଓଦା ପାଦରେ ଭୋଜନ କରୁଥିବା ବ୍ୟକ୍ତି ଶତାୟୁ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ୫୧୦୦ ବୋତଲ କଫ୍ ସିରପ୍...

ଅଗ୍ରିମ ରାଶି ଅନୁସାରେ ବଣ୍ଟନ କରାଯିବାର ଥିଲା। ଏହି ରାକେଟ୍‌ରେ ଆହୁରି ଅନେକ ସାମିଲ ଥିବା ଅନୁମାନ କରାଯାଉଛି। ପଚରାଉଚରା ବେଳେ ମୁଖ୍ୟ ଅଭିଯୁକ୍ତଙ୍କ ସ୍ୱୀକାରୋକ୍ତି ଅନୁସାରେ ସେମାନେ ଏଠାରୁ ଭଡ଼ାସୂତ୍ରରେ ଗାଡ଼ି ନେଇ କଟକ ଯାଇଥିଲେ। ସେଠାରେ ପହଞ୍ଚିଲା ପରେ ନିୟମିତ ପ୍ରକ୍ରିୟା ଅନୁସାରେ ଅନ୍ୟ ଏକ ଚାଳକ ଗାଡ଼ିକୁ ନେଇ ଅଜ୍ଞାତ ସ୍ଥାନରେ ଥିବା ଗୋଦାମରେ କଫ୍ ସିରପ୍‌କୁ ବୋଝେଇ କରିଥିଲେ। ଏହାବାଦ ସେ କଫ୍ ସିରପ୍ ବୋଝେଇ ଗାଡ଼ିକୁ ଆଣି ପୂର୍ବ ଚାଳକଙ୍କୁ ହସ୍ତାନ୍ତର କରିଥିଲେ। ନିଶା କଫ୍ ସିରପ୍ ନେଇ ଅଭିଯୁକ୍ତମାନେ ସେଗୁଡ଼ିକୁ ଚୋରାରେ ସମ୍ବଲପୁର ଚାଲାଣ କରୁଥିଲେ। କୋଲକାତା ଓ ରାୟପୁରରୁ ନିଶା କଫ୍ ସିରପ୍‌କୁ ଚୋରାରେ ଚାଲାଣ କରି ଏହି କାରବାରର କିଙ୍ଗପିନ୍ ଏହାକୁ ଅଜ୍ଞାତ ସ୍ଥାନରେ ଗଚ୍ଛିତ ରଖି ବେଆଇନ ଭାବେ ବିକ୍ରୟ କରନ୍ତି। ତେବେ କିଙ୍ଗପିନ୍‌ଙ୍କ ନିକଟରେ ପହଞ୍ଚିବାକୁ ପୋଲିସ ପ୍ରୟାସ ଜାରି ରଖିଛି ବୋଲି ଏସ୍‌ପି ଭାମୁ କହିଛନ୍ତି।

## ଓଡ଼ିଶାରେ ୯୧୨...

ରିପୋର୍ଟ ଅନୁଯାୟୀ, ପଶ୍ଚିମଘାଟ ପର୍ବତମାଳାରେ ୧୧,୯୩୪ ବଣୁଆ ହାତୀ ରହିଥିବାବେଳେ ଉତ୍ତରପୂର୍ବ ପାହାଡ଼ ଅଞ୍ଚଳରେ ୬,୫୫୯ ହାତୀ ରହିଛନ୍ତି। ଗାଙ୍ଗେୟ ସମତଳ ଭୂମିରେ ୨,୦୬୨ ଏବଂ କେନ୍ଦ୍ରୀୟ ଭାରତ ଏବଂ ପୂର୍ବଘାଟ ଅଞ୍ଚଳରେ ୧,୮୯୧ ବଣୁଆ ହାତୀ ରହିଛନ୍ତି। ରାଜ୍ୟଗୁଡ଼ିକ ମଧ୍ୟରେ କର୍ଣ୍ଣାଟକରେ ସର୍ବାଧିକ ୬,୦୧୩ ବଣୁଆ ହାତୀ ରହିଛନ୍ତି। ଏହା ପଛକୁ ଆସାମରେ ୪,୧୫୯. ତାମିଲନାଡୁରେ ୩,୧୩୬, କେରଳରେ ୨,୭୮୫, ଉତ୍ତରାଖଣ୍ଡରେ ୧,୭୯୨, ଓଡ଼ିଶାରେ ୯୧୨, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ରେ ସଂଯୁକ୍ତ ଭାବେ ୬୫୦ରୁ ଅଧିକ ବଣୁଆ ହାତୀ ରହିଛନ୍ତି। ଭୂମି ସର୍ଭେ, ସାଟେଲାଇଟ ଆଧାରିତ ମ୍ୟାପିଂ, ଆନୁବଂଶିକ ବିଶ୍ଳେଷଣକୁ ମିଶ୍ରଣକରି ଏକ ୩ ପର୍ଯ୍ୟାୟ ବିଶିଷ୍ଟ ପ୍ରକ୍ରିୟାରେ ଏହି ହାତୀ ଗଣନା କରାଯାଇଛି।

# ଘାତକ କଫ୍ ସିରପ୍ ଲେଖିବା ପାଇଁ ଡାକ୍ତର ପାଉଥିଲେ ୧୦% କମିଶନ

**ଭୋପାଳ,୧୪।୧୦**

ତାମିଲନାଡୁର ସ୍ରେସାନ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀ ପ୍ରସ୍ତୁତ କୋଲ୍ଡରିଫ୍ କଫ୍ ସିରପ୍ ପିଇ କେବଳ ମଧ୍ୟପ୍ରଦେଶରେ ୨୩ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ଏହି ଘଟଣାରେ ପୋଲିସ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପ୍ରବୀନ୍ ସୋନିଙ୍କୁ ଗିରଫ କରିଥିଲା। ପାରାସିଆର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ହୋଇଥିବା ଡା. ସୋନି ଏହି ଘାତକ କଫ୍ ସିରପ୍ ଲେଖିବା ପାଇଁ କମ୍ପାନୀଠାରୁ ବୋତଲ ପିଛା ୨ ଟଙ୍କା ୫୪ ପଇସା ପାଉଥିଲେ। କୋଲ୍ଡରିଫ୍ ସିରପ୍ ୨୪ ଟଙ୍କା ୫୪ ପଇସାରେ ବିକ୍ରି ହେଉଥିବାବେଳେ ଡାକ୍ତରଙ୍କୁ ପ୍ରାୟ ୧୦ ପ୍ରତିଶତ କମିଶନ ମିଳୁଥିଲା ବୋଲି ସେ ଜେରା ବେଳେ ତଦନ୍ତକାରୀ ଅଫିସରଙ୍କ ନିକଟରେ ସ୍ୱୀକାର କରିଛନ୍ତି। ଡାକ୍ତର କ୍ରମାଗତ ଭାବେ ଏହି ସିରପ୍ ଲେଖିଚାଲିଥିଲେ। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ କଫ୍ ସିରପ୍ ପିଇ ଶିଶୁମାନଙ୍କ ମୃତ୍ୟୁ ଘଟିବା ପରେ ଏହାର ବିକ୍ରିକୁ ବିଭିନ୍ନ ରାଜ୍ୟରେ ବ୍ୟାନ୍ କରାଯିବା ସହ କମ୍ପାନୀର ଲାଇସେନ୍ସ ରଦ୍ଦ କରାଯାଇଛି। କମିଶନ ଗ୍ରହଣ କରୁଥିବା ସମ୍ପର୍କରେ ପୋଲିସ ଅଦାଲତଙ୍କୁ ଜଣାଇବା ପରେ ମଧ୍ୟପ୍ରଦେଶର ଏକ ଜିଲା କୋର୍ଟ ଡା. ସୋନିଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷରେ ପୋଲିସ ମନଗଢ଼ା କାହାଣୀ ସୃଷ୍ଟି କରିଛି, ଯାହା ଆଇନ ଅନୁଯାୟୀ ମୂଲ୍ୟହୀନ। ଡା. ସୋନିଙ୍କ ବିରୋଧରେ ପ୍ରତ୍ୟକ୍ଷ ପ୍ରମାଣ ନ ଥିବା ତାଙ୍କ ଓକିଲ ପଦ୍ମନ ଶୁକ୍ଲା କୋର୍ଟଙ୍କୁ କହିଥିଲେ।

କୋଲ୍ଡରିଫ୍ କଫ୍ ସିରପ୍‌ରେ ବିଷାକ୍ତ ଡାଇଇଥାଇଲିନ୍ ଗ୍ଲାଇକୋଲ ନାମକ ରାସାୟନିକ ରହିଛି, ଯାହା ପିଲାଙ୍କ କିଡ୍‌ନୀକୁ ଅକାମୀ କରିଦେଉଥିଲା। ଏହି ବିପଦ ସମ୍ପର୍କରେ ଜାଣି ମଧ୍ୟ ଡା. ସୋନି ଉକ୍ତ ସିରପ୍ ଲେଖିଚାଲିଥିଲେ। ଡାକ୍ତର ସୋନିଙ୍କ ସମେତ ସ୍ରେସାନ ଫାର୍ମାସ୍ୟୁଟିକାଲ୍ସ ମାଲିକ ରଙ୍ଗନାଥନ୍ ପୋଲିସ ହାଜତରେ ରହିଥିବାବେଳେ ଉକ୍ତ କମ୍ପାନୀକୁ ବନ୍ଦ କରିଦେବାକୁ ତାମିଲନାଡୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କମ୍ପାନୀ ପରିସରରେ ଚଢ଼ାଉ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବନ୍ଧୁଙ୍କ ସହାୟତାରେ ଅର୍ଥ ସାଙ୍ଗକୁ ପାରିବାରିକ ସୁଖ ସମ୍ମାନ ମଧ୍ୟ ମିଳିବ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। ବାଣିଜ୍ୟ ବ୍ୟବସାୟ, ପରିବହନ, ନିର୍ମାଣ, ଜମିଜମା, ଯାତ୍ରା ପ୍ରଭୃତିରେ ସଫଳତା ହାସଲ କରିବେ। କୌଣସି ସ୍ପର୍ଶକାତର କଥାରେ ହସ୍ତକ୍ଷେପ କଲେ ମନସ୍ତାପ କରିବେ।

**ବୃଷ**
କର୍ମକ୍ଷେତ୍ରରେ ଆକସ୍ମିକ ଭାବରେ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁମାନେ ସାମୟିକ ସହଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇବେ। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ**
କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସଭାସମିତି, ସାହିତ୍ୟ କ୍ଷେତ୍ର ସହ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ବାଣିଜ୍ୟ, ବ୍ୟବସାୟ, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ପରିବାରର ଋଣଭାର କ୍ରମଶଃ ବୃଦ୍ଧି ପାଉଥିବାରୁ ଚିନ୍ତା କରିବେ।

**କର୍କଟ**
ଚେଷ୍ଟା କରୁଥିବା କାମ ହାସଲରୁ ମନ ପ୍ରଫୁଲ୍ଲ ରହିବ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସହଯୋଗ,ସୁଖ ସମ୍ମାନର ଅଭାବ ରହିବ ନାହିଁ କିନ୍ତୁ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ**
ନିଜ ତରଫରୁ କୌଣସି ଭୁଲ୍ ନ କଲେ ମଧ୍ୟ ମିଥ୍ୟାରୋପ ଲାଗିପାରେ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ଅପରାହ୍ନରେ ତାହା ଟିକିଏ ବିଳମ୍ବରେ ପାଇବେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା**
ସମସ୍ତ ସୁବିଧା ଥିଲେ ମଧ୍ୟ କୌଣସି କାମ ସହଜରେ ସମ୍ପନ୍ନ ହେବ ନାହିଁ। ଗଠନମୂଳକ କିମ୍ବା ସାମୂହିକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଋଣ ସୂତ୍ରରେ ଅର୍ଥଲାଭ କରିବେ, ଅବଶ୍ୟ ବହୁତ ଫନ୍ଦିଫିକର କରିବା ପରେ ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ନାନାଦି କଥା କହିପାରନ୍ତି।

**ତୁଳା**
ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ କିନ୍ତୁ ଆଶାନୁରୂପ ଫଳ ପାଇବେ ନାହିଁ। ଯାତ୍ରା ସମୟରେ ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି। ଆଜି ଦିନଟିରେ ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ।

**ବିଛା**
ପରିସ୍ଥିତି ଓ ପରିବେଶର ବିଷମତା ଫଳରେ କର୍ମ କ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବାକୁ ବାଧ ହେବେ। ପ୍ରିୟଜନଙ୍କ ସହ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାରେ ପଛେଇ ଯାଇପାରନ୍ତି । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ।


**ଧନୁ**
କର୍ମକ୍ଷେତ୍ରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଉନ୍ନୟନ ମୂଳକ କାମ ବାଧାପ୍ରାପ୍ତ ହୋଇପାରେ। କୌଣସି ଅସମର୍ଥିତ ସୂତ୍ରରୁ କୌଣସି ଖବର କିମ୍ବା ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ଅଫିସରେ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ।

**ମକର**
କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିଲେ ମଧ୍ୟ କାମ ହାସଲ କରିପାରିବେ। ପରିବାର ଭିତରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ**
ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ପ୍ରଶାସନ ଓ ପରିବହନରେ ସମସ୍ୟାର ସମାଧାନର ରାସ୍ତା ଖୋଲିଯିବ। ଆର୍ଥିକ ଅନଟନ ଲାଗି ରହିବା ଦ୍ୱାରା କେତେକ କାମ ବାଧା ପ୍ରାପ୍ତ ହୋଇପାରେ। ପ୍ରଥମେ କାମଟି କରିସାରିବା ପରେ ଚିନ୍ତା କରି ମନସ୍ତାପ କରିବାକୁ ପଡ଼ିବ ।

**ମୀନ**
ଆଜିର କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସଙ୍ଗକୁ ସୁନାମ ମଧ୍ୟ ଅର୍ଜନ କରିବେ। କଳା, ସାହିତ୍ୟ ଓ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

ଆଜି ଅକ୍ଟୋବର ୧୫ ତାରିଖ, ବିଶ୍ୱ ଛାତ୍ର ଦିବସ, ବିଶ୍ୱ ହାତଧୁଆ ଦିବସ, ଏ.ପି.ଜେ, ଅବ୍‌ଦୁଲ୍ କଲାମଙ୍କ ଜୟନ୍ତୀ, ଶିରିଡି ସାଇବାବାଙ୍କ ମହାପ୍ରୟାଣ ଦିବସ। କାର୍ତ୍ତିକ କୃଷ୍ଣ ନବମୀ ଯୁକ୍ତ ଦଶମୀ ବୁଧବାର। ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ରାଶିନକ୍ଷତ୍ର-ଦିବା ଘ.୧୨.୦୧ମି. ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ସକାଳ ଘ.୦୫.୪୪ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୨ମି. ଗତେ ଘ.୧୨.୫୯ମ. ମଧ୍ୟେ ରାହୁକାଳ।




# ଏମ୍‌କେସିଜିରେ ଇଣ୍ଟର ମେଡିକାଲ କଲେଜ ଫେଷ୍ଟ ବନ୍ଦ

ବ୍ରହ୍ମପୁର,୧୪।୧୦(ସୁବାସ ଚନ୍ଦ୍ର ପାଢ଼ୀ)


ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜରେ ଇଣ୍ଟର ମେଡିକାଲ କଲେଜ ଫେଷ୍ଟ ବନ୍ଦ ହୋଇଛି।

ସୋମବାର ବିଳମ୍ବିତ ରାତିରେ କାର୍ଯ୍ୟକ୍ରମକୁ ଆସିଥିବା କଟକ ମେଡିକାଲ କଲେଜ ଛାତ୍ରଙ୍କୁ ସ୍ୱାଗତ କରିବା ସମୟରେ ଏମ୍‌କେସିଜିର କେତେଜଣ ଛାତ୍ର ଆକ୍ରମଣ କରିଥିଲେ। ଆକ୍ରମଣରେ ଆହତ ଛାତ୍ରଙ୍କ ପକ୍ଷରୁ ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଘଟଣା ସମ୍ପର୍କରେ ଖବରପାଇ ଏମ୍‌କେସିଜି ମେଡିକାଲ କଲେଜ ପ୍ରିନ୍ସିପାଲ ତଥା ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ ମଙ୍ଗଳବାର ଅପରାହ୍ଣରେ ଜରୁରିକାଳୀନ କାଉନ୍‌ସିଲ ବୈଠକ ଡାକିଥିଲେ। ଏଭଳି ଘଟଣାକୁ ବୈଠକରେ ନିନ୍ଦା କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ କାର୍ଯ୍ୟକ୍ରମକୁ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ମେଡିକାଲ କଲେଜ ଛାତ୍ରଙ୍କୁ ଆକ୍ରମଣ ଘଟଣାରେ ଡିନ୍ ଦୁଃଖ ପ୍ରକାଶ କରିବା ସହ ଏଭଳି କାର୍ଯ୍ୟକଳାପ ଏମ୍‌କେସିଜି ମେଡିକାଲ କଲେଜର ଖ୍ୟାତି ଓ ଗରିମାକୁ କ୍ଷୁଣ୍ଣ କରିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟକ୍ରମ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏହାକୁ ବନ୍ଦ କରାଯିବା ପ୍ରତିବାଦରେ ଏମ୍‌କେସିଜି ମେଡିକାଲ କଲେଜ ଛାତ୍ରମାନେ ଡିନ୍‌ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ମେଡିକାଲ କର୍ତ୍ତୃପକ୍ଷ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

## ଛାତ୍ରଙ୍କୁ ଆକ୍ରମଣ ଘଟଣାର ନିନ୍ଦା, ଦୁଃଖ ପ୍ରକାଶକଲେ ଡିନ୍


ଇଣ୍ଟର ମେଡିକାଲ କଲେଜ ଫେଷ୍ଟ ବନ୍ଦ ସମ୍ପର୍କରେ ଡିନ୍ ସୂଚନା ଦେଉଛନ୍ତି।

ଗତ ୧୨ ତାରିଖରୁ ଏମ୍‌କେସିଜି ମେଡିକାଲ କଲେଜରେ ଇଣ୍ଟର ମେଡିକାଲ କଲେଜ ଫେଷ୍ଟ ଆରମ୍ଭ ହୋଇଥିଲା। ଏହାର ମୁଖ୍ୟ କାର୍ଯ୍ୟକ୍ରମ ଆସନ୍ତା ୧୭ରୁ ୧୯ ଯାଏ ହେବାର ଥିଲା। ଏଥିରେ ଯୋଗଦେବାକୁ ରାଜ୍ୟର ୧୪ଟି ମେଡିକାଲ କଲେଜର ଛାତ୍ରମାନେ ଆସିଥିଲେ। ସୋମବାର ରାତି ୧ଟାରେ ବୁର୍ଲା ମେଡିକାଲ କଲେଜ ଛାତ୍ର ଏମ୍‌କେସିଜିରେ ପହଞ୍ଚିଥିଲେ। ସେ ସମୟରେ ଦୁଇ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ଖବରପାଇ ଡିନ୍ ସେଠାରେ ପହଞ୍ଚିବା ବେଳକୁ ସ୍ଥିତି ସ୍ୱାଭାବିକ ରହିଥିବା ସେ ଜାଣିବାକୁ ପାଇଥିଲେ। ପରେ କଟକ ମେଡିକାଲ କଲେଜ ଛାତ୍ର ରାତି ସାଢ଼େ ୨ଟାରେ ପହଞ୍ଚିଥିଲେ। ସେମାନଙ୍କୁ ସ୍ୱାଗତ ବେଳେ ପଥର ମାଡ଼ କରାଯାଇଥିଲା, ଯାହାଫଳରେ କେତେଜଣ ଛାତ୍ର ଆହତ ହୋଇଥିଲେ। ଆହତ ଛାତ୍ରମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନେ କଟକ ଫେରିଯାଇଥିଲେ। ଏ ନେଇ କଟକ ମେଡିକାଲ କର୍ତ୍ତୃପକ୍ଷ ଏମ୍‌କେସିଜି ଡିନ୍‌ଙ୍କୁ ଜଣାଇଥିଲେ। କାର୍ଯ୍ୟକ୍ରମ ବନ୍ଦ ହେବା ପରେ ଏଠାକୁ ଆସିଥିବା ସମସ୍ତ ଛାତ୍ରଙ୍କୁ ଫେରିଯିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ୨ ବର୍ଷ ତଳେ ବୁର୍ଲା ମେଡିକାଲ କଲେଜରେ ହୋଇଥିବା ଫେଷ୍ଟରେ ଭାଗନେବାକୁ ଯାଇଥିବା ଏମ୍‌କେସିଜିର ଛାତ୍ରଙ୍କୁ ସ୍ୱାଗତ ନାଁରେ ଆକ୍ରମଣ କରାଯାଇଥିଲା।




# ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଆଦର୍ଶ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

ଭୁବନେଶ୍ୱର,୧୪।୧୦
(ରବିନାରାୟଣ ଜେନା)

- ୨ ଦିନରେ ୩୬୩ ଅଧିକାରୀଙ୍କ ବଦଳି
- ନୂଆପଡ଼ାର ବିଭିନ୍ନ ବ୍ଲକ୍‌କୁ ଏକାଧିକ ଅଧିକାରୀଙ୍କ ବଦଳି

ଭାରତ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ନିର୍ଦ୍ଦେଶକ୍ରମେ ସୋମବାରଠାରୁ ନୂଆପଡ଼ା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ଏହାପୂର୍ବରୁ ଚଳିତ ମାସ ୬ ତାରିଖରୁ ସମ୍ପୂର୍ଣ୍ଣ ନୂଆପଡ଼ା ଜିଲାରେ ଆଦର୍ଶ ଆଚରଣବିଧି(କୋଡ୍ ଅଫ୍ କଣ୍ଡକ୍ଟ) ଲାଗୁହୋଇଛି। ତେବେ ନୂଆପଡ଼ା ଜିଲାରେ ଉପନିର୍ବାଚନ ଲାଗି ଆଦର୍ଶ ଆଚରଣବିଧି ବଳବତ୍ତର ରହିଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ଉକ୍ତ ଜିଲାରେ ସଂଖ୍ୟାଧିକ ଭେଟେରିନାରି ଓ ଫିଶେରି ସେବା ବର୍ଗର ଅଧିକାରୀଙ୍କୁ ବଦଳି କରାଯାଇଛି, ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ଅକ୍ଟୋବର ୧୩ ଏବଂ ୧୪ ଦୁଇଦିନରେ ୩୬୩ ଜଣ ଭେଟେରିନାରି ଓ ଫିଶେରି ଅଧିକାରୀଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନକୁ ବଦଳି କରାଯାଇ ଜଣଙ୍କୁ ପଦୋନ୍ନତି ଦିଆଯାଇଛି। ବିଜ୍ଞପ୍ତି ଅନୁଯାୟୀ, କେବଳ ୧୪ ତାରିଖରେ ୨ଟି ପର୍ଯ୍ୟାୟରେ ୨୧୮ ଜଣ ଓଭିଏସ୍ ଅଧିକାରୀଙ୍କ ବଦଳି ହୋଇଛି। ୧୭୧ ଜଣିଆ ବିଜ୍ଞପ୍ତିରେ ୨ ଅଧିକାରୀଙ୍କୁ ନୂଆପଡ଼ାରେ ନିଯୁକ୍ତ କରାଯାଇଥିବାବେଳେ ଅନ୍ୟ ୨ ଅଧିକାରୀଙ୍କୁ ନୂଆପଡ଼ାରୁ ଅନ୍ୟତ୍ର ବଦଳି କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ, ନୂଆପଡ଼ା ଜିଲା ଖରିଆର ବ୍ଲକ୍‌ରେ କାର୍ଯ୍ୟରତ ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ ଡ. ଶିବାନୀ ସୋନିଙ୍କୁ କଟକ, ବକ୍ସିବଜାର ଭିଏଏସ୍ ରେଫରାଲ ହସ୍ପିଟାଲକୁ ବଦଳି କରାଯାଇଥିବାବେଳେ ବଲାଙ୍ଗୀର ବଙ୍ଗମୁଣ୍ଡାରୁ ଭିଏଏସ୍ ଡ. ସତ୍ୟବ୍ରତ ପରିଡ଼ାଙ୍କୁ ନୂଆପଡ଼ା ଭିଏଏସ୍(ଏମ୍‌ଭିୟୁ), ପୁରୀ ଜିଲା ଗୋପର ଭିଏଏସ୍ ଡ. ସାଗର ସାହୁଙ୍କୁ କୋମନା ବ୍ଲକର ଏଭିଏଏସ୍ ଭାବେ ଏବଂ ନୂଆପଡ଼ା କୋମନା ବ୍ଲକରେ ଥିବା ଡ. ପ୍ରତିଭା ମାଝୀଙ୍କୁ କଳାହାଣ୍ଡି ଏମ୍. ରାମପୁରକୁ ଏଭିଏଏସ୍ ଭାବେ ବଦଳି କରାଯାଇଛି। ଏହାବାଦ୍ ଗତ ୧୩ ତାରିଖରେ ହୋଇଥିବା ଆସିଷ୍ଟାଣ୍ଟ ଫିଶେରି ଅଫିସରଙ୍କ ୯୮ ଜଣିଆ ବଦଳି ବିଜ୍ଞପ୍ତିରେ ବିଜୟ କୁମାର ମାଝୀଙ୍କୁ ନବରଙ୍ଗପୁରରୁ ନୂଆପଡ଼ା ଖରିଆର ଫିଶ୍ ଫାର୍ମକୁ ବଦଳି କରାଯାଇଥିବାବେଳେ ଖରିଆର ଫିଶ୍ ଫାର୍ମରେ ଥିବା ଭବାନୀ ଶଙ୍କର ପଣ୍ଡାଙ୍କୁ କଳାହାଣ୍ଡି ଜିଲା ମତ୍ସ୍ୟ ଅଧିକାରୀ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଅନ୍ୟପକ୍ଷରେ ୧୩ରେ ବରିଷ୍ଠ ଓଭିଏସ୍ ଡ. ଶମ୍ଭୁ ପ୍ରସାଦ ସାହୁଙ୍କୁ ବଲାଙ୍ଗୀର ଦେଓଗାଁରୁ ନୂଆପଡ଼ା ଏଡିଭିଓ(ଡିସି) ଭାବେ, ବାଲେଶ୍ୱର ଏସ୍‌ଡିଭିଓ ଡ. ଶୁଭେନ୍ଦୁ ରାୟଙ୍କୁ ନୂଆପଡ଼ା ସିଡିଭିଓ ଭାବେ ବଦଳି କରାଯାଇଛି।

ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ କେଉଁ ପରିପ୍ରେକ୍ଷୀରେ ଏତେସଂଖ୍ୟକ ମତ୍ସ୍ୟ ଓ ଭେଟେରିନାରି ଅଧିକାରୀଙ୍କୁ ବଦଳି କରାଯାଇଛି, ତାକୁ ନେଇ ନିଜସ୍ୱ ବିଭାଗର କେତେଜଣ ଅଧିକାରୀ ପ୍ରଶ୍ନ ଉଠାଇଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ପ୍ରମୁଖ ସଚିବ ସୁରେଶ ବଶିଷ୍ଠଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଏହା ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶର ଅବମାନନା କରୁଛି। କାର୍ଯ୍ୟାଳୟ ପକ୍ଷରୁ ଖୁବ୍‌ଶୀଘ୍ର ଏନେଇ ଅବଗତ କରାଯିବ।




# ଜୟ ହୋଇପାରନ୍ତି ଭାଜପା ପ୍ରାର୍ଥୀ, ୧୬ରେ ନାମାଙ୍କନ

ଭୁବନେଶ୍ୱର,୧୪।୧୦(ସୁନିତ୍ ମିଶ୍ର)

- ନାମାଙ୍କନ ବେଳେ ଯୋଗଦେବେ ମୁଖ୍ୟମନ୍ତ୍ରୀ, ମନମୋହନ, ଦଳର ସବୁ ଏମ୍‌ପି
- ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସାମିଲ ହେବେ ୨ ହଜାର ବିଜେଡି, କଂଗ୍ରେସ କର୍ମୀ

ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାର ପ୍ରାର୍ଥୀ ହେବେ। ଖୁବ୍‌ଶୀଘ୍ର ଜୟଙ୍କ ପ୍ରାର୍ଥିତ୍ୱ ନେଇ ଆନୁଷ୍ଠାନିକ ଘୋଷଣା ହୋଇଯାଇପାରେ ବୋଲି ଭାଜପା ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୁଜିତ କହିଛନ୍ତି, ଆସନ୍ତା ୧୬ ତାରିଖରେ ଭାଜପା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ। ନାମାଙ୍କନପତ୍ର ଦାଖଲ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଦଳର ସମସ୍ତ ଏମ୍‌ପି ଏବଂ କେତେଜଣ ମନ୍ତ୍ରୀ ଓ ବିଧାୟକ ସେଠାରେ ଯୋଗଦେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ବିଶାଳ ସମାବେଶ କରିବେ। ବିଜେଡି ଏବଂ କଂଗ୍ରେସର ୨ ହଜାରରୁ ଅଧିକ କର୍ମୀ ସେହି ସମୟରେ ଭାଜପାରେ ସାମିଲ ହେବେ। ତେବେ ଦଳର ଅନ୍ୟ ଆଶାୟୀମାନେ ଅସନ୍ତୁଷ୍ଟ ହେବା କଥା ନେଇ ସୁଜିତ କହିଛନ୍ତି, ଭାଜପାରେ ଯେଉଁମାନେ ଅଫିସିଆଲ ପ୍ରାର୍ଥୀ ହୁଅନ୍ତି ତାଙ୍କ ପାଇଁ ସମସ୍ତେ ଏକଜୁଟ୍ ହୋଇ କାମ କରନ୍ତି। ଦଳ ସର୍ଭେକରି ଅନେକ ଜଣଙ୍କ ମତାମତ ନେଇ ପ୍ରାର୍ଥୀ ଦେଇଥାଏ। ଦେଶର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ଚୟନ ନେଇ ଭାଜପାର ବ୍ୟବସ୍ଥା କଥା ସମସ୍ତେ ଦେଖିଥିବେ ବୋଲି ସୁଜିତ କହିଛନ୍ତି।

ସୂଚନାଯୋଗ୍ୟ, ନୂଆପଡ଼ା ବିଧାନସଭା ଆସନ ୨୦୨୪ ସାଧାରଣ ନିର୍ବାଚନ ସମୟରେ ବିଜେଡି ହାତରେ ରହିଥିଲା। ବିଜେଡି ପ୍ରାର୍ଥୀ ଭାବେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ସେଠାରୁ ପ୍ରାର୍ଥୀ ହୋଇଥିଲେ। ହେଲେ ରାଜେନ୍ଦ୍ରଙ୍କ ଦେହାନ୍ତ ପରେ ଏହି ଆସନରେ ଆସନ୍ତା ୧୧ ତାରିଖରେ ଉପନିର୍ବାଚନ ହେବାକୁ ଯାଉଛି। ହେଲେ ଏହା ପୂର୍ବରୁ ଢୋଲକିଆଙ୍କ ପୁଅ ଜୟ ବିଜେଡି ଛାଡ଼ି ଭାଜପା ସହ ମିଶି ସାରିଛନ୍ତି। ରାଜେନ୍ଦ୍ରଙ୍କ ଦେହାନ୍ତ ପରେ ଢୋଲକିଆଙ୍କ ପରିବାରରୁ ପ୍ରାର୍ଥୀ ଦେଇ ଅନୁକମ୍ପାମୂଳକ ଭୋଟ ହାତେଇ ବିଜେଡି ସେଠାରେ ଉପନିର୍ବାଚନ ବୈତରଣୀ ପାର୍ ହୋଇଯିବ ବୋଲି ଚିନ୍ତା କରୁଥିଲା। ହେଲେ ପରବର୍ତ୍ତୀ ସମୟରେ ରାଜନୈତିକ ଗଣିତରେ ବଡ଼ ପରିବର୍ତ୍ତନ ଦେଖାଦେଇଛି।

## ଖୋର୍ଦ୍ଧାରୁ ୩ ନାବାଳକଙ୍କ ସହ ଜଣେ ନାବାଳିକା ଉଦ୍ଧାର

ଜଳେଶ୍ୱର,୧୪।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ପୋଲିସ ଖୋର୍ଦ୍ଧାର ଏକ ଘରୁ ୩ ନାବାଳକଙ୍କ ସହ ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛି। ଏହି ୪ ନାବାଳକ ଓ ନାବାଳିକା ଏବେ ଜଳେଶ୍ୱର ପୋଲିସ ହେପାଜତରେ ଅଛନ୍ତି।

ଜଳେଶ୍ୱର ଅଞ୍ଚଳର ଜଣେ ନାବାଳିକାଙ୍କ ସହ ଅନ୍ୟ ଜଣେ ନାବାଳକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି। ଶନିବାର ନାବାଳିକା ଜଣକ ସେହି ନାବାଳକଙ୍କ ସହ ଫୋନ୍‌ରେ କଥା ହେଉଥିବା ପରିବାର ଲୋକେ ଜାଣିବା ପରେ ତାଙ୍କୁ ଆକଟ କରିଥିଲେ। ପରେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରଖିଥିବା ନାବାଳକ ଓ ତାଙ୍କର ଅନ୍ୟ ଦୁଇ ନାବାଳକ ସହଯୋଗୀ ଅପହରଣ କରି ନେଇଥିବା ନାବାଳିକାଙ୍କ ମା' ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ୍ ନାବାଳକଙ୍କ ମୋବାଇଲକୁ ଟ୍ରାକିଂ କରି ସୋମବାର ଖୋର୍ଦ୍ଧାର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ୩ ନାବାଳକଙ୍କ ସହ ନାବାଳିକାଙ୍କୁ ଉଦ୍ଧାର କରି ଜଳେଶ୍ୱର ଥାନାକୁ ଆଣିଛି। ଏ ନେଇ ଜଳେଶ୍ୱର ଥାନାରେ ଏକ ମାମଲା (ନଂ.୪୫୫/୨୫) ରୁଜୁ ହୋଇଛି। ସେମାନଙ୍କୁ ଏବେ ଜଳେଶ୍ୱର ଥାନାରେ ରଖାଯାଇଛି। ସେମାନଙ୍କ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେବାକୁ ମନା କରିଛି। ନାବାଳକଙ୍କ ମଧ୍ୟରେ ଜଣେ ଜଳେଶ୍ୱର ମ୍ୟୁନିସିପାଲିଟିରେ ଶାସକ ଦଳର କାଉନସିଲରଙ୍କ ପୁଅ ବୋଲି ସୂଚନା ମିଳିଛି।

# ଅଚାନକ ଜେଲ ପରିଦର୍ଶନ କରିବେ ଏସ୍‌ପି, ଜିଲାପାଳ

ଭୁବନେଶ୍ୱର,୧୪।୧୦(ସତ୍ୟଜିତ ରାଉତ)

## ଚିଠି ଲେଖିଲେ ଜେଲ ଡିଜି


ରାଜ୍ୟରେ ଥିବା ଜେଲଗୁଡ଼ିକୁ ଏସ୍‌ପି ଏବଂ ଜିଲାପାଳମାନେ ଅଚାନକ ପରିଦର୍ଶନ କରିବେ। ଜେଲ ଡିଜି ସୁଶାନ୍ତ କୁମାର ନାଥ ଏ ସମ୍ପର୍କରେ ଜିଲାପାଳ ଓ ଏସ୍‌ପିମାନଙ୍କୁ ଚିଠି ଲେଖିଛନ୍ତି। ଜେଲରେ ସୁରକ୍ଷା, ନିରାପତ୍ତା, ସ୍ୱାସ୍ଥ୍ୟକର ପରିବେଶର ସ୍ଥିତି ପରଖିବାକୁ ଚିଠିରେ ନିର୍ଦ୍ଦେଶ ରହିଛି। ସୋମବାର ଏହି ଚିଠି ପଠାଯାଇଥିବାବେଳେ କଏଦୀମାନେ କିପରି ସର୍ବନିମ୍ନ ମୌଳିକ ସୁବିଧା ପାଇ ଭଲରେ ରହିପାରିବେ, ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ତେବେ ଏହି ଗସ୍ତ ସମୟରେ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ସୁରକ୍ଷା ଦିଗକୁ ନେଇ ଜେଲରେ ସିସିଟିଭି, ମେଟାଲ ସର୍ଚ୍ଚ ଡିଟେକ୍ଟର, ବଡି ୱାର୍ନ କ୍ୟାମେରା ଆଦି ଆଧୁନିକ ଉପକରଣର ବ୍ୟବହାର ହେଉଛି କି ନାହିଁ ସେ ସଂକ୍ରାନ୍ତରେ ଯାଞ୍ଚ କରାଯିବ। ଜେଲରେ ନିଶାଦ୍ରବ୍ୟ କାରବାରରେ ରୋକ, ଜେଲ ପରିସରରେ ସ୍ୱାସ୍ଥ୍ୟକର ପରିବେଶ ଯୋଗାଇବା ଏବଂ ଯୋଗ, ମାନସିକ କାଉନ୍‌ସେଲିଂ ଓ ଖେଳ ଆଦି ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ଅପରପକ୍ଷରେ ପୂର୍ବରୁ ଏ ନେଇ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଥିବାବେଳେ ଜେଲ ଡିଜିଙ୍କ ଅଚାନକ ଏଭଳି ଚିଠିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିଦିନ ତଳେ ଚୌଦ୍ୱାର ଜେଲରୁ ଦୁଇ ପେସାଦାର ଅପରାଧୀ ଫେରାର ହୋଇଯିବା ପରେ ଜେଲ ବିଭାଗ ପକ୍ଷରୁ ଏଭଳି ଆଭିମୁଖ୍ୟ ଗ୍ରହଣ କରାଯାଇଥିବା କୁହାଯାଉଛି।

# ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ଛାତ୍ରୀଙ୍କ ମୁଣ୍ଡ ଫାଟିଲା: ଥାନାରେ ଅଭିଯୋଗ

ଝାରସୁଗୁଡ଼ା,୧୪।୧୦(ଆଶିଷ ରଞ୍ଜନ ଦାଶ)



ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅନ୍ତର୍ଗତ ବାଗଡିହି ଗ୍ରାମରେ ଥିବା ଏକ ବେସରକାରୀ ସ୍କୁଲରେ ମଙ୍ଗଳବାର ପୂର୍ବାହ୍ଣରେ ଜଣେ ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ୨ୟ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କ ମୁଣ୍ଡ ଫାଟିଯାଇଛି। ଏନେଇ ବାଗଡିହି ଫାଣ୍ଡିରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ ବାଗଡିହି ଗ୍ରାମର ମହେଶ ଅଗ୍ରୱାଲଙ୍କ ଝିଅ ଅଳକା (୭) ସକାଳେ ସ୍କୁଲକୁ ପଢ଼ିବାକୁ ଯାଇଥିଲେ। ପରେ ୧୨ଟା ୩୦ରେ ଝିଅର ମୁଣ୍ଡ ଫାଟିଥିବା ନେଇ ସ୍କୁଲରୁ ଘରକୁ ଫୋନ ଆସିଥିଲା। ଛାତ୍ରୀଙ୍କ ମା' ନୂପୁର ସ୍କୁଲରେ ପହଞ୍ଚିଥିଲେ। ସେଠାରେ ଥିବା ଅନ୍ୟ ଶିକ୍ଷକ ଓ କର୍ମଚାରୀମାନଙ୍କଠାରୁ ଶିକ୍ଷକ ପୁଷ୍କର ବରୁଆ ଡଷ୍ଟର ଫିଙ୍ଗି ମାରିବା ଯୋଗୁ ମୁଣ୍ଡ ଫାଟିଥିବା ଜାଣିବାକୁ ପାଇଲେ। ସିସିଟିଭି ଫୁଟେଜ ଦେଖିଲା ପରେ ଘଟଣାର ସମସ୍ତ ସତ୍ୟ ସାମ୍ନାକୁ ଆସିଥିଲା। ବାଗଡିହିଠାରେ ପ୍ରାଥମିକ ଚିକିତ୍ସା ପରେ ଛାତ୍ରୀଙ୍କୁ ପରିବାର ଲୋକେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଇଥିଲେ। ପରେ ତାଙ୍କ ପିତା ମହେଶ ଶିକ୍ଷକଙ୍କ ବିରୋଧରେ ବାଗଡିହି ଫାଣ୍ଡିରେ ଏତଲା ଦେଇଥିଲେ। ଏ ନେଇ ଲଇକେରା ଆଇଆଇସି ଦିଲୀପ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଛାତ୍ରୀଙ୍କ ବାପାଙ୍କ ଏତଲା ଅନୁସାରେ ଏକ ମାମଲା (ନଂ. ୩୪୦/୨୦୨୫) ରୁଜୁ କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶିକ୍ଷକ ନ ଥିବାବେଳେ ଶ୍ରେଣୀ କୋଠରିରେ ପାଟିତୁଣ୍ଡ ହେଉଥିଲା। ସମ୍ପୃକ୍ତ ଶିକ୍ଷକ ପୁଷ୍କର ଆସି ପଚାରିବାରୁ ଅନ୍ୟ ପିଲାମାନେ ଅଳକାଙ୍କ ନାମ କହିଥିଲେ। ପରେ ଶିକ୍ଷକ ଡଷ୍ଟର ଫିଙ୍ଗି ମାରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଆଇଆଇସି ବେହେରା କହିଛନ୍ତି।



ମନରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର। ତା'ପାଖରେ ନିଜକୁ ସମର୍ପି ଦିଅନା। ଥରକ ପାଇଁ ହେଲେ ବି-ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଇଛ- ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ। -ଶ୍ରୀମା



# ଦାୟୀଙ୍କଠାରୁ ଆଦାୟ

ଅକ୍ଟୋବର ୧୩ରେ ବମ୍ବେ ହାଇକୋର୍ଟ ମହାରାଷ୍ଟ୍ରରେ ରାସ୍ତାରେ ଖାଲଖମା କିମ୍ବା ନର୍ଦ୍ଦମା ଗର୍ତ୍ତରେ ପଡ଼ି ଜୀବନ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କ ପାଇଁ ୫୦ ହଜାରରୁ ଅଢ଼େଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବାକୁ ମଧ୍ୟ କୋର୍ଟ କହିଛନ୍ତି। ୨୦୧୩ ମସିହା ଏକ ମାମଲାର ବିଚାର କରି ହାଇକୋର୍ଟ ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ସୁରକ୍ଷିତ ରାସ୍ତା ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ମଣିଷ ଜୀବନର ମୌଳିକ ଅଧିକାରର ଏକ ଅବିଚ୍ଛେଦ୍ୟ ଅଂଶ। ବର୍ଷାଋତୁରେ ଏଭଳି ଅଧିକ ଘଟଣା ଦେଖାଦେଉଛି। ସେ ସଂକ୍ରାନ୍ତରେ ରିପୋର୍ଟ ହୋଇଥିଲେ ତାହା ୪୮ ଘଣ୍ଟା ମଧ୍ୟରେ ମରାମତି କରାଯିବା ଆବଶ୍ୟକ ବୋଲି କୋର୍ଟ କହିଛନ୍ତି। ତେଣୁ ଏଥିପାଇଁ ସରକାରୀ ଅଧିକାରୀ, ଇଞ୍ଜିନିୟର ଓ ସମ୍ପୃକ୍ତ ଠିକାଦାରଙ୍କୁ ଦାୟୀ କରାଯିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କ୍ଷତିପୂରଣ ପ୍ରଦାନ ରାଶି ଦାୟୀ ବ୍ୟକ୍ତି ଯଥା ଅଧିକାରୀ, ଇଞ୍ଜିନିୟର କିମ୍ବା ଠିକାଦାରଙ୍କଠାରୁ ଆଦାୟ କରାଯାଇପାରିବ ବୋଲି ବମ୍ବେ ହାଇକୋର୍ଟ କହିଛନ୍ତି। ରାସ୍ତାରେ ଗାଡ଼, ଖାଲଖମା ସଂକ୍ରାନ୍ତୀୟ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ନିଶ୍ଚିତ ଭାବେ ସିଭିକ୍ ଆକାଉଣ୍ଟାବିଲିଟି ବା ନାଗରୀୟ ଉତ୍ତରଦାୟିତ୍ୱକୁ ବଢ଼ାଇବାରେ ସହାୟକ ହେବ।

ସଡ଼କ ଭିତ୍ତିଭୂମି ସୁଦୃଢ଼ ଥିଲେ ଜନସାଧାରଣଙ୍କ ଯାତାୟାତଠାରୁ ଆରମ୍ଭ କରି ପରିବହନ ବ୍ୟବସ୍ଥା ସୁଗମ ହୋଇଥାଏ। ହେଲେ ଦେଖାଯାଉଛି ଅନେକ ସ୍ଥାନରେ ଠିକାଦାର, ଇଞ୍ଜିନିୟର ଓ ସରକାରୀ ଅଧିକାରୀଙ୍କ ଜାଣତରେ ଓ ସେମାନଙ୍କ ସକ୍ରିୟ ସହଯୋଗରେ ରାସ୍ତା କାମ ଅଧାପନ୍ତରିଆ ରହୁଥିବା ବେଳେ ସେଗୁଡ଼ିକ ଖାଲଖମାରେ ଭର୍ତ୍ତି ହୋଇଯାଉଛି। କିନ୍ତୁ ସେଥିପ୍ରତି ଦୃଷ୍ଟି ଦିଆଯାଇ ନ ଥାଏ। ଫଳରେ ରାସ୍ତା ଦୁର୍ଘଟଣା ବଢ଼ିବା ସହ ଲୋକେ ପଡ଼ି ଖଣ୍ଡିଆଖାବରା ହୋଇଥାଆନ୍ତି। ବର୍ଷାଦିନେ ସ୍ଥିତି ଅସମ୍ଭାଳ ହୋଇପଡ଼େ। ଖାଲ କିମ୍ବା ଗର୍ତ୍ତଗୁଡ଼ିକ ପାଣି ଦ୍ୱାରା ଭରି ହୋଇଯାଇଥିବାରୁ ଅନେକେ ଜାଣି ନ ପାରି ତା' ଉପରେ ଚାଲିଯିବା ଯୋଗୁ ସ୍ଥଳବିଶେଷରେ ବହୁ ଜୀବନ ଯିବାର ନଜିର ରହିଛି। ଭୁବନେଶ୍ୱର ଭଳି ସ୍ଥାନରେ ଗତ ୫ ବର୍ଷ ମଧ୍ୟରେ ପିଲାଙ୍କ ସମେତ ୫ରୁ ଅଧିକ ଲୋକଙ୍କ ଏହି କାରଣରୁ ମୃତ୍ୟୁ ଘଟିଥିବା ବେଳେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଲୋକେ ନର୍ଦ୍ଦମା ଭିତରେ ପଡ଼ି ବୁଡ଼ିଯାଇ ଭାସିଯିବାର ଦୃଷ୍ଟାନ୍ତ ରହିଛି। ନିକଟ ଅତୀତକୁ ଦେଖିଲେ ଗତ ୨୮ ମେ'ରେ ରାଉରକେଲାରେ ଡ୍ରେନ୍‌ରେ ପଡ଼ି ୭ ବର୍ଷ ଝିଅର ମୃତ୍ୟୁ ଘଟିଥିବା ବେଳେ ୨୦୨୪ ଜୁନ୍ ୧୮ରେ ଭୁବନେଶ୍ୱର ୟୁନିଟ୍ ୩ ନିକଟରେ ୧୦ ବର୍ଷର ନାବାଳକ ମଧ୍ୟ ସମାନ କାରଣ ଯୋଗୁ ପ୍ରାଣ ହରାଇଥିଲେ। ୨୦୨୩ ସେପ୍ଟେମ୍ବର ୨୪ରେ ଭୁବନେଶ୍ୱରର ବମିଖାଲ ନିକଟ ଖାଲରେ ଜଣେ ଡାକ୍ତରଙ୍କ କାର୍ ପଡ଼ିଯିବାରୁ ତାଙ୍କ ମୃତ୍ୟୁ ଘଟିଥିଲା। ୨୦୨୧ ସେପ୍ଟେମ୍ବର ୧୯ରେ ବରମୁଣ୍ଡା ଗାଁରେ ଜଣେ ଦଶମ ଶ୍ରେଣୀ ଛାତ୍ର ଡ୍ରେନ୍‌ରେ ଭାସିଯିବାରୁ ତାଙ୍କ ଜୀବନ ଯାଇଥିଲା। ଏସବୁର ତାଲିକା କଲେ ଲମ୍ବି ଚାଲିବ। ଘଟଣା ଗଣମାଧ୍ୟମରେ ପ୍ରଚାର ହେବା ପରେ କ୍ଷଣକ ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥାଏ। ବିଭାଗୀୟ ନିର୍ଦ୍ଦେଶ ଦିଆଯାଇଥାଏ ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପଡ଼ିବ ଓ କୌଣସିଠାରେ ଯେଭଳି କିଛି ଅସ୍ୱାଭାବିକତା ଦେଖା ନ ଯିବ ସେଥିପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯିବ। ହେଲେ ପରବର୍ତ୍ତୀ ସମୟରେ ଯେଉଁ କଥାକୁ ସେହି କଥା ଦେଖିବାକୁ ମିଳେ।

> ମୃତବ୍ୟକ୍ତିଙ୍କ ପରିବାରକୁ କିମ୍ବା ଆହତ ବ୍ୟକ୍ତିଙ୍କୁ ସରକାରୀ କ୍ଷତିପୂରଣ ଦିଆଯିବା ପରେ ସମ୍ପୃକ୍ତ ଅର୍ଥ ରାଶି ଦାୟୀ ସରକାରୀ ଅଧିକାରୀ, ଇଞ୍ଜିନିୟର କିମ୍ବା ଠିକାଦାରଙ୍କଠାରୁ ଆଦାୟ ହେବା ହେବା ଉଚିତ। ଏଥିସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା କଥା ଏବଂ ଯେଉଁ ସରକାରୀ କର୍ମଚାରୀ ଅଘଟଣ ଘଟିବାର ବର୍ଷକ ମଧ୍ୟରେ ଅବସର ନେଇଥିବେ ତାଙ୍କ ପେନସନରୁ ମଧ୍ୟ କ୍ଷତିପୂରଣ ରାଶି ଭରଣା ହେବା ଦରକାର। ତାହା ହେଲେ ଯାଇ ସ୍ଥିତିରେ ହୁଏତ କିଛି ପରିବର୍ତ୍ତନ ଆସିପାରନ୍ତା।

ଏବର ବ୍ୟବସ୍ଥାକୁ ଦେଖିଲେ କୌଣସି ଅଘଟଣ ପାଇଁ ସଙ୍ଗେ ସଙ୍ଗେ ଦାୟୀ ବ୍ୟକ୍ତିଙ୍କୁ ଧରି ହୋଇ ନ ଥାଏ। ଯଦି କାହାକୁ ଧରାଯାଏ, ସେ ଅନ୍ୟ ଉପରେ ଦୋଷ ଲଦି ଦେଇଥାଆନ୍ତି। ଏହା ମୋର କାମ ନୁହେଁ, ସେ କରିଥାନ୍ତେ କିମ୍ବା ତାଙ୍କ କାମ ସରିବା ପରେ ମୋର ଆରମ୍ଭ ହୋଇଥାଆନ୍ତା ଆଦି ବାହାନା ଦର୍ଶାଇବାର ଅଭାବ ପଡ଼ି ନ ଥାଏ। ଆଉ କିଛି କ୍ଷେତ୍ରରେ ଠିକାଦାରମାନେ ଅଭିଯୋଗ କରିଥାଆନ୍ତି ଯେ, ବିଲ୍ ପାସ୍ ହୋଇ ନ ଥିବାରୁ କାମ ଅଧାପନ୍ତରିଆ ପଡ଼ିରହିଛି। ତେବେ ସଦ୍ୟସମାପ୍ତ ରାସ୍ତା ଉଦ୍‌ଘାଟନ ହୋଇଯିବାର କିଛି ମାସ ପରେ କାହିଁକି ସେଠାରେ ଖାଲ ବା ବଡ଼ ଗର୍ତ୍ତ ସୃଷ୍ଟି ହୋଇଥାଏ ପ୍ରଶ୍ନ ହେଲେ ତାହାର ଉତ୍ତର ଦେବାକୁ କେହି ନ ଥାଆନ୍ତି। ଏଭଳି ସ୍ଥଳେ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସବୁଆଡ଼େ ଅନୁପାଳନ କରାଯିବା ଦରକାର। ମୃତବ୍ୟକ୍ତିଙ୍କ ପରିବାରକୁ କିମ୍ବା ଆହତ ବ୍ୟକ୍ତିଙ୍କୁ ସରକାରୀ କ୍ଷତିପୂରଣ ଦିଆଯିବା ପରେ ସମ୍ପୃକ୍ତ ଅର୍ଥ ରାଶି ଦାୟୀ ସରକାରୀ ଅଧିକାରୀ, ଇଞ୍ଜିନିୟର କିମ୍ବା ଠିକାଦାରଙ୍କଠାରୁ ଆଦାୟ ହେବା ହେବା ଉଚିତ। ଏଥିସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା କଥା ଏବଂ ଯେଉଁ ସରକାରୀ କର୍ମଚାରୀ ଅଘଟଣ ଘଟିବାର ବର୍ଷକ ମଧ୍ୟରେ ଅବସର ନେଇଥିବେ ତାଙ୍କ ପେନସନରୁ ମଧ୍ୟ କ୍ଷତିପୂରଣ ରାଶି ଭରଣା ହେବା ଦରକାର। ତାହା ହେଲେ ଯାଇ ସ୍ଥିତିରେ ହୁଏତ କିଛି ପରିବର୍ତ୍ତନ ଆସିପାରନ୍ତା।

## su | do | ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | 2 | | |
| | | | 1 | | | 7 | 9 | |
| | 5 | | 9 | | 7 | | | |
| | 8 | | | | 9 | | | |
| 5 | 2 | | 7 | | | | 8 | 4 |
| 7 | | 9 | | | | 5 | | |
| | | | | | | | | |
| 1 | | 2 | | | 3 | | | |
| 6 | | | | 4 | | 1 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 1 | 5 | 8 | 3 | 7 | 9 | 6 |
| 3 | 7 | 5 | 2 | 9 | 6 | 4 | 8 | 1 |
| 6 | 8 | 9 | 1 | 4 | 7 | 2 | 3 | 5 |
| 8 | 1 | 7 | 6 | 5 | 9 | 3 | 2 | 4 |
| 9 | 5 | 3 | 7 | 2 | 4 | 1 | 6 | 8 |
| 4 | 6 | 2 | 3 | 1 | 8 | 5 | 7 | 9 |
| 7 | 9 | 8 | 4 | 3 | 1 | 6 | 5 | 2 |
| 5 | 3 | 4 | 8 | 6 | 2 | 9 | 1 | 7 |
| 1 | 2 | 6 | 9 | 7 | 5 | 8 | 4 | 3 |

ଗତକାଲିର ଉତ୍ତର



# ବିହାର ନିର୍ବାଚନ: ଏକ ଦୃଷ୍ଟିପାତ

ସୌଭାଗ୍ୟ ସୁନ୍ଦରରାୟ

ଦେଶର ଚତୁର୍ଥ ସର୍ବାଧିକ ବିଧାନସଭା ଆସନବିଶିଷ୍ଟ ବିହାରରେ ଏବେ ଶୁଭୁଛି ନିର୍ବାଚନୀ ଦୁନ୍ଦୁଭି । ଏହାର ବିଧାନସଭା ଆସନ ସଂଖ୍ୟା ୨୪୩ । ଏଥର ନିର୍ବାଚନ ପୂର୍ବ ନିର୍ବାଚନଗୁଡ଼ିକଠାରୁ ଭିନ୍ନ ହେବ ବୋଲି ମନେହେଉଛି। କାରଣ ଚଳିତ ନିର୍ବାଚନରେ ପ୍ରଶାନ୍ତ କିଶୋରଙ୍କ ଦ୍ୱାରା ପ୍ରତିଷ୍ଠିତ ନୂଆ ଜନ ସୁରାଜ ଦଳର ଆବିର୍ଭାବ ଘଟିଛି । ପ୍ରଶାନ୍ତ କିଶୋର ଜଣେ ନିର୍ବାଚନ ଗଣକ ଭାବେ ଦେଶରେ ପରିଚିତ । କିଶୋର ଏଥିରୁ ଦୂରେଇ ଯାଇ ନିଜର ଏକ ଦଳ ପ୍ରତିଷ୍ଠା କରି ପ୍ରତ୍ୟକ୍ଷ ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଅତୀତରେ ମଧ୍ୟ ସେ ଜନତା (ୟୁ)ର ଉପ-ସଭାପତି ପଦରେ ଥିଲେ। ଏଣୁ ରାଜ୍ୟର ନିର୍ବାଚନୀ ଅଙ୍କ ସେ ଭଲ ଭାବେ କଷିଥିବା ଜଣାଯାଏ ।

୨୦୨୦ ମସିହା ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସର୍ବାଧିକ ୨୨.୧୪% ଭୋଟ ପାଇ ସର୍ବାଧିକ ୭୫ଟି ଆସନ ଦଖଲ କରିଥିଲା । ଏହା ପରକୁ ଭାରତୀୟ ଜନତା ପାର୍ଟି (ଭାଜପା) ୨୦.୫୨% ଭୋଟ ପାଇ ୭୪ଟି ଆସନରେ ବିଜୟୀ ହୋଇଥିଲା । ଜେଡି(ୟୁ) ୧୮.୫୨% ଭୋଟ ପାଇ ୪୩ ଆସନରେ ବିଜୟୀ ହୋଇଥିଲା। କଂଗ୍ରେସ ଦଳର ଫଳାଫଳ ନୈରାଶ୍ୟଜନକ ଥିଲା । ଦଳ ୭୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୯ଟି ଆସନରେ ବିଜୟୀ ହୋଇଥିଲା । ଦଳର ଭୋଟ ହାର ୯.୨୦% ରହିଲା। ଜେଡି(ୟୁ) ଆସନ ସଂଖ୍ୟାରେ ତୃତୀୟରେ ଥାଇ ମଧ୍ୟ ଦଳର ନେତା ନିତୀଶ କୁମାର ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ତାଙ୍କୁ ଭାଜପା ସମର୍ଥନ ଦେଇଥିଲା । ଫଳରେ ରାଜ୍ୟରେ ଗଠନ ହୋଇଥିଲା ଏନ୍‌ଡିଏ ସରକାର।

ଚଳିତ ନିର୍ବାଚନରେ ଜେଡି(ୟୁ)– ଭାଜପା ମେଣ୍ଟ ପୂର୍ବପରି ରହିଥିବାବେଳେ ଏଥିରେ ଉପେନ୍ଦ୍ର ଖୁସ୍‌ୱାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା, ଚିରାଗ ପାଶ୍ୱାନ୍‌ଙ୍କ ଏଲ୍‌ଜେପି, ଜୀତନ ରାମ ମାନ୍‌ଝୀଙ୍କ ହିନ୍ଦୁସ୍ଥାନ ଆୱମ ମୋର୍ଚ୍ଚା ସାମିଲ ରହିଛି । ତେଣେ ଆରଜେଡି ଓ କଂଗ୍ରେସକୁ ନେଇ ଗଠିତ ମହାଗଠବନ୍ଧନ ମେଣ୍ଟରେ ବିକାଶଶୀଳ ଇନ୍‌ଶାନ ପାର୍ଟି, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍), ରାମବିଳାଶ ପାଶ୍ୱାନଙ୍କ ଭାଇ ପଶୁପତି କୁମାର ପାରସ୍‌ଙ୍କ ନେତୃତ୍ୱାଧୀନ ଏଲ୍‌ଜେପି ଓ ଜେଏମ୍‌ଏମ୍ ସାମିଲ ହୋଇଛନ୍ତି।

ବିହାର ନିର୍ବାଚନରେ ଏନ୍‌ଡିଏ ପୁନର୍ବାର କ୍ଷମତା ଦଖଲ ପାଇଁ ଚେଷ୍ଟିତ ଥିବାବେଳେ ମହାଗଠବନ୍ଧନ ମଧ୍ୟ କ୍ଷମତା ହାତେଇବାକୁ ଉଦ୍ୟମ କରିଛି । ନିର୍ବାଚନ ଘୋଷଣା ପୂର୍ବରୁ ପ୍ରଧାନମନ୍ତ୍ରୀ ଏକାଧିକ ଥର ବିହାର ଗସ୍ତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଶିଳାନ୍ୟାସ ବା ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ୍ୟ ଅନେକ ପ୍ରୋତ୍ସାହନ ଘୋଷଣା କରିଛନ୍ତି। ରାଜ୍ୟର ବିକାଶ ମିତ୍ରଙ୍କୁ ୨୫ ହଜାର ଲେଖାଁଏ ଟଙ୍କା ପ୍ରଦାନ, ରାଜ୍ୟବାସୀଙ୍କୁ ୧୫୦ ୟୁନିଟ୍



ପର୍ଯ୍ୟନ୍ତ ମାଗଣା ବିଜୁଳି, ୩୦ ହଜାର ଶିକ୍ଷାସେବକଙ୍କୁ ୧୦ ହଜାର ଲେଖାଁଏ ପ୍ରୋତ୍ସାହନ ରାଶି, ବରିଷ୍ଠ ନାଗରିକଙ୍କ ପେନ୍‌ସନ ରାଶି ବୃଦ୍ଧି, ଶିକ୍ଷିତ ବେକାରଙ୍କ ପାଇଁ ୧୦୦୦ ଟଙ୍କା ଭତ୍ତା, ରାଜ୍ୟର ୧୬ ଲକ୍ଷ ନିର୍ମାଣ ଶ୍ରମିକଙ୍କ ପାଇଁ ୫୦୦୦ ଟଙ୍କା ପୋଷାକ ଭତ୍ତା, ପ୍ରାୟ ୭୫ ଲକ୍ଷ ମହିଳାଙ୍କ ପାଇଁ ୧୦,୦୦୦ ଟଙ୍କା ପ୍ରୋତ୍ସାହନ ଭତ୍ତା ଆଦି ଘୋଷଣା କରିଛନ୍ତି । ଏହାର ଜବାବରେ କଂଗ୍ରେସ 'ସର୍ବାଧିକ ଅନଗ୍ରସର ନ୍ୟାୟ ଇସ୍ତାହାର' ଉନ୍ମୋଚନ କରିଛି । ଏହି ଅବସରରେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏକ ବଡ଼ ପ୍ରସଙ୍ଗରେ ପରିଣତ ହୋଇଛି, ଯାହା ଏନ୍‌ଡିଏ ପାଇଁ ସମସ୍ୟା ସୃଷ୍ଟି କରିଛି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିର୍ବାଚନ କମିଶନଙ୍କ ବିରୋଧରେ ଏଥିପାଇଁ ଭୋଟ ଚୋରି ଅଭିଯୋଗ ଆଣି ବିହାରରେ ଭୋଟର ସଚେତନତା ସମାବେଶ ଆୟୋଜନ କଲେ । କର୍ମୀଙ୍କ ମନୋବଳ ବୃଦ୍ଧି ଉଦ୍ଦେଶ୍ୟରେ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକ ମଧ୍ୟ ବିହାରରେ ଆୟୋଜନ କରାଯାଇଥିଲା। ତେଣେ ନୀତିଶ କୁମାର ୭୫ ବର୍ଷରେ ପଦାର୍ପଣ କଲେଣି । କ୍ଷମତାରେ ରହିବା ପାଇଁ ସେ ସମସ୍ତ ପ୍ରକାର ଗୋଟି ଚାଳନା କରିପାରିବେ । ରାଜ୍ୟର ଦୁର୍ନୀତି ଓ ଅନଗ୍ରସରତା ବିରୋଧରେ ପ୍ରଶାନ୍ତ କିଶୋର ନିଆଁରେ ଘିଅ ଢାଳିବା ପରି କାର୍ଯ୍ୟ କରୁଛନ୍ତି। ରାଜ୍ୟ ଉପମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରମୁଖ ନେତାଙ୍କ ବିରୋଧରେ ପ୍ରଶାନ୍ତ ଯେଉଁ ଦୁର୍ନୀତି, ସଂପତ୍ତି ଠୁଳ, ଜାଲ୍ ସାର୍ଟିଫିକେଟ ଅଭିଯୋଗ ଆଣିଛନ୍ତି, ତାହାର ସନ୍ତୋଷଜନକ ଉତ୍ତର ସଂପୃକ୍ତ ପକ୍ଷ ଦେଇପାରି ନାହାନ୍ତି, ବରଂ ପ୍ରଶାନ୍ତ କିଶୋରଙ୍କ ନାମରେ ମାନହାନି ମକଦ୍ଦମା କରିଛନ୍ତି । ଏହା ଏନ୍‌ଡିଏ ସରକାରଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆଣିଛି । ବିହାର ବିଧାନସଭାରେ ଏନ୍‌ଡିଏ ବିଧାୟକ ସଂଖ୍ୟା ରହିଛି ୧୨୫, ଯାହା ହେଉଛି ୩୭.୩୬ ଶତାଂଶ ଭୋଟ । ଦେଖିବାକୁ ଗଲେ ସଂଖ୍ୟାଗରିଷ୍ଠତାଠାରୁ ମେଣ୍ଟ ମାତ୍ର ୩ଟି ଆସନ ଅଧିକ ପାଇଛି । ଚଳିତ ଥର ଜନ ସୁରାଜ ଦଳର ପ୍ରବେଶ ଯୋଗୁଁ ଏନ୍‌ଡିଏ ମେଣ୍ଟ ଏହି ସଂଖ୍ୟକ ଆସନ ପାଇବାରେ ସମର୍ଥ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ମହାଗଠବନ୍ଧନର କିଛି ଭୋଟ ତ ଜନ ସୁରାଜ ନେବ, କିନ୍ତୁ ଅଧିକ କ୍ଷତିଗ୍ରସ୍ତ କରିବ ଭାଜପା ଓ ଜେଡି(ୟୁ)କୁ । କେନ୍ଦ୍ର ଓ ଉତ୍ତର ବିହାରରେ ପ୍ରଶାନ୍ତଙ୍କ ଜନ ସୁରାଜ ଯାତ୍ରା ପ୍ରତି ଭଲ ସମର୍ଥନ ମିଳିଛି, ଯାହା ଏନ୍‌ଡିଏର ମୁଖ୍ୟ ଭୋଟବ୍ୟାଙ୍କ ଅଞ୍ଚଳ। ତେଣେ ଆର୍‌ଜେଡିର ମୁସ୍‌ଲିମ- ଯାଦବ ଭୋଟ ବ୍ୟାଙ୍କ ପୂର୍ବପରି ଅତୁଟ ରହିଛି । ଭାଜପାର ବର୍ତ୍ତମାନ ଥିବା ରାଜ୍ୟ ସଭାପତି ପରଲୋକଗତ ଭାଜପା ନେତା ସୁଶୀଲ ମୋଦିଙ୍କ ପରି ଏତେ ଲୋକପ୍ରିୟ ନୁହନ୍ତି । ବିଭିନ୍ନ ସଭାରେ ସେ ଥଟ୍ଟା ପରିହାସର ପାତ୍ର ହେଉଥିବା ଦେଖାଯାଉଛି । ଏହା ଭାଜପା ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ଦଳ ବରିଷ୍ଠ ନେତାମାନଙ୍କୁ ତାରକା ପ୍ରଚାରକ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ କରାଇଛି । ଦଳର ଆଇଟି ସେଲ ମଧ୍ୟ ଅତି ସକ୍ରିୟ ମୋଡ଼ରେ ରହିଛି।

ବିହାରର ଜାତିଗତ ବ୍ୟବସ୍ଥା ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ନିର୍ବାଚନକୁ ମଧ୍ୟ ପ୍ରଭାବିତ କରିଥାଏ। ଜାତି ଜନଗଣନା ରିପୋର୍ଟ ଅନୁଯାୟୀ, ରାଜ୍ୟରେ ଉଚ୍ଚବର୍ଗ ଜାତିଙ୍କ ସଂଖ୍ୟା ୧୫%, ଅନ୍ୟାନ୍ୟ ଅନଗ୍ରସର ଶ୍ରେଣୀ ଜାତି ସଂଖ୍ୟା ୨୭%, ଆର୍ଥିକ ଅନଗ୍ରସର ବର୍ଗଙ୍କ ସଂଖ୍ୟା ୩୬%, ଅନୁସୂଚିତ ଜାତିଙ୍କ ସଂଖ୍ୟା ୨୦% ଓ ଜନଜାତିଙ୍କ ସଂଖ୍ୟା ୨% ରହିଛି । ରାଜ୍ୟରେ ମୁସଲିମ ଜନସଂଖ୍ୟା ୧୫% ରହିଛି।

କହିବାକୁ ଗଲେ ବିହାରରେ ଭୋଟରଙ୍କୁ ଆକୃଷ୍ଟ ପାଇଁ ପ୍ରଚାର ପ୍ରାୟତଃ ଅଧା ସରିଯାଇଛି। ଏବେ ଆକ୍ଷେପ ଓ ପ୍ରତି ଆକ୍ଷେପରେ ଚାଲିବ ପ୍ରଚାର। ନିର୍ବାଚନରେ ଫଳାଫଳ ନ ବାହାରିବା ପର୍ଯ୍ୟନ୍ତ କିଛି ସ୍ପଷ୍ଟ ଭାବେ କୁହାଯାଇପାରିବ ନାହିଁ। ପ୍ରଶାନ୍ତ କୁମାରଙ୍କ ଯାତ୍ରାରେ ଆଶାଜନକ ଜନସମାବେଶ ହେଉଥିବାରୁ ସେ କିଛି ଭୋଟ ପାଇପାରନ୍ତି । କିନ୍ତୁ ତାଙ୍କ ଭୋଟ ଅଂଶ କେତେଦୂର ଆସନରେ ରୂପାନ୍ତରିତ ହେବ ତାହା ଦେଖିବା କଥା । ତେବେ ପ୍ରଶାନ୍ତଙ୍କ ଭୋଟ ଅଂଶ ଶାସକ ଦଳକୁ ଅସୁବିଧାରେ ପକାଇବାର ସମ୍ଭାବନା ରହିଛି। ମତଦାନର ଏକ ସପ୍ତାହ ପୂର୍ବ ସମୟ ଏକ ନିର୍ବାଚନରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ସମୟଟି ଅନେକ ନିର୍ବାଚନୀ ଅଙ୍କକୁ ଗୋଳମାଳ କରି ଦେଇଥାଏ । ପ୍ରାୟ ୩% ଭୋଟର ଏହି ସମୟରେ ନିଜର ପ୍ରାର୍ଥୀ ଓ ଦଳ ପସନ୍ଦ କରିଥାନ୍ତି, ଯାହା ପୂର୍ବରୁ ଆକଳନ କରିବା ସମ୍ଭବ ହୋଇନଥାଏ। ଏହି ଭୋଟକୁ ସାଧାରଣତଃ ଅଣଆକଳିତ ବା ସ୍ୱିଙ୍ଗ ଭୋଟ ଭାବେ ବିବେଚନା କରାଯାଇଥାଏ । ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପୂର୍ବରୁ ଭୋଟରଙ୍କ ସଂଖ୍ୟା ଥିଲା ୭ କୋଟି ୮୯ ଲକ୍ଷ । ସଂଶୋଧନ ସମୟରେ ପ୍ରାୟ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯିବା ଯୋଗୁ ଏହି ସଂଖ୍ୟା ୭ କୋଟି ୨୪ ଲକ୍ଷକୁ ହ୍ରାସ ପାଇଛି। ନିର୍ବାଚନୀ ଗଣନା ଅନୁଯାୟୀ ଏଥିରୁ ପ୍ରାୟ ୨୧ ଲକ୍ଷ ସ୍ୱିଙ୍ଗ ଭୋଟ ଭାବେ ବିବେଚିତ ହେବ। ରାଜ୍ୟରେ ଭୋଟର ସଂଖ୍ୟା ହ୍ରାସ, ସତ୍ତା ବିରୋଧୀ ମନୋଭାବ ଓ ନୂଆ ରାଜନୈତିକ ଦଳର ଆବିର୍ଭାବ ମଧ୍ୟରେ ନିର୍ବାଚନ ହେଉଥିବାରୁ ଏହାର ଫଳାଫଳ ରୋଚକ ହେବ ବୋଲି ଆଶା କରାଯାଉଛି।

ମୋ: ୯୪୩୭୨୨୯୨୩୩



# 'କୁମ୍ଭୀର ବ୍ୟାଟେରି ଫାର୍ମିଂ' କାହିଁକି ବିସ୍ମୃତ

ଡ. ଲାଲା ଅଶ୍ୱିନୀ କୁମାର ସିଂହ

ଦୈନିକ ଧରିତ୍ରୀରେ ୭ ଅକ୍ଟୋବର୨୦୨୫ରେ ପ୍ରକାଶିତ 'କାରଖାନା କୃଷି ....' ଲେଖାଟି ପଢ଼ିବା ପରେ କେଇ ଦଶନ୍ଧି ପଛକୁ ଫେରିଗଲି। ଓଡ଼ିଶାରେ ୧୯୭୫ ମସିହାରୁ ପ୍ରଥମ କରି ଯେତେବେଳେ କୁମ୍ଭୀର ଯୋଜନା ଆରମ୍ଭ କରାଗଲା, ସେତିକି ବେଳଠୁ ଫୁଡ ଆଣ୍ଡ ଏଗ୍ରିକଲଚର ଅର୍ଗାନାଇଜେଶନ (ଏଫ୍‌ଏଓ)/ ୟୁନାଇଟେଡ ନେଶନ୍ସ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ(ୟୁନ୍‌ଡିପି)ତଥା ଡ.ବୁଷ୍ଟର୍ଡଙ୍କ ବିଭିନ୍ନ ପ୍ରୋଜେକ୍ଟ ରିପୋର୍ଟ ମାଧ୍ୟମରେ ଆମେ ବ୍ୟାଟେରି ଫାର୍ମିଂ ଶବ୍ଦ ସହିତ ପରିଚିତ ହେଲୁ। ସଂରକ୍ଷଣ ପ୍ରଚ୍ଛଦପଟରେ ଭବିଷ୍ୟତ ସମୟରେ ବ୍ୟାଟେରି ଫାର୍ମିଂ ଜରିଆରେ ଅଧିକ କୁମ୍ଭୀର ଉତ୍ପାଦନ କରି ରାଷ୍ଟ୍ର ପାଇଁ ବୈଦେଶିକ ମୁଦ୍ରା ଉପାର୍ଜନ କରିବାର ସମ୍ଭାବନା ଆମମାନଙ୍କ ସମ୍ମୁଖରେ ତଥା ଆନ୍ତର୍ଜାତିକ ସ୍ତରରେ ଗୋଟିଏ ବଡ଼ ଉଦ୍ଦେଶ୍ୟ ଓ ପ୍ରଲୋଭନ ରହିଥିଲା। ୧୯୭୫-୧୯୮୨ ସମୟରେ ସେହି ଦିଗରେ ଯେତେ କିଛି ଗବେଷଣା ହୋଇପାରିବ ତା' ମଧ୍ୟ କରାଗଲା। ଯେପରିକି କୁମ୍ଭୀର ତା' ପେଟକୁ କେତେ ଖାଇଲେ ଶରୀରରେ କେତେ ମାତ୍ରାରେ ବୃଦ୍ଧି ଘଟିବ ଇତ୍ୟାଦି। ଘଡ଼ିଆଳ କୁମ୍ଭୀର ଓ ଗୋମୁହାଁ କୁମ୍ଭୀରଙ୍କୁ ନେଇ ଏହି ଦିଗରେ ଶାତକୋଶିଆ ଗଣ୍ଡ ଅଭୟାରଣ୍ୟର ଟିକରପଡ଼ା ସ୍ଥିତ ଯୋଜନା ସମ୍ପର୍କିତ ଅଧ୍ୟୟନ ଓ ଗବେଷଣା ତଥ୍ୟ ଏଯାବତ ଇଣ୍ଟରନେଟରେ ଉପଲବ୍ଧ ରହିଆସିଛି। ବଉଳା କୁମ୍ଭୀର ପାଇଁ ଅନୁରୂପ କିଛିଟା ତଥ୍ୟ ଆନ୍ତର୍ଜାତିକ ଏବଂ ସ୍ଥାନୀୟ ଡାଙ୍ଗମାଳ ଯୋଜନାରୁ ମଧ୍ୟ ଉପଲବ୍ଧ ହେଉଥାଏ। ଅର୍ଥନୈତିକ ଦୃଷ୍ଟିକୋଣରୁ ଆଲୋଚନା କରି, ଜେ. ଏମ. ଡି-ୱାର୍ ନାମକ ବିଶେଷଜ୍ଞ ୧୯୭୫ ଓ ୧୯୭୮ରେ କୁମ୍ଭୀର ଓ ସମୁଦ୍ର କଇଁଛ ସମ୍ବନ୍ଧରେ ଦୁଇଟି ରିପୋର୍ଟ ପ୍ରଦାନ କରିଥିଲେ। ଓଡ଼ିଶାର ସୁପରିଚିତ ତତ୍କାଳୀନ ବନ ସଂରକ୍ଷକ ଭଗବାନ ଚରଣ କାନୁନଗୋ ମଧ୍ୟ ଅନୁରୂପ ବ୍ୟବହାରିକ ଯୋଜନା ପ୍ରସ୍ତୁତ କରିଥିଲେ। ଭାରତର ବିଭିନ୍ନ ରାଜ୍ୟର ବନ ବିଭାଗ ପଦାଧିକାରୀ, ତଥା ଆଖପାଖ ଦେଶଗୁଡ଼ିକରୁ ଆସୁଥିବା ଅଫିସରମାନଙ୍କୁ ହାଇଦ୍ରାବାଦଠାରେ କେନ୍ଦ୍ର ସରକାରଙ୍କ କୁମ୍ଭୀର ଅନୁଷ୍ଠାନରେ ଶିକ୍ଷା ପ୍ରଦାନ କରାଗଲା। ଯେପରିକି ଅନୁଦାନ ଭିତ୍ତିକ ଏଫ୍‌ଏଓ ପ୍ରୋଜେକ୍ଟ ବନ୍ଦ ହୋଇଗଲେ ମଧ୍ୟ ତାଲିମ-ପ୍ରାପ୍ତ ବ୍ୟକ୍ତିଙ୍କ ଅଭାବ ରହିବନି ସେଥିପ୍ରତି ସତର୍କତା ଅବଲମ୍ବନ କରାଗଲା।

୧୯୮୭ରେ ମୁଁ ସେଇ କୁମ୍ଭୀର ଅନୁଷ୍ଠାନ ଦାୟିତ୍ୱରେ ରହିବା ସହ କେନ୍ଦ୍ର ସରକାରଙ୍କର ଗୋଟିଏ ଟେକ୍‌ନିକାଲ କମିଟିର ଆବାହକ ଥାଏ। ସେତେବେଳେ ଜାନୁଆରୀରେ ପାଞ୍ଚୋଟି ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଓ ତତ୍କାଳୀନ ଏଫ୍‌ଏଓ ବିଶେଷଜ୍ଞଙ୍କୁ ନେଇ ଗଠିତ ହୋଇଥିବା କମିଟି କର୍ନାଟକରେ ଭେଟିଥିଲୁ। ସେଇଠି ନିଷ୍ପତ୍ତି ହେଲା ଯେ, କୁମ୍ଭୀରଙ୍କୁ ନେଇ ଯେଉଁ ପ୍ରକାରର ବ୍ୟାଟେରି ଫାର୍ମିଂ ପରିକଳ୍ପନା କରାଯାଇଥିଲା ତା' କାର୍ଯ୍ୟକାରୀ ହୋଇପାରିବନି। କାରଣ ସ୍ପଷ୍ଟ ଥିଲା ଯେ, ବନ୍ୟପ୍ରାଣୀ ଅଧିନିୟମ ଅନୁଯାୟୀ କୁମ୍ଭୀରମାନେ ଅନୁସୁଚୀ-I ପ୍ରାଣୀ, ଯଦିବା ଆମେ ନିୟମ ବଦଳାଇବା, ଆମ ଅଭୟାରଣ୍ୟରେ କୁମ୍ଭୀର ମାନଙ୍କୁ ଯଥେଷ୍ଟ ସୁରକ୍ଷା ଦେଇ ପାରିବାନି। ବ୍ୟାଟେରି ଫାର୍ମିଂ ଆଡୁଆଳରେ ପ୍ରାକୃତିକ ପରିବେଶରେ ଥିବା କୁମ୍ଭୀରମାନେ ୧୯୭୫ ବର୍ଷ ପୂର୍ବାବସ୍ଥା ଭଳି ନୂତନ ପ୍ରକାରର ବିପଦ ଅନୁଭବ କରିବେ। ତେଣୁ କୁମ୍ଭୀରଙ୍କୁ କୌଣସି ପ୍ରକାର ବ୍ୟବସାୟିକ ସୂତ୍ରରେ ମାରିବା ସେଇଠୁ ବନ୍ଦ ହେଲା। ମାନେକା ଗାନ୍ଧୀଙ୍କ ସମୟରେ ସେଭଳି ପରିକଳ୍ପନାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଗଲା।



ରାଷ୍ଟ୍ରୀୟ ଚମ୍ବଲ ଅଭୟାରଣ୍ୟ, ଶିମିଳିପାଳ-ରମତୀର୍ଥ ଓ ଅନ୍ୟାନ୍ୟ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ଗବେଷଣା ଭିତ୍ତିକ କାର୍ଯ୍ୟ ସ୍ଥାପନ ହେଲା। ଯେପରକି, ବିଗତ ବର୍ଷ ଗୁଡିକରେ ହାସଲ କରିଥିବା କୁମ୍ଭୀର-ବିଦ୍ୟାକୁ ଆମେ ଭୁଲି ନ ଯାଉ। ଅଭୟାରଣ୍ୟଗୁଡ଼ିକରେ କୁମ୍ଭୀର ତଥା ସେମାନଙ୍କ ପାରିପାର୍ଶ୍ୱିକ ଜୀବଜନ୍ତୁଙ୍କ ସମ୍ପର୍କରେ ଅନେକ ଗବେଷଣା-ଲବ୍ଧ ଜ୍ଞାନ ହାସଲ ହୋଇପାରିଲା। ଏପରିକି, ୧୯୯୧ରେ ମୁଁ ଓ ଡ. ସୁଧାକର କରଙ୍କୁ ତତ୍କାଳୀନ କେନ୍ଦ୍ର ପରିବେଶ ମନ୍ତ୍ରୀ ମାନେକା ଗାନ୍ଧୀଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ନେଇ ତାମିଲନାଡୁ ଯିବାକୁ ହୋଇଥିଲା। ସେ ରାଜ୍ୟରେ ସ୍ଥିତ ବିଭିନ୍ନ କୁମ୍ଭୀର କେନ୍ଦ୍ର ଓ ମହାବଳୀପୁରମରେ ଥିବା ରମୁଲସ ହୁଇଟେକରଙ୍କ କୁମ୍ଭୀର ବ୍ୟାଙ୍କ ଭବିଷ୍ୟତ କାର୍ଯ୍ୟାବଳୀ ସମ୍ପର୍କରେ ଆମେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେଇଥିଲୁ।

ସାରାଂଶରେ, ଭାରତ ବର୍ଷରେ କୌଣସି ଅନୁସୁଚୀ-I ଜୀବମାନଙ୍କୁ ନେଇ ଆମେ ଆର୍ଥିକ ଉପାର୍ଜନ ପାଇଁ ଚିନ୍ତା କରିପାରିବାନି। ମାତ୍ର ସେଭଳି ଜୀବମାନଙ୍କ ଜରିଆରେ ଆମେ ଜନସାଧାରଣ ତଥା ଯୁବପିଢ଼ିଙ୍କୁ ଶିକ୍ଷାଦାନ କରିପାରିବା। ସହନୀୟ ଓ ଦାୟିତ୍ୱ ସମ୍ପନ୍ନ ଟୁରିଜମ ମାଧ୍ୟମରେ ସ୍ଥାନୀୟ ବାସିନ୍ଦାମାନଙ୍କୁ ପୂର୍ବଭଳି ବନ୍ୟପ୍ରାଣୀ ସଂରକ୍ଷଣ ଛତ୍ରଛାୟାରେ ରୋଜଗାର ଦେଇ ପରିବା।

**ପ୍ରାକ୍ତନ ଭାରପ୍ରାପ୍ତ ଅଧିକାରୀ, କେନ୍ଦ୍ରୀୟ କୁମ୍ଭୀର ପ୍ରଜନନ ତଥା ପରିଚାଳନା ଶିକ୍ଷା ଅନୁଷ୍ଠାନ,**
**ମୋ: ୭୯୭୮୩୩୫୯୮୩**

## ଏଇ ଭାରତରେ

ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା- ଏହା ଉପଲବ୍ଧି କରିଛନ୍ତି ଉତ୍ତରାଖଣ୍ଡର ମହିଳାମାନେ। ରାଜ୍ୟର ବିଭିନ୍ନ ଗ୍ରାମପଞ୍ଚାୟତରେ ସେମାନେ ବନ ପଞ୍ଚାୟତ ମାଧ୍ୟମରେ ଜଙ୍ଗଲର ସୁରକ୍ଷା କରୁଛନ୍ତି ଏବଂ ସାମଗ୍ରିକ ପ୍ରୟାସ ସଫଳତା ପାଇଁ ବାଟ କଢ଼ାଇନିଏ ବୋଲି ପ୍ରମାଣ କରିପାରିଛନ୍ତି। ଏହି କ୍ରମରେ ପିଥୋରାଗଡ଼ ଜିଲା ମୁନ୍‌ସିଆରି ବ୍ଲକର ଶଙ୍ଖଦୁରା ଗାଁର ଜଙ୍ଗଲକୁ ସ୍ଥାନୀୟ ସରପଞ୍ଚ ବାସନ୍ତି ରାୱତ ସୁରକ୍ଷା କରୁଛନ୍ତି। ତାଙ୍କ ସହ ଅନ୍ୟ ୮ ମହିଳା ବନ ପଞ୍ଚାୟତରେ ରହିଛନ୍ତି। କେବଳ ଶଙ୍ଖଦୁରା ନୁହେଁ, ସର୍ମୋଲି ଜଣ୍ଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ମଲିକା ଭିର୍‌ଡି ମଧ୍ୟ ମେସାରିକୁଣ୍ଡର ପୁନରୁଦ୍ଧାର କରିପାରିଛନ୍ତି। ଏବେ ତାଙ୍କ ଅଞ୍ଚଳରେ ପାଣିର ଅଭାବ ରହୁନାହିଁ। ବନ ପଞ୍ଚାୟତ ମାଧ୍ୟମରେ ଜଙ୍ଗଲ ଓ ପ୍ରାକୃତିକ ପରିବେଶ ସୁରକ୍ଷା ହେବା ଦ୍ୱାରା ଉତ୍ତରାଖଣ୍ଡର ପର୍ଯ୍ୟଟନ କ୍ଷେତ୍ରରେ ଯଥେଷ୍ଟ ବିକାଶ ହୋଇପାରିଛି। ଉଲ୍ଲେଖନୀୟ, ୧୯୩୧ରେ ଇଂରେଜମାନେ ବନ ପଞ୍ଚାୟତ ନିୟମାବଳୀ ଆଣିଥିଲେ। ପରେ ୧୯୭୨ରେ ଏହା ଭାରତୀୟ ଜଙ୍ଗଲ ଆଇନ-୧୯୨୭ ଅଧୀନକୁ ଆସିଥିଲା। ତେବେ ଉତ୍ତରାଖଣ୍ଡରେ ଏବେ ୬,୦୬୯ ବନ ପଞ୍ଚାୟତ ୪,୦୫,୪୨୬ ହେକ୍ଟର ଜଙ୍ଗଲର ସୁରକ୍ଷା ଓ ପରିଚାଳନା କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ଅକ୍ଟୋବର ୧୯୭୬**

- ଶ୍ରୀମତୀ ଅରୁଣା ଆସଫ ଅଲ୍ଲୀ ଜାତୀୟ ଭାରତୀୟ ମହିଳା ସଂଘର ସଭାନେତ୍ରୀ ନିର୍ବାଚିତ।
- କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଅତ୍ୟାଧୁନିକ ଆଲକାଲଏଡ କାରଖାନା ମଧ୍ୟପ୍ରଦେଶର ନିମଚଠାରେ ଉଦ୍‌ଘାଟିତ।

## ପାଠକ ଶ୍ରେଷ୍ଠ ବିଚାରକ

### ପାରିବାରିକ ବନ୍ଧନ ବଜାୟ ରହୁ

ମହାଶୟ,

ଆଗକାଳରେ ଥିଲା ଯୌଥ ପରିବାର, ଥିଲା ଆତ୍ମୀୟତାର ମୂଲ୍ୟବୋଧ। ମାଟି ଅଗଣାର ମୋହ ; କକା, ଖୁଡ଼ୀ, ମାଆ, ଜେଜେଙ୍କୁ ନେଇ କୋଳାହଳପୂର୍ଣ୍ଣ ପରିବେଶ। ଭାଇ ସହ ଭାଇର ରକ୍ତସମ୍ପର୍କର ପବିତ୍ରତା। କିନ୍ତୁ ସମୟ ସହ ତାଳ ଦେଇ ଭିନ୍ନ ଦିଗରେ ଅଗ୍ରସର ଆମର ପାଦ । ଦୂରେଇଯାଏ ଆତ୍ମୀୟତାର ବନ୍ଧନ। ବଦଳିଯାଏ ଚାଲିଚଳନ, ନିଜକୁ ପ୍ରସ୍ତୁତ କରିବାକୁ ପଡ଼େ ଅନ୍ୟ ଏକ ସଂସ୍କାରରେ ସାଲିସ୍ କରି ବଞ୍ଚିବାକୁ। ନ ଥାଏ ରକ୍ତସମ୍ପର୍କ, ଆପଣାର ଆତ୍ମୀୟତା କେବଳ ଯାହା ବନ୍ଧନର ଗୋଟେ ପରିସୀମା ଭିତରେ ସୃଷ୍ଟିକୁ ଆଗେଇନେବାର ପ୍ରୟାସ। ସବୁରି ଭିତରର ଅହଂକାର କେବେ ଯୋଡ଼ିହୁଏ ତ କେବେ ପୁଣି ଭାଙ୍ଗିଦିଏ ସୁନାରସଂସାର। ଆମେ ସଭିଏ ଅନ୍ୟର ଦୋଷ ଖୋଜୁ। ଆତ୍ମବଡ଼ିମା ଭିତରେ ସମସ୍ୟାର ସମାଧାନ ବଦଳରେ ତାହାକୁ ଜଟିଳତା ତଥା କୁଟିଳ କରିବସୁ। ହେଉ ସେ ଭାଇ-ଭାଇ, ବାପା-ମାଆ, ସ୍ୱାମୀ-ସ୍ତ୍ରୀ ଅବା ଶାଶୁ-ବୋହୂର ସମ୍ପର୍କ। ସମସ୍ତ ବନ୍ଧନର ପବିତ୍ରତା ବ୍ୟାପକ ତଥା ପରିବର୍ଦ୍ଧିତ ହେବା ଉଚିତ। ବଡ଼ ହେଉ ଅବା ସାନ ସମସ୍ତେ ବନ୍ଧନକୁ ଆତ୍ମୀୟତାର ସହ ଗ୍ରହଣ କରିବା ଏବଂ ସମ୍ମାନ ଦେବା ଉଚିତ୍। ନ ରହୁ ସ୍ୱାର୍ଥ, ନ ରହୁ କପଟ, ଛନ୍ଦ। ସୃଷ୍ଟିହେଉ ସୁନ୍ଦର ପରିବାର ଓ ପରିବେଶ।

**-ତୃପ୍ତି ପଣ୍ଡା, ସମ୍ପାଦିକା 'ବିଶ୍ୱନୟନ'**
**ଓ 'ବିଶଶ୍ୱେରୀ' ଗୁଣ୍ଡିଚା ବିହାର, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନ ଲୋଡ଼ଇ କିଛି, ବସି ପଥ ପାଶେ
ଚାହିଁ ମୁଁ ରହିବି ସୁଖୀ
ଚରଣ ନଚାଇ ଖେଳିଯାଅ ତୁମେ
କେଳି କଳା କଉତୁକି !
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଫୁଲ ଚାଷ



**ଗେ**ଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ପକାଇବା କାମ ଶେଷ କରନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି । ସେବତୀ ସେପ୍ଟେମ୍ବରରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨–୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ। ଚଳିତ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଗୋଲାପ ଗଛ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ। ତରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ। ଏହାର ୧୦ ଦିନ ପରେ ଏହି ତରଳ ଖତରୁ ୧ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ ।

# ଫସଲ ଉତ୍ପାଦନରେ କୋବାଲ୍ଟର ଭୂମିକା




ପ୍ର. ସୁବୋଧ କୁମାର ସାହୁ

**ଉ**ଭିଦରେ ଥିବା ୯୦ ଗୋଟି ପୋଷକ ଉପାଦାନ ମଧ୍ୟରୁ କୋବାଲ୍ଟ ଅନ୍ୟତମ । କୋବାଲ୍ଟ ଫସଲର ଅତ୍ୟାବଶ୍ୟକ ଖାଦ୍ୟ ଉପାଦାନ ନୁହେଁ। କିନ୍ତୁ ବିଭିନ୍ନ ଉପାୟରେ କୋବାଲ୍ଟ ପରୋକ୍ଷ ଭାବେ ଫସଲର ଅମଳ ବଢ଼ାଇବା ସହ ଫସଲର ଏକ ବିଶିଷ୍ଟ ଉପାଦାନ ଭାବେ ତୃଣଭୋଜି ପ୍ରାଣୀମାନଙ୍କର ବିଶେଷ ଉପକାରରେ ଆସେ । ଯଦିଓ କୋବାଲ୍ଟ ଉଭୟ ଛୁଇଁ ଏବଂ ଅଣଛୁଇଁଜାତୀୟ ଫସଲର ଏକ ପୋଷକ ଉପାଦାନ; ବିଶେଷକରି ଛୁଇଁଜାତୀୟ ଫସଲ ପାଇଁ ଏହା ଅଧିକ ସହାୟକ ହୋଇଥାଏ ।

ଛୁଇଁଜାତୀୟ ଫସଲ ଯଥା, ମୁଗ,ବିରି, ହରଡ଼,ସୋୟାବିନ, ଚିନାବାଦାମ ଆଦିର ଚେ଼ରରେ ଗୋଲାକାର ଭାତୁଡ଼ି ବହୁ ସଂଖ୍ୟାରେ ଥାଏ । ଉକ୍ତ ଭାତୁଡ଼ିରେ ଏକ ତରଳ ପଦାର୍ଥ ପୂରିରହିଥାଏ । ଏହି ତରଳ ପଦାର୍ଥ ଦେଖିବାକୁ ଈଷତ୍ ଲାଲରଙ୍ଗର । ଉକ୍ତ ଲାଲରଙ୍ଗ କେବଳ କୋବାଲ୍ଟ ଥିବା ଯୋଗୁ ହୋଇଥାଏ। ଉକ୍ତ ଲାଲରଙ୍ଗର ତରଳ ପଦାର୍ଥକୁ ଲେଗ୍‌ହେମଗ୍ଲୋବିନ୍ କୁହାଯାଏ । ଲେଗ୍‌ହେମଗ୍ଲୋବିନ୍ ବାୟୁମଣ୍ଡଳରୁ ଅମ୍ଳଜାନ ଶୋଷଣକରି ତାହା ମଧ୍ୟରେ ଥିବା କ୍ଷୁଦ୍ର ବୀଜାଣୁକୁ ବଢ଼ାଏ । ଲେଗ୍‌ହେମଗ୍ଲୋବିନ୍ ଭିତରେ ବହୁ ସଂଖ୍ୟାରେ ରାଇଜୋବିୟମ ବୀଜାଣୁ ଥାଆନ୍ତି ଯାହାକୁ ଅଣୁବିକ୍ଷଣ ଯନ୍ତ୍ର ଦ୍ୱାରା ଦେଖିହୁଏ । ରାଇଜୋବିୟମ ବୀଜାଣୁ ବାୟୁମଣ୍ଡଳରୁ ନିଷ୍କ୍ରିୟ ଯବକ୍ଷାରଯାନକୁ ଶୋଷଣକରି ଭାତୁଡ଼ି ଭିତରେ ଏହାକୁ ସକ୍ରିୟ ଆମୋନିଆରେ ପରିଣତ କରନ୍ତି। ଉକ୍ତ ଆମୋନିଆ ଭାତୁଡ଼ି ମଧ୍ୟରେ ନାଇଟ୍ରୋଜନ୍ ବା ଉଦ୍‌ଜାନ ସଂସ୍ପର୍ଶରେ ଆସି ଫସଲ ପାଇଁ ଗ୍ରହଣ ଯୋଗୁ ଆମୋନିୟମରେ ପରିଣତ ହୁଏ । ଏ ପ୍ରକାର ରସାୟନିକ ପ୍ରକ୍ରିୟା ଦ୍ୱାରା ମାଟି ଭିତରେ ଏକ କ୍ଷୁଦ୍ର ପ୍ରାକୃତିକ ଯବକ୍ଷାରଯାନ ସାର କାରଖାନା ସୃଷ୍ଟିହୁଏ । ଛୁଇଁଜାତୀୟ ଫସଲ ଉକ୍ତ ପ୍ରାକୃତିକ ଯବକ୍ଷାରଯାନ ସାର କାରଖାନାରୁ ଆମୋନିୟମ ପାଇ ଫସଲ ବଢ଼େ । ଏହାଛଡ଼ା ଛୁଇଁଜାତୀୟ ଫସଲର ଚେ଼ରରୁ ଭାତୁଡ଼ି ସ୍ଖଳନ ହୋଇ ମାଟିରେ ମିଶିଲେ ମାଟିର ସୁଲଭ ଯବକ୍ଷାରଯାନ ପରିମାଣ ବଢ଼େ । ଉକ୍ତ ଯବକ୍ଷାରଯାନକୁ ଅଣଛୁଇଁଜାତୀୟ ଫସଲ ଗ୍ରହଣକରି ଶସ୍ୟ ଉତ୍ପାଦନ ବଢ଼ିବାରେ ସାହାଯ୍ୟକରେ।

ଉଭେୟ ଛୁଇଁ ଏବଂ ଅଣଛୁଇଁଜାତୀୟ ଫସଲରେ ଭିଟାମିନ ବି–୧୨ ସଂଶ୍ଲେଷଣ କରିବାରେ କୋବାଲ୍ଟ ସାହାଯ୍ୟ କରିଥାଏ। ବିଶେଷଭାବରେ ଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଯଥା ବରସିମ୍, ଲୁସର୍ନ ଏବଂ ଅଣଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଯଥା ମକା, ନାପିୟର, ପାରା ଓ ଗିନି ଆଦିରେ ଭିଟାମିନ ବି–୧୨ ପ୍ରସ୍ତୁତ କରିବାରେ କୋବାଲ୍ଟ ସାହାଯ୍ୟ କରିଥାଏ। ଭିଟାମିନ ବି–୧୨ ଅଭାବରେ ଗୋରୁ ଆଦି ପ୍ରାଣୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି । ମାଟିରେ ସୁଲଭ କୋବାଲ୍ଟ ସ୍ୱଳ୍ପ ପରିମାଣରେ ଅର୍ଥାତ୍ ହେକ୍ଟର ପ୍ରତି ୦.୨ ରୁ ୧.୨ କିଲୋଗ୍ରାମ ପର୍ଯ୍ୟନ୍ତ ଥାଏ । ଏଥିମଧ୍ୟରୁ ଅମ୍ଳ କିସମ ମାଟିରେ ସୁଲଭ କୋବାଲ୍ଟ ଆଶାନୁରୂପ ପରିମାଣରେ ଥିବାବେଳେ କ୍ଷାରୀ ମାଟିରେ ସୁଲଭ କୋବାଲ୍ଟ ଅଭାବ ପରିମାଣରେ ଅର୍ଥାତ୍ ୦.୨ ରୁ ୧.୦ କିଲୋଗ୍ରାମ ପର୍ଯ୍ୟନ୍ତ ଥାଏ, ଯାହାକି ଅଭାବ ପରିସୀମା ୧.୧୦ କିଲୋଗ୍ରାମ ଠାରୁ କମ୍ । କିନ୍ତୁ ଓଡ଼ିଶାର ପ୍ରାୟ ୭୦ ଶତକଡ଼ା ମାଟି ଅମ୍ଳ । ତେଣୁ ଓଡ଼ିଶା ମାଟିରେ ସୁଲଭ କୋବାଲ୍ଟ ଅଧିକ ରହିବାର ସମ୍ଭାବନା ଅଧିକ । କିନ୍ତୁ ଅମ୍ଳମାଟିରେ ଧାନ ଫସଲ ବ୍ୟତୀତ ଅଧିକାଂଶ ଫସଲ ଆଶାନୁରୂପ ଭାବେ ବଢ଼ିପାରେନାହିଁ। ସେଥିପାଇଁ ଅମ୍ଳମାଟିରେ ଚୂନ ପ୍ରୟୋଗ କରି ଫସଲ ଚାଷ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଏ ।

"ଉଭୟ ଛୁଇଁ ଏବଂ ଅଣଛୁଇଁଜାତୀୟ ଫସଲରେ ଭିଟାମିନ ବି-୧୨ ସଂଶ୍ଲେଷଣ କରିବାରେ କୋବାଲ୍ଟ ସାହାଯ୍ୟ କରିଥାଏ । ବିଶେଷଭାବରେ ଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଯଥା ବରସିମ୍, ଲୁସର୍ନ ଏବଂ ଅଣଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଯଥା ମକା, ନାପିୟର, ପାରା ଓ ଗିନି ଆଦିରେ ଭିଟାମିନ ବି-୧୨ ପ୍ରସ୍ତୁତ କରିବାରେ କୋବାଲ୍ଟ ସାହାଯ୍ୟ କରିଥାଏ । ଭିଟାମିନ ବି-୧୨ ଅଭାବରେ ଗୋରୁ ଆଦି ପ୍ରାଣୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି । ମାଟିରେ ସୁଲଭ କୋବାଲ୍ଟ ସ୍ୱଳ୍ପ ପରିମାଣରେ ଅର୍ଥାତ୍ ହେକ୍ଟର ପ୍ରତି ୦.୨ ରୁ ୧.୨ କିଲୋଗ୍ରାମ ପର୍ଯ୍ୟନ୍ତ ଥାଏ ।"



ଅମ୍ଳମାଟିରେ ଚୂନ ପ୍ରୟୋଗକଲେ ସବୁ ପ୍ରକାର ଛୁଇଁଜାତୀୟ ଫସଲର ଚେ଼ରରେ ଭାତୁଡ଼ି ସଂଖ୍ୟା ବଢ଼େ ସତ, କିନ୍ତୁ ମାଟିର ପିଏଚ୍ ବଢ଼ିବା ହେତୁ କୋବାଲ୍ଟ ଅଭାବରୁ ଭାତୁଡ଼ିରେ ରାଇଜୋବିୟମ ସଂଖ୍ୟା କମିଥାଏ । ତେଣୁ ଛୁଇଁଜାତୀୟ ଫସଲ ପାଇଁ ମାଟିର ପିଏଚ୍ ୬ ରୁ ୬.୫ ମଧ୍ୟରେ ରଖି ଉକ୍ତ ମାଟିରେ ହେଉଥିବା ଫସଲ ପାଇଁ ବଜାରରେ ରାସାୟନିକ ଦୋକାନରେ ମିଳୁଥିବା କୋବାଲ୍ଟ କ୍ଲୋରାଇଡ୍ ପ୍ରୟୋଗ କରିବା ଉଚିତ୍ । ପରୀକ୍ଷାରୁ ଜଣାପଡିଛି, ହେକ୍ଟର ପିଛା ୨.୦ କିଲୋଗ୍ରାମ କୋବାଲ୍ଟ କ୍ଲୋରାଇଡ୍‌କୁ ୪୦ କିଲୋଗ୍ରାମ ସିଙ୍ଗଲ ସୁପର ଫସ୍‌ଫେଟ୍ ସହ ମିଶାଇ ପ୍ରୟୋଗକଲେ ଛୁଇଁଜାତୀୟ ଫସଲର ଚେ଼ରରେ ଭାତୁଡ଼ି ସଂଖ୍ୟା ବଢ଼ି ରାଇଜୋବିୟମ ବୀଜାଣୁ ସଂଖ୍ୟା ଠିକ୍ ପରିମାଣରେ ରହି ବାୟୁମଣ୍ଡଳରୁ ଯବକ୍ଷାରଜାନ ଗ୍ରହଣ ଠିକ୍ ଅନୁପାତରେ ହୋଇଥାଏ ।

ଗୃହପାଳିତ ରୋମନ୍ଥକ ପ୍ରାଣୀ ଅଧିକ ଭିଟାମିନ ବି–୧୨ ଆବଶ୍ୟକ କରନ୍ତି । ସବୁଜ ଗୋଖାଦ୍ୟରେ କିଲୋଗ୍ରାମ ପ୍ରତି ୦.୧୦ ରୁ ୦.୧୭ ମିଲିଗ୍ରାମ ରହିଲେ ରୋମନ୍ଥକ ପ୍ରାଣୀ ସୁସ୍ଥ ରହନ୍ତି । ଓଡ଼ିଶାର ଅଧିକ ଚାଷୀ ରୋମନ୍ଥକ ପ୍ରାଣୀଙ୍କୁ ଶୁଖିଲା ଗୋଖାଦ୍ୟ ଦିଅନ୍ତି । ପରୀକ୍ଷାରୁ ଜଣାଯାଇଛି, ଶୁଖିଲା ଧାନ ନଡ଼ାରେ କିଲୋଗ୍ରାମ ପ୍ରତି ମାତ୍ର ୦.୦୪୩ ମିଲିଗ୍ରାମ କୋବାଲ୍ଟ ଅଛି; ଯାହାକି ପ୍ରାଣୀମାନଙ୍କ ପାଇଁ ଆବଶ୍ୟକ ପରିମାଣଠାରୁ କମ୍ । ବିଭିନ୍ନ ଅନ୍ୟାନ୍ୟ ଗୋଖାଦ୍ୟ ଅମ୍ଳମାଟିରେ ଚାଷହୋଇଥିବା ବାଜରାରେ ୦.୨ ରୁ ୦.୩୩ ମିଲିଗ୍ରାମ, ଜୁଆରରେ ୦.୨୦ ରୁ ୦.୫୦ ମିଲିଗ୍ରାମ, ଗିନି ଘାସରେ ୦.୨୪ରୁ ୦.୪୮ ମିଲିଗ୍ରାମ, ପାରା ଘାସରେ ୦.୩ ରୁ ୩୨ ମିଲିଗ୍ରାମ ଏବଂ ବରମୁଣ୍ଡା ଘାସରେ ୦.୨୬ ରୁ ୩.୭୫ ମିଲିଗ୍ରାମ କୋବାଲ୍ଟ କିଲୋଗ୍ରାମ ପ୍ରତି ଥାଏ । ତେଣୁ ଏହିସବୁ ସବୁଜ ଗୋଖାଦ୍ୟକୁ ରୋମନ୍ଥକ ପ୍ରାଣୀଙ୍କୁ ଖାଇବାକୁ ଦେବା ଉଚିତ୍ । ଅନ୍ୟପକ୍ଷରେ ଧାନ, ଗହମ ଏବଂ ଓଟ୍ ଜାତୀୟ ଗୋଖାଦ୍ୟ ଫସଲରେ କୋବାଲ୍ଟ କ୍ଲୋରାଇଡ୍ ପ୍ରୟୋଗକରିବା ଉଚିତ୍ ।

–ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

## ଅଳ୍ପରେ

**ମକା :** ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ। ମକାର ଚୋପା ଛଡ଼ାଇ ୭–୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ। ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ମାଣ୍ଡିଆ :** କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ । କେଣ୍ଡାଗୁଡ଼ିକ ୩–୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ ।

**ଗହମ :** ଗହମ ବୁଣିବା ପାଇଁ ଜମିକୁ



ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ । ଉନ୍ନତ ବିହନ ଯଥା: ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି–୨୬୨ ସଂଗ୍ରହ କରନ୍ତୁ ।

**କୋଳଥ :** ଉର୍ମି, ଡିଏସ୍ ୧–୨, ଡିଏସ୍୧–୨–୨, ନୟାଗଡ଼–୧ ଆଦି କିସମ ସଂଗ୍ରହକରି ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ବୁଣାକାମ ଶେଷ କରନ୍ତୁ। ଜମି ପ୍ରସ୍ତୁତକରି ମୂଳସାର ହିସାବରେ ହେକ୍ଟର ପ୍ରତି ୫ ଟନ୍ ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୧୨.୫



କି.ଗ୍ରା. ଯବକ୍ଷାରଜାନ ଓ ୨୫ କି.ଗ୍ରା. ଫସ୍‌ଫରସ୍ ସାର ପ୍ରୟୋଗ କରନ୍ତୁ ।

**ଚିନାବାଦାମ :** ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳକରି ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ। ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାରକରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।



ସ୍ମୃତି, ଦେବୀ, ଧରଣୀ, ଟି.ଜି.–୩୮, ଟିଏସ୍‌ଭି–୨ ଓ କାଦିରୀ–୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

## ପ୍ରାଣୀଙ୍କ ପ୍ରାକୃତିକ ଖାଦ୍ୟ



**ପ୍ରା**ଣୀଙ୍କ ପ୍ରାକୃତିକ ଖାଦ୍ୟ ପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷକରନ୍ତୁ। ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ। ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷାକରିବା ବନ୍ଦୋବସ୍ତ କରନ୍ତୁ। ଗାଈଙ୍କୁ ଟିଙ୍କ ନିବାରଣ ବିଷ ସିଞ୍ଚନ କରନ୍ତୁ। ଗୋରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ । ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ସେମାନଙ୍କୁ ପ୍ରତି ୩ ମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ ।

## ମାଛଚାଷ ସମୟରେ...



**ବର୍ଷା** ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତ କରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଯାଆଁଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ । ଏହାବ୍ୟତୀତ ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ଏବଂ ଗୋବର ପ୍ରୟୋଗର ୧୫ ଦିନ ପରେ କ୍ୟାଲ୍‌ସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (ସିଏଏନ୍) ୨୦ ରୁ ୨୫ କି.ଗ୍ରା. ଏବଂ ସିଙ୍ଗଲ ସୁପର ଫସ୍‌ଫେଟ୍ (ଏସ୍‌ଏସ୍‌ପି) ସାର ୧୫ ରୁ ୨୦ କି.ଗ୍ରା. ମାଛ ପୋଖରୀରେ ପ୍ରୟୋଗ କରନ୍ତୁ ।

## ସଅଳ କିସମ ଧାନ ଚାଷ



**ସ**ଅଳ କିସମ ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳକରି ୨/୩ ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳବଦଳକରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି/ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗକରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି/ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦାମୂଳକୁ ଦେଖାଇ ସିଞ୍ଚନକରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନକରି ସିଞ୍ଚନ କରନ୍ତୁ।

## ଆଖୁରେ ଅଗବିନ୍ଧା ପୋକ ଦମନ

**ଆ**ଖୁ କିଆରିରେ ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩–୪ ଥର ଛାଡ଼ନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ପକାଇ ଏହି ପୋକକୁ




ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହକରି ଜମିରେ ଛାଡ଼ନ୍ତୁ। ଏହାବ୍ୟତୀତ ସନ୍ଧ୍ୟାରେ ଜମିରେ ଧୂଆଁଦେବା ବ୍ୟବସ୍ଥା କରନ୍ତୁ।

ଦହିଆପୋକ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲ୍ୟୁପି କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଲିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ। ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ିଦେଇ ନଷ୍ଟ କରିଦିଅନ୍ତୁ ।

## ପନିପରିବା ଚାଷରେ ରୋଗପୋକ ନିୟନ୍ତ୍ରଣ

**ଲ**ଙ୍କା ଫସଲରେ ଉକୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଲୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଡିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି



ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨–୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନକରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


Hero
125M
CELEBRATING 125 MILLION CUSTOMERS
ଆସୁଛି ଧନତେରସର ପରବ, ହିରୋ ରେ ସବାର ହୋଇ
XTREME 125R
Pleasure+
GST ଲାଭ
ଉତ୍ପାଦଗୁଡ଼ିକ | ଏକ୍ସ-ଶୋ'ରୁମ୍ ମୂଲ୍ୟ | GST ଲାଭ
Xtreme 125R | ₹1 01 845 ₹93 884# | ₹7 961
PLEASURE + | ₹76 773 ₹70 772# | ₹6 001
ସୀମିତ ସମୟର ଅଫର
ଏବେ ବୁକ୍ କରନ୍ତୁ ଧନତେରସ୍‌ରେ ସୁନିଶ୍ଚିତ ଡିଲିଭେରି ପାଇଁ
+ ନଗଦ ବୋନସ୍ ₹3 500~ ପର୍ଯ୍ୟନ୍ତ
+ ତୁରନ୍ତ ରିହାତି ₹10 000^ ପର୍ଯ୍ୟନ୍ତ
HDFC BANK କ୍ରେଡିଟ୍ କାର୍ଡ FESTIVE TREATS Powered by pine labs
+ ଦୈନିକ EMI ₹59$ ରୁ ଆରମ୍ଭ
ଡାଉନ୍ ପେମେଣ୍ଟ ₹1 999$ ରୁ ଆରମ୍ଭ
ସ୍ୱତନ୍ତ୍ର କର୍ପୋରେଟ୍ ଅଫର୍ ₹3 200~ ପର୍ଯ୍ୟନ୍ତ
INDIA'S FIRST 5 YEAR WARRANTY *Conditions apply
Hero GoodLife
ଜିତିବାର ସୁଯୋଗ 100% କ୍ୟାସବ୍ୟାକ | 24 କ୍ୟାରେଟ ସ୍ୱର୍ଣ୍ଣ ମୁଦ୍ରା
ଏବଂ ଆହୁରି ଅନେକ ସୁନିଶ୍ଚିତ ଲାଭ*
Additional offers on: Flipkart amazon.in
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL1984PLC017354 I For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ~Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. $Finance offer is at the sole discretion of the Financier, subject to its respective T&Cs, Available at select dealerships. ^T&C apply, Offer available only on limited stores. *Limited period offer, T&C apply. As per cumulative dispatch numbers till August 2025. #Ex-showroom price of Xtreme 125R x Pleasure+ in Bhubaneswar.
TOLL FREE 1800 266 0018
Authorized Dealers: Behrampur: Lakshmi Motors, Dharma Nagar, Ph: 9289922184, Phulbani: Narayani Hero, Ph: 9289922991 Associate Dealers: Parlakhemundi:Preetam Enterprises-9438685535, Bhanjanagar:Rebati Motors-9438279794/9937015509, Patrapur:Ronak Motors-9030985084, Tikabali:M/S Maa Rudrakali Automobiles-7846961367, Baliguda:Sai Automobiles-9827843657, Aska: Sagar Automobiles, Ph: 9437257777, Hinjilikatu: Sri Dakhinakali Automibiles- 9438076861.


mahindra Rise
ପାର୍ବଣ ଆଣିଛି ପ୍ରଗତିର ପିକ୍-ଅପ୍ ର ଉପହାର
ଏବେ ଲାଭ ବି ଅଧିକ । ନୂଆ GST ସହିତ ମୂଲ୍ୟ ବି କମ୍ ।
SUPRO PROFIT TRUCK
₹56 000.00* ପର୍ଯ୍ୟନ୍ତର GST ମୂଲ୍ୟ ହ୍ରାସ
+
₹94 000.00* ପର୍ଯ୍ୟନ୍ତର ଲାଭ
BOLERO MaXX PIK-UP
₹94 000.00* ପର୍ଯ୍ୟନ୍ତର GST ମୂଲ୍ୟ ହ୍ରାସ
+
₹54 000.00* ପର୍ଯ୍ୟନ୍ତର ଲାଭ
VEERO
₹78 000.00* ପର୍ଯ୍ୟନ୍ତର GST ମୂଲ୍ୟ ହ୍ରାସ
+
₹1 02 000.00* ପର୍ଯ୍ୟନ୍ତର ଲାଭ
ସୀମିତ ଷ୍ଟକ୍ । ଆଜି ହିଁ କିଣନ୍ତୁ ।
CNG ରେ ମଧ୍ୟ ଉପଲବ୍ଧ
95% ପର୍ଯ୍ୟନ୍ତ ଅନ୍-ରୋଡ୍ ପାଣ୍ଠି ଉପଲବ୍ଧ*
with you hamesha 1800-209-6006
xmart SMART BUY. SMART EXCHANGE.
UDAY
ଦଶ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା
ପ୍ରଦର୍ଶିତ ସହ-ଉପକରଣସବୁ ମାନକ ଉପକରଣର ଭାଗ ନୁହେଁ ।
*GST ମୂଲ୍ୟ ହ୍ରାସ ଯୋଗୁଁ ନୂଆ ମୂଲ୍ୟ ୨୨ ସେପ୍ଟେମ୍ବର ୨୦୨୫ ରୁ ଲାଗୁ । *ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ ।
VISWAJEET UDYOG PVT. LTD. : BERHAMPUR: 9289220867

ଧରିତ୍ରୀ
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୫/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Wednesday, October 15/2025 Page 16 ₹ 7.00 | BERHAMPUR
୫୧ଶ ଭାଗ ୩୧୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 319 ମୂଲ୍ୟ ₹୭/-

# ପୁରୁଷ ବନ୍ଧୁ ଖଳନାୟକ

## ଡାକ୍ତରୀ ଛାତ୍ରୀ ଗଣବଳାତ୍କାର ଘଟଣାରେ ନୂଆ ମୋଡ଼

**କୋଲକାତା,୧୪।୧୦**

ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜ ବାହାରେ ଓଡ଼ିଆ ଡାକ୍ତରୀ ଛାତ୍ରୀ ଗଣବଳାତ୍କାର ମାମଲା ମଙ୍ଗଳବାର ନୂଆ ମୋଡ଼ ନେଇଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁ ୱାସିଫ ଅଲ୍ଲୀ ଘଟଣାର ମୁଖ୍ୟ ଖଳନାୟକ ବୋଲି ପୋଲିସ ଜାଣିବାକୁ ପାଇଛି। ମଙ୍ଗଳବାର ସନ୍ଧ୍ୟାରେ ୱାସିଫଙ୍କୁ ପୋଲିସ ଗିରଫ କରିଥିବା ପୋଲିସ କମିଶନର ସୂଚନା ଦେଇଛନ୍ତି।

ବାଲେଶ୍ୱର ଜିଲା ଜଳେଶ୍ୱରର ଏହି ଛାତ୍ରୀ ଜଣକ ଶୁକ୍ରବାର ରାତିରେ ପୁରୁଷ ବନ୍ଧୁଙ୍କ ସହ ମେଡିକାଲ କଲେଜ ବାହାରକୁ ଡିନର କରିବାକୁ ଯାଇଥିବାବେଳେ ବଳାତ୍କାରର ଶିକାର ହୋଇଥିଲେ। ପୁରୁଷ ବନ୍ଧୁ ବଳାତ୍କାର କରିଥିଲେ ବୋଲି ପୀଡ଼ିତାଙ୍କ ବୟାନରୁ ଜଣାପଡ଼ିଛି। ପୀଡ଼ିତାଙ୍କ ବାପା ମଧ୍ୟ ଅଭିଯୋଗରେ ୱାସିଫଙ୍କ ନାଁ ନେଇଥିଲେ। ତାଙ୍କୁ ମିଶାଇ ମୋଟ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୬ରେ ପହଞ୍ଚିଛି। ୱାସିଫଙ୍କୁ ବୁଧବାର ସକାଳେ କୋର୍ଟରେ ହାଜର କରାଯିବ ବୋଲି ପୋଲିସ କହିଛି।

ଇତିମଧ୍ୟରେ ପୋଲିସ ଗଣବଳାତ୍କାର ଅଭିଯୋଗକୁ ଖଣ୍ଡନ କରିଛି। ଜଣେ ବ୍ୟକ୍ତି ହିଁ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ବୟାନ, ପ୍ରାରମ୍ଭିକ ଭୌତିକ ପ୍ରମାଣ ଆଦିରୁ ଜଣେ ବ୍ୟକ୍ତି ହିଁ ବଳାତ୍କାର କରିଥିବା ସ୍ପଷ୍ଟ ହେଉଛି ବୋଲି ଆସନସୋଲ୍-ଦୁର୍ଗାପୁର ପୋଲିସ କମିଶନର ସୁନିଲ କୁମାର ଚୌଧୁରୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତେବେ ଆମେ ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ଜେରା କରିବା ସହ ସବୁ ଦିଗକୁ ଅନୁଧ୍ୟାନ କରୁଛୁ ବୋଲି ସେ କହିଛନ୍ତି।

ପୁରୁଷ ବନ୍ଧୁଙ୍କୁ ଗିରଫ କରାଯିବା ପୂର୍ବରୁ ଅପରାହ୍ନରେ ପୋଲିସ ୫ ଅଭିଯୁକ୍ତଙ୍କ ସହ ତାଙ୍କୁ ଅପରାଧ ସ୍ଥଳକୁ ନେଇ କ୍ରାଇମ୍ ସିନ୍‌ର ରିକ୍ରିଏଶନ କରିଥିଲା। କାଳୀବାରି ଶ୍ମଶାନ ନିକଟବର୍ତ୍ତୀ ଜଙ୍ଗଲରେ ଏମ୍‌ବିବିଏସ୍ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା। ଅଭିଯୁକ୍ତ ଓ ପୁରୁଷ ବନ୍ଧୁଙ୍କୁ ସେଠାକୁ ନିଆଯାଇ ଶୁକ୍ରବାର ରାତିରେ ଅପରଧ ଘଟାଇବା ବେଳେ ସେମାନେ କ'ଣ ସବୁ କରିଥିଲେ, ତାହା ପୁନର୍ବାର କରିବାକୁ ପୋଲିସ କହିଥିଲା। ସମ୍ପୂର୍ଣ୍ଣ ରିକ୍ରିଏଶନ ଦୃଶ୍ୟର ଭିଡିଓଗ୍ରାଫି କରାଯିବା ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ଏହାକୁ ପୀଡ଼ିତାଙ୍କ ବୟାନ ସହ ଯାଞ୍ଚ୍ କରାଯିବ ବୋଲି ତଦନ୍ତକାରୀ ଟିମ୍‌ର ଜଣେ ପୋଲିସ୍ ଅଧିକାରୀ କହିଛନ୍ତି। ଅପରାଧ ସ୍ଥଳକୁ ନେବା ପୂର୍ବରୁ ପୀଡ଼ିତାଙ୍କ ବନ୍ଧୁଙ୍କୁ ପୋଲିସ ଘଣ୍ଟାଏ ଧରି ଜେରା କରିଥିଲା। ୨ ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର ସେମାନଙ୍କ ଘରକୁ ନିଆଯାଇ ଅପରାଧ ସହ ସାମିଲ ଥିବା ପ୍ରମାଣକୁ ପୋଲିସ ଖୋଜିଥିଲା।

## ଦେଶର ୧୦୦ ଦୁର୍ଘଟଣାପ୍ରବଣ ଜିଲା ମଧ୍ୟରେ ସୁନ୍ଦରଗଡ଼, ଗଞ୍ଜାମ


**ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)**

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଦେଶର ୧୦୦ଟି ଦୁର୍ଘଟଣାପ୍ରବଣ ଜିଲାକୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ଓଡ଼ିଶାର ସୁନ୍ଦରଗଡ଼ ଏବଂ ଗଞ୍ଜାମ ଜିଲା ରହିଛି। ଓଡ଼ିଶାର ଏହି ୨ ଜିଲାରେ ଘଟୁଥିବା ଦୁର୍ଘଟଣା ଏବଂ ଏଥିଜନିତ ହେଉଥିବା ମୃତ୍ୟୁସଂଖ୍ୟା ଯେଉଁଭଳି ବୃଦ୍ଧି ଘଟୁଛି ତାହା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ୨୦୨୪ରେ ଜାନୁଆରୀରୁ ଜୁଲାଇ ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଯେତିକି ଘଟିଥିଲା ୨୦୨୫ ଜାନୁଆରୀରୁ ଜୁଲାଇ ମଧ୍ୟରେ ଘଟିଥିବା ଦୁର୍ଘଟଣାକୁ ତୁଳନାକଲେ ଏଥିରେ ୨୩ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୪ ଜାନୁଆରୀରୁ ☞ପୃଷ୍ଠା-୬

## ଡିସେମ୍ବର ୨୨ରୁ ଯୁକ୍ତ୨ ଇଣ୍ଟରନାଲ ପରୀକ୍ଷା

**ଭୁବନେଶ୍ୱର,୧୪।୧୦(ସୁଚିସ୍ମିତା ସାହୁ)**

ଯୁକ୍ତ୨ ଇଣ୍ଟରନାଲ ପରୀକ୍ଷା ଆସନ୍ତା ଡିସେମ୍ବର ୨୨ରୁ ଆରମ୍ଭ ହୋଇ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଦୁଇଟି ସ୍ଲଟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇପାରିବେ। ଯଦି ଛାତ୍ରୀଛାତ୍ର କୌଣସି କାରଣ ଯୋଗୁ ପରୀକ୍ଷା ଦେଇପାରି ନ ଥିବେ କିମ୍ବା ପ୍ରଥମ ପରୀକ୍ଷାରେ ଫେଲ ହୋଇଥିବେ, ☞ପୃଷ୍ଠା-୬




# ଷଡ଼ଯନ୍ତ୍ରକାରୀ ବାପ, ପୁଅଙ୍କ ସମେତ ୪ ଗିରଫ

**ଏମ୍ସ କର୍ମଚାରୀଙ୍କୁ ଗୁଳିକରି ହତ୍ୟା ଘଟଣା**

■ମୁଖ୍ୟ ଅଭିଯୁକ୍ତ ଶିବାଙ୍କୁ ଖୋଜୁଛି ପୋଲିସ

■ ଅପରାଧରେ ବ୍ୟବହୃତ ବନ୍ଧୁକ ଜବତ

ଭୁବନେଶ୍ୱର,୧୪।୧୦(ସତ୍ୟଜିତ ରାଉତ)


ଗିରଫ ୪ ଅଭିଯୁକ୍ତ।

ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁରେ ଜମିଜମା ବିବାଦକୁ ନେଇ ଏମ୍ସ କର୍ମଚାରୀ ସୁଧାଂଶୁ ଖୁଣ୍ଟିଆ ଓରଫ ରବି (୩୦)ଙ୍କୁ ଗୁଳି କରି ହତ୍ୟା ଘଟଣାରେ ମଙ୍ଗଳବାର ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣାରେ ସୁଧାଂଶୁଙ୍କ ଦାଦାପୁଅ ଭାଇ ମୁଖ୍ୟ ଅଭିଯୁକ୍ତ ଶିବା ପ୍ରଧାନ ଫେରାର ଥିବାବେଳେ ପୋଲିସ ତାଙ୍କୁ ଧରିବାକୁ ଖୋଜାଖୋଜି ଜାରି ରଖିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିବାଙ୍କ ବାପା ସୁକାନ୍ତ ପ୍ରଧାନ ଓରଫ ଭାଲୁ, ବଡ଼ଭାଇ ଶୁଭେନ୍ଦୁ ପ୍ରଧାନ ଓରଫ ଛବି, ସାଙ୍ଗ ରାକେଶ ଖୁଣ୍ଟିଆ ଓରଫ ରାକା ଏବଂ ରଘୁନାଥନଗରର କାହ୍ନା ଓରଫ ସୁବ୍ରତ ସାହୁ। ଶିବା ହିଁ ସୁଧାଂଶଙ୍କୁ ଗୁଳି କରି ହତ୍ୟା କରିଥିଲେ ବୋଲି ଖବରଦାତା ସମ୍ମିଳନୀରେ ଜୋନ ଏସିପି-୩ ତାପସ ପ୍ରଧାନ କହିଛନ୍ତି। ଘଟଣା ଭିଆଇବା ପରେ ଶିବା ଉକ୍ତ ବନ୍ଧୁକକୁ ନେଇ ରାକେଶଙ୍କ ମାଧ୍ୟମରେ କାହ୍ନାଙ୍କୁ ଦେଇଥିଲେ। ପୋଲିସ କାହ୍ନାଙ୍କଠାରୁ ଅପରାଧରେ ବ୍ୟବହୃତ ବନ୍ଧୁକ (୭.୬୫ ଏମ୍ଏମ୍ ପିସ୍ତଲ) ଜବତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଶିବା କେଉଁଠାରୁ ବନ୍ଧୁକ ଆଣିଥିଲେ ସେନେଇ ଅଧିକ ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସୁଧାଂଶୁଙ୍କ ପରିବାର ଓ ଶିବାଙ୍କ ପରିବାର ମଧ୍ୟରେ ଘରଡିହ ଜମିକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଏପରିକି ୭ବର୍ଷ ହେବ ଭୁବନେଶ୍ୱର ସିଭିଲ କୋର୍ଟରେ ଏନେଇ ମାମଲା ମଧ୍ୟ ଚାଲିଛି। ମୃତ୍ୟୁ ପୂର୍ବରୁ ଜେଜେମା' ବିଳାସିନୀ ନାତି ସୁଧାଂଶୁଙ୍କ ନାଁରେ ଘରଡିହ କରିଦେଇଥିଲେ। କୋର୍ଟରେ ଏନେଇ ସୁଧାଂଶୁ ପ୍ରମାଣ ଦେବାରୁ ଦାଦା ପରିବାର ତାଙ୍କୁ ହତ୍ୟା କରିବାକୁ ଯୋଜନା ରଚିଥିଲେ। ଦାଦା ସୁକାନ୍ତ, ଦୁଇ ପୁଅ ଛବି ଓ ଶିବା ଏବଂ ସାଙ୍ଗ ରାକେଶ ଏନେଇ ଷଡ଼ଯନ୍ତ୍ର କରିଥିଲେ। କିଛିଦିନ ତଳେ ଶିବା ଏକ ବନ୍ଧୁକ ଯୋଗାଡ଼ କରି ଆଣିଥିଲେ। ସୁଧାଂଶୁ ସୋମବାର ସକାଳ ପ୍ରାୟ ୯ଟାରେ ବାଇକ ଯୋଗେ ଏମ୍ସକୁ ଡ୍ୟୁଟି କରିବାକୁ ଯାଉଥିବାବେଳେ ଗାଁ ରାସ୍ତାରେ ଶିବା ଛକି ରହିଥିଲେ। ରାକେଶ ସେହି ବାଟେ ଆସି ତାଙ୍କ ପଛରେ ସୁଧାଂଶୁ ଆସୁଥିବା ଜଣାଇଥିଲେ। ପରେ ସୁଧାଂଶୁଙ୍କୁ ରାସ୍ତାରେ ଅଟକାଇ ଶିବା ଗୁଳି କରି ହତ୍ୟା କରିଥିଲେ। ଏନେଇ ସୁଧାଂଶୁଙ୍କ ସାନଭାଇ ଦେବାଶିଷଙ୍କ ଏତଲାକ୍ରମେ ଖଣ୍ଡଗିରି ପୋଲିସ ଏକ ମାମଲା (ନଂ. ୭୩୮/୨୦୨୫) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ଧରାପଡ଼ିଲା ବହୁ କୋଟି ଟଙ୍କାର ହେରଫେର

■ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ କନିଷ୍ଠ କିରାଣି ନିଲମ୍ବିତ

■ନକଲି ଇ-ଚାଲାଣ ଦେଇ ଆତ୍ମସାତ୍ କରୁଥିଲେ ଅର୍ଥ

■ଏଜିଙ୍କ ଅଡିଟ୍ ପରେ ଖୋଲିଗଲା ବହୁ ବର୍ଷର ଗୁମର

ଅନୁଗୋଳ,୧୪।୧୦(ମାନସ ବିଶ୍ୱାଳ)


ନିଲମ୍ବିତ କନିଷ୍ଠ କିରାଣି।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଆକାଉଣ୍ଟାଣ୍ଟ ଦାୟିତ୍ୱରେ ଥିବା କନିଷ୍ଠ କିରାଣି ସୁବ୍ରତ ବେହେରା ଦରମା ବାବଦ ଅର୍ଥରୁ ବହୁ କୋଟି ଟଙ୍କାର ହେରଫେର୍ କରିଥିବା ଜଣାପଡ଼ିବା ପରେ ତାଙ୍କୁ କାର୍ଯ୍ୟରୁ ମଙ୍ଗଳବାର ନିଲମ୍ବନ କରାଯାଇଛି। ବହୁବର୍ଷ ଧରି ସେ କିପରି ସରକାରୀ ଅର୍ଥ ଆତ୍ମସାତ୍ କରିଚାଲିଥିଲେ ତାହାର ଗୁମର ଖୋଲିଯାଇଛି। ଏ ସମ୍ପର୍କରେ ଆକାଉଣ୍ଟାଣ୍ଟ ଜେନେରାଲ (ଏଜି), ସ୍ୱାସ୍ଥ୍ୟ ବିଭାଗ ଅଡିଟ୍ ଟିମ୍ ଓ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା (ଏଚ୍ଆର୍ଏମ୍ଏସ୍) ତଦନ୍ତ କରିବା ପରେ ସମ୍ପୂର୍ଣ୍ଣ ଘଟଣା ପଦାକୁ ଆସିଛି। ଏ ନେଇ କନିଷ୍ଠ କିରାଣିଙ୍କ ବିରୋଧରେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

ସୂଚନା ଅନୁଯାୟୀ, ୨୦୦୭ ମସିହାରେ ସୁବ୍ରତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ କନିଷ୍ଠ କିରାଣି ଭାବେ ନିଯୁକ୍ତି ମିଳିଥିଲା। ୨୦୧୫-୧୬ରୁ ସେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଇତିମଧ୍ୟରେ ସେ ନିଜ ଆକାଉଣ୍ଟକୁ ନିର୍ଦ୍ଧାରିତ ଦରମା ଠାରୁ ବହୁ କୋଟି ଟଙ୍କା ଅଧିକ ପଠାଇଥିବା ଜଣାପଡ଼ିଥିଲା। ଏଜିଙ୍କ ଅଡିଟ୍‌ରୁ ଏହା ଧରାପଡ଼ିବା ପରେ ତଦନ୍ତ ପରିଧି ବଢ଼ାଯାଇଥିଲା। ୫ ଦିନ ଧରି ଅନୁଗୋଳରେ ଏଜି ତଦନ୍ତ କରିବା ପରେ ସ୍ୱାସ୍ଥ୍ୟ ବିଭାଗ ଅଡିଟ୍ ଟିମ୍ ମଧ୍ୟ ଏହାର ତଦନ୍ତ କରିଥିଲା। କନିଷ୍ଠ କିରାଣି ସୁବ୍ରତ ଅଧିକାଂଶ ସମୟରେ ଡାକ୍ତରଖାନାର କର୍ମଚାରୀ, ଡାକ୍ତରଙ୍କ ଆକାଉଣ୍ଟକୁ ଜାଣିଶୁଣି ଅଧିକ ଦରମା ପଠାଇ ଦେଉଥିଲେ। ପରେ ଦରମା ବାବଦ ଯାଇଥିବା ଅଧିକ ଅର୍ଥ ଫେରସ୍ତ ପାଇଁ ସମ୍ପୃକ୍ତ କର୍ମଚାରୀ ଓ ଡାକ୍ତରଙ୍କ ଉପରେ ଚାପ ପ୍ରୟୋଗ କରୁଥିଲେ। ଏପରି କି ଅଧିକ ଅର୍ଥ ଫେରସ୍ତ ସମୟରେ ସେ ଏକ ନକଲି ଇ-ଚାଲାଣ ମଧ୍ୟ ଦେଉଥିବା ତଦନ୍ତରୁ ଜଣାପଡ଼ିଛି। ସମ୍ପୃକ୍ତ କିରାଣିଙ୍କ ଏପରି ଅର୍ଥ ଆତ୍ମସାତ୍ ଘଟଣାକୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ସ୍ୱୀକାର କରିଛନ୍ତି।

# ମନ୍ଦିରରୁ ଚୋରି ହୋଇଥିବା ସାମଗ୍ରୀ ଜବତ, ୩ ଗିରଫ

ଆଠମଲ୍ଲିକ,୧୪।୧୦(ଉଦୀପ୍ତ ପୁରୋହିତ)


ଗିରଫ ଅଭିଯୁକ୍ତଙ୍କ ସହ ଜବତ ହୋଇଥିବା ବିପୁଳ ସାମଗ୍ରୀ।

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ବିଭିନ୍ନ ମନ୍ଦିରରୁ ଚୋରି ହୋଇଥିବା ସାମଗ୍ରୀକୁ ପୋଲିସ ଜବତ କରିବା ସହ ଏଥିରେ ସମ୍ପୃକ୍ତି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଠାକୁରଗଡ଼ ଥାନା ତିଲେଶ୍ୱର ଗ୍ରାମର ମନମୋହନ ପ୍ରଧାନ ଓ ହେମନ୍ତ ପ୍ରଧାନ ଏବଂ ଚୋରି ସାମଗ୍ରୀ କିଣୁଥିବା ସଞ୍ଜୟ ମେହେନା। ସେମାନଙ୍କ ନିକଟରୁ କୁରୁମତପ ଶିବ ମନ୍ଦିର, କୃତିବାସପୁର ଶିବ ମନ୍ଦିର, ହଣ୍ଡପା ଥାନା ନାଉଡ଼ି ଶିବ ମନ୍ଦିରରୁ ଚୋରି ହୋଇଥିବା ବିପୁଳ ସାମଗ୍ରୀ ଜବତ କରାଯାଇଥିବା ଏସ୍‌ଡିପିଓ ସୁଶାନ୍ତ ତାଡ଼ିଆ ମଙ୍ଗଳବାର ଉପଖଣ୍ଡ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ଡିପିଓ କହିଛନ୍ତି, ଠାକୁରଗଡ଼ ଥାନା ଅଞ୍ଚଳର ମନମୋହନ ଓ ହେମନ୍ତ ବିଭିନ୍ନ ମନ୍ଦିରରୁ ଚୋରି କରୁଥିବାବେଳେ ସାମଗ୍ରୀଗୁଡ଼ିକୁ ସଞ୍ଜୟଙ୍କୁ ବିକ୍ରି କରୁଥିଲେ। ଘଟଣାର ତଦନ୍ତ କରୁଥିବା ପୋଲିସକୁ ଏହି ସୂଚନା ମିଳିବା ପରେ ମେହେନାଙ୍କ ଘରେ ଚଢ଼ାଉ କରାଯାଇ ଷରା ଗଡୁ, ଘଣ୍ଟି, ଥାଳି, ପରାତ, କମଣ୍ଡୁ ଗଡୁ, ଚଉଲା, ହାଡଘଣ୍ଟି ଓ ମାଇକ ସେଟର ଆମ୍ପ୍ଲିଫାୟର ମେସିନ, ଚୋରି ସମୟରେ ବ୍ୟବହୃତ ବୁଲେଟ ମୋଟର ସାଇକେଲ ସହ ଲୁହାରଡ଼ ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ହଣ୍ଡପା ଥାନା ଆଇଆଇସି ନମିତା ନାୟକ, ଠାକୁରଗଡ଼ ଥାନା ଆଇଆଇସି ଶଶିଭୂଷଣ ବେହେରାଙ୍କ ନେତୃତ୍ୱରେ ଠାକୁରଗଡ଼ ଥାନା ଏସ୍ଆଇ ମନୋଜ କୁମାର ବେହେରା, ଏଏସ୍ଆଇ ଶେଷଦେବ ସାମଲ, ହଣ୍ଡପା ଥାନା ଏଏସ୍ଆଇ ବନିତା ପ୍ରଧାନ, କିଶୋରନଗର ଥାନା ଏଏସ୍ଆଇ ଗୋପାଳ ବେହେରା ପ୍ରମୁଖ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

# ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ଭିଡିଓ ପ୍ରସାରଣକରି ଯୁବକ ଗିରଫ

କଟକ,୧୪।୧୦(କାର୍ତ୍ତିକ ସାହୁ)

ସାମାଜିକ ଗଣମାଧ୍ୟମରେ ଏକାଧିକ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ କଟକ ସାଇବର ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ କେନ୍ଦ୍ରାପଡ଼ା ସାଲେପୁର ଥାନା ଅନ୍ତର୍ଗତ ଜିଗିନି ପାଟପୁର ଗ୍ରାମର ବିଶ୍ୱଜିତ ନନ୍ଦ। ବିଶ୍ୱଜିତଙ୍କ ନିକଟରୁ ଗୋଟିଏ ସ୍ମାର୍ଟଫୋନ, ସିମ୍ ଓ ମୋବାଇଲ ସ୍କ୍ରିନସଟ ଜବତ ହୋଇଛି। ଏ ନେଇ ବିଭିନ୍ନ ଦଫାରେ କଟକ ସାଇବର ଥାନାରେ ଏକ ମାମଲା (ନଂ.୩୧/୨୦୨୫) ରୁଜୁ ହୋଇଛି।

ସୂଚନାନୁସାରେ ବିଶ୍ୱଜିତ ସମାଜରେ ଜଣାଶୁଣା ବ୍ୟକ୍ତିମାନଙ୍କ ଫଟୋକୁ ବ୍ୟବହାର କରି କମ୍ପ୍ୟୁଟର ଜରିଆରେ ସେମାନଙ୍କ ମିଥ୍ୟା ତଥା ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରୁଥିଲେ। ସେଗୁଡ଼ିକୁ ଫେସବୁକ ଭଳି ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଥିଲେ। ତେବେ ସେ ଲୋକମାନଙ୍କ ନିକଟରୁ ଅର୍ଥ ଦାବି କରୁଥିଲେ କି ନାହିଁ ପୋଲିସ ତାହାର ତଦନ୍ତ କରୁଛି।

# ଭାଜପା କର୍ମୀଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,୧୪।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ପୁଣି ମାଓବାଦୀଙ୍କ ବର୍ବରକାଣ୍ଡ ଦେଖିବାକୁ ମିଳିଛି। ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ପୁଣି ଜଣେ ଭାଜପା କର୍ମୀଙ୍କୁ ହତ୍ୟା କରିଛନ୍ତି। ମଙ୍ଗଳବାର ରାତିରେ କେତେଜଣ ସଶସ୍ତ୍ର ମାଓବାଦୀ ବିଜାପୁର ଭାଜପା ମଣ୍ଡଳସ୍ତରୀୟ କର୍ମୀ ସତ୍ୟମ ପୁନେମଙ୍କୁ ତାଙ୍କ ଘରୁ ଉଠାଇନେଇ ନିର୍ମମ ଭାବେ ହତ୍ୟା କରିଛନ୍ତି। ଏଥିସହ ମୃତଦେହ ପାଖରେ ଏକ ଚିଠି ମଧ୍ୟ ଛାଡ଼ିଯାଇଛନ୍ତି। ସତ୍ୟମ ପୁନେମ ପୋଲିସ ସୂଚନାଦାତା ଥିଲେ। ତାଙ୍କୁ ମାଓବାଦୀ ସଂଗଠନ ତରଫରୁ ବାରମ୍ବାର ଚେତାବନୀ ଦେବା ସତ୍ତ୍ୱେ ସେ ପୋଲିସକୁ ମାଓବାଦୀଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରୁଥିଲେ। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଘଟଣାସ୍ଥଳରେ ବିଜାପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## Business

# ଡୋର ଟୁ ଡୋର ରେଳ ପାର୍ସଲ ସେବା ଆରମ୍ଭ

ଭୁବନେଶ୍ୱର,୧୪।୧୦



ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ସୋନିକ ଇଣ୍ଟିଗ୍ରେଟେଡ୍ ଲଜିଷ୍ଟିକ୍ସ ହବ୍କୁ ଭର୍ଚୁଆଲ ମାଧ୍ୟମରେ ଉଦ୍ଘାଟନ କରିଛନ୍ତି। ଏହାସହ ୨ଟି ନୂତନ ଡୋର-ଟୁ-ଡୋର ମାଲ୍ ଏବଂ ପାର୍ସଲ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଡୋର-ଟୁ-ଡୋର ସେବା ଦକ୍ଷତା ବୃଦ୍ଧି କରିବ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବ। ଶିଳ୍ପଗୁଡ଼ିକ ଗନ୍ତବ୍ୟସ୍ଥଳକୁ ସମ୍ପୂର୍ଣ୍ଣ ରେକ୍ ପୂରଣ ନ କରି ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ କଣ୍ଟେନର ପଠାଇପାରିବେ। କାରଖାନା ଏବଂ ଟ୍ରେନର ଲୋଡିଂ ଅଙ୍ଗନ ଓ ମଧ୍ୟରେ ଲଜିଷ୍ଟିକାଲ ବ୍ୟବଧାନକୁ ଡୋର-ଟୁ-ଡୋର ସେବା ମାଧ୍ୟମରେ ପୂରଣ କରିବ। ସାମଗ୍ରୀ ସେଡ୍ କିମ୍ବା ଲଜିଷ୍ଟିକ୍ସ ଟର୍ମିନାଲଗୁଡ଼ିକରେ କଣ୍ଟେନର ଷ୍ଟଫିଂ ଏବଂ ଡି-ଷ୍ଟଫିଂ ପାଇଁ ସୁବିଧା ରହିବ। ସୋନିକ ଏହି ସୁବିଧା ପ୍ରଦାନ କରୁଥିବା ପ୍ରଥମ ଇଣ୍ଟିଗ୍ରେଟେଡ୍ ଲଜିଷ୍ଟିକ୍ସ ହବ୍ ପାଲଟିଛି। ଟର୍ମିନାଲଟି ଲକ୍ଷ୍ନୌରୁ ପ୍ରାୟ ୫୦ କିଲୋମିଟର ଏବଂ କାନପୁରରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ। ଏହା କାନପୁର ଏବଂ ଲକ୍ଷ୍ନୌ ଅଞ୍ଚଳର ବର୍ଦ୍ଧିତ ଲଜିଷ୍ଟିକ୍ସ ଆବଶ୍ୟକତା ପୂରଣ କରିବ। କଣ୍ଟେନର କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ ସମସ୍ତ ଟର୍ମିନାଲ କାର୍ଯ୍ୟ ପରିଚାଳନା କରିବ। ଟର୍ମିନାଲଟି ସାର, ଖାଦ୍ୟଶସ୍ୟ, ସିମେଣ୍ଟ ଏବଂ ଗ୍ରାହକ ଆଦି ସାମଗ୍ରୀ ପରିଚାଳନା କରିବାକୁ ପ୍ରସ୍ତୁତ। ଏହି ସୁବିଧାରେ ଅତ୍ୟାଧୁନିକ ଭିତ୍ତିଭୂମି ରହିଛି, ଯେଉଁଥିରେ ଗୋଦାମ, ଡୋର-ଟୁ-ଡୋର ସେବା ଏବଂ ଗ୍ରାହକ ଏବଂ ଶ୍ରମିକ ଉଭୟଙ୍କ ପାଇଁ ଆବଶ୍ୟକ ସୁବିଧା ଅନ୍ତର୍ଭୁକ୍ତ। ଏହି ମାର୍ଗ ଦିଲ୍ଲୀ - ଆଗ୍ରା - କାନପୁର - କୋଲକାତାକୁ ସଂଯୋଗକରେ। ରେଳ ପାର୍ସଲ ଭ୍ୟାନ୍ (ମୁମ୍ବଇରୁ କୋଲକାତା) ବ୍ୟବହାରକରି ପାର୍ସଲ ସେବା ପ୍ରଦାନ କରିବ। ସଡ଼କ ପରିବହନ ତୁଳନାରେ, ରେଳ ପାର୍ସଲ ସେବା ଲଜିଷ୍ଟିକ୍ସ ଖର୍ଚ୍ଚରେ ୨୫% ହ୍ରାସ କରିଥାଏ। ଏହା ସହ ରେଳ ପରିବହନ ଯଥେଷ୍ଟ ଦ୍ରୁତ, ପରିବହନ ସମୟରେ ପ୍ରାୟ ୩୦% ସଞ୍ଚୟ ପ୍ରଦାନକରେ। ଏହାସହ ଆଉ ଏକ ପରୀକ୍ଷଣ ମଧ୍ୟ ସଫଳ ହୋଇଛି - ଚାଷୀମାନଙ୍କୁ ଲାଭଦେବା ପାଇଁ ସୁଲଭ ମୂଲ୍ୟରେ ଟ୍ରାକ୍ଟର ଭଳି ଉପକରଣ ପରିବହନ କରାଯିବ। ଯେପରି କାର୍ ଲୋଡିଂକୁ ଦକ୍ଷତାର ସହିତ ସ୍ଥାନାନ୍ତର କରାଯାଏ, ସେହିପରି ଟ୍ରାକ୍ଟର ପରିବହନ ପାଇଁ ମଧ୍ୟ ସମାନ ପରିବହନ ସୁବିଧା ବିସ୍ତାର କରାଯିବ। ରେଳ ବୋର୍ଡର ଅଧ୍ୟକ୍ଷ ଏବଂ ସିଇଓ ସତୀଶ କୁମାର କହିଛନ୍ତି, ଡୋର-ଟୁ-ଡୋର ରେଳୱେଗୁଡ଼ିକ ପରସ୍ପର ଦ୍ୱାରା ଜଣେ କମ୍ପାନୀଙ୍କ କମ୍ପାଉଣ୍ଡରେ ଷ୍ଟିଫାଙ୍କ ଗୋଦାମ କିମ୍ବା କାରଖାନାରୁ ଉଠାଯାଏ ଏବଂ ଭାରତୀୟ ରେଳପଥ ଦ୍ୱାରା ଅନ୍ତିମ ଗନ୍ତବ୍ୟସ୍ଥଳରେ ପହଞ୍ଚାଯାଏ। ସୂଚନା ଥାଉକି, ଭାରତୀୟ ରେଳ (ଭାରତୀୟ ରେଳପଥ) ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଲବାହୀ ପରିବହନକାରୀ, ଯାହା ବାର୍ଷିକ ୧.୬ ବିଲିୟନ ଟନ୍ ସାମଗ୍ରୀ ପରିବହନକରେ।

# ଫାବ୍ ଇଣ୍ଡିଆ ଉଦ୍‌ଘାଟନ କଲେ ସୋନୁ ସୁଦ୍




ଭୁବନେଶ୍ୱର,୧୪।୧୦

ଲାଇଫଷ୍ଟାଇଲ ବ୍ରାଣ୍ଡ ଫାବ୍ ଇଣ୍ଡିଆର ନୂଆ ଷ୍ଟୋର ଭୁବନେଶ୍ୱର ଆଇଡ଼ିଆଲ ଛକରେ ଖୋଲିଛି। ବଲିଉଡ୍ ଅଭିନେତା ସୋନୁ ସୁଦ୍, ଝିମଝି କୁଆଁରର ମାଲିକ ମିତେଶ ଝିମଝି, ଷ୍ଟୋର ମାଲିକ ସଞ୍ଜିବ ମହାନ୍ତି, ତାଙ୍କ ମା' ଏବଂ ଦୁଇ ପାର୍ଟନର ମୋନାଲିଶ ଦାସ ଏବଂ ନିବେଦିତା ଦାସ ମଙ୍ଗଳବାର ଏହି ଷ୍ଟୋରର ଉଦ୍ଘାଟନ କରିଛନ୍ତି। ନୂଆ ଫାବ୍ ଇଣ୍ଡିଆ ଷ୍ଟୋରରେ ପୋଷାକ, ଘରକରଣା ଉପକରଣ, ଖାଦ୍ୟ ଓ ଆସେସୋରିଜ ଉପଲବ୍ଧ ହୋଇଛି। ପୁରୁଷ, ନାରୀ ଓ ଶିଶୁଙ୍କ ପାଇଁ ପାରମ୍ପରିକ ଓ ଆଧୁନିକ ପୋଷାକ କୁର୍ତ୍ତା, ଶାଢ଼ି, ଟ୍ୟୁନିକ, ଶର୍ଟ ଆଦିର ସ୍ୱତନ୍ତ୍ର କଲେକ୍ସନ ରହିଛି। ଆସବାବପତ୍ର ବିଭାଗରେ ହସ୍ତଶିଳ୍ପ ଫର୍ନିଚର, ବେଡ୍‌ଲିନେନ, ପରଦା, ରଗ୍‌ସ ଓ ସାଜସଜ୍ଜା ସାମଗ୍ରୀ ରହିଛି। ୱେଲନେସ୍ ଓ ପର୍ସନାଲ କେୟାର ଶ୍ରେଣୀରେ ତ୍ୱଚା ଓ ଶରୀର ପାଇଁ ଜିବିଜ ସାମଗ୍ରୀ ମିଳୁଛି। ଜୈବିକ ଖାଦ୍ୟ ବିଭାଗରେ ଡାଲି, ମସଲା, ଚା, ତେଲ ଆଦି ଖାଦ୍ୟସାମଗ୍ରୀ ଉପଲବ୍ଧ। ସେହିପରି କୁଏଲେରି, ବ୍ୟାଗ୍ ଓ ଆସେସୋରିଜ ବିଭାଗରେ ଗ୍ରାହକଙ୍କ ମନ ଲାଖି ଉପାଦ ରହିଛି। ଉଦ୍ଘାଟନୀ ଅବସରରେ ଫାବ୍ ଇଣ୍ଡିଆ ଭୁବନେଶ୍ୱର ଫ୍ରାଞ୍ଚାଇଜ ମାଲିକ ତଥା ଷ୍ଟୋର ପାର୍ଟନର ସଞ୍ଜୀବ ମହାନ୍ତି କହିଛନ୍ତି, ଭୁବନେଶ୍ୱରର ଲୋକଙ୍କ ନିକଟକୁ ଫାବ୍ ଇଣ୍ଡିଆର ପାରମ୍ପରିକତା ଓ ଆଧୁନିକତାର ସମନ୍ୱୟ ଆଣିପାରିଥିବାରୁ ଆମେ ଗର୍ବିତ। ଫାବ୍ ଇଣ୍ଡିଆ ଏହି ନୂଆ ପଦକ୍ଷେପ ମାଧ୍ୟମରେ ଭାରତୀୟ ଶିଳ୍ପ ପରମ୍ପରାକୁ ସଂଯୋଗକରି ସ୍ଥାୟୀ ମନଲୋଭା ଓ ସଚେତନ ଜୀବନଶୈଳୀକୁ ପ୍ରେରିତ କରୁଛି।

# ମଧୁକୁଞ୍ଜର 'ଶୁଭ ଧନ୍ତେରସ୍' ଅଫର

ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା)




ଧନ୍ତେରସ୍ ଅବସରରେ ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ 'ଶୁଭ ଧନ୍ତେରସ୍' ଅଫର ଘୋଷଣା କରାଯାଇଛି। ଏହାର ଭୁବନେଶ୍ୱର, କଟକ ଓ ଜଗତ ଶାଖାରେ ହୀରା, ସୁନା ଓ ରୁପା ଅଳଙ୍କାର ଗଢ଼ା ମଜୁରିରେ ଫ୍ଲାଟ୍ ୪୦% ରିହାତି ପ୍ରଦାନ କରାଯାଉଛି। ଅକ୍ଟୋବର ୧୦ରୁ ଲାଗୁ ହୋଇଥିବା ଅଫର ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ଏହା ସହ ସୁନା ଓ ରୁପା ମୁଦ୍ରା ନିବାର ସୁଯୋଗ ରହିଛି। କମ୍ପାନୀ ପକ୍ଷରୁ ଆଜୀବନ ବାଏବ୍ୟାକ୍ ଗ୍ୟାରେଣ୍ଟି ସହ ନିଃଶୁଳ୍କ ମରାମତି ସୁବିଧା ମଧ୍ୟ ଦିଆଯାଉଛି। ଶତ ପ୍ରତିଶତ ୯୧୬ ବିଆଇଏସ ହଲମାର୍କ ସୁନାଗହଣା ଏବଂ ଶତପ୍ରତିଶତ ଆଇଜିଆଇ ସ୍ୱୀକୃତିପ୍ରାପ୍ତ ହୀରା ଅଳଙ୍କାର ଷ୍ଟୋରରେ ଉପଲବ୍ଧ ହେଉଥିବା କମ୍ପାନୀ ଦାବି କରିଛି। ପୁରୁଣା ସୁନା ବଦଳରେ କୌଣସି କାଟ୍ କରାଯାଉ ନ ଥିବା କୁହାଯାଇଛି।

# ଡ. ସାରା ଜର୍ଜଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

ଭୁବନେଶ୍ୱର,୧୪।୧୦



ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲ ଏବଂ ସେଣ୍ଟ ଜର୍ଜ ସ୍କୁଲର ନିର୍ଦ୍ଦେଶିକା ଡକ୍ଟର ସାରା ଜର୍ଜଙ୍କୁ ୫ମ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ୧୦,୦୦୦ରୁ ଅଧିକ ସ୍କୁଲ ସହ ନେଟୱର୍କ ଥିବା ଭାରତର କେ୧୨ ଶିକ୍ଷା କ୍ଷେତ୍ରକୁ ରୂପାନ୍ତରିତ କରୁଥିବା ଏକ ଅଗ୍ରଣୀ ସଂଗଠନ 'ଇଲ୍ଲିଟ୍ ଗ୍ରୁପ୍' ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ପୁରସ୍କାର ପୂର୍ବତନ ଭାରତୀୟ କୂଟନୀତିଜ୍ଞ ତଥା ଭାରତ ଓ ଆଫ୍ରିକାରେ ବିଶେଷ ଉପଦେଷ୍ଟା ଆୟାସାଟର ଦୀପକ ବୋହରାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେ ଡକ୍ଟର ଜର୍ଜଙ୍କୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ଶିକ୍ଷାବିତ୍ ଭାବେ ଅଭିହିତ କରିଥିଲେ। ସୂଚନା ଥାଉକି, ଡ. ସାରା ଜର୍ଜ ୧୯୮୨ରୁ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କ ନେତୃତ୍ୱରେ ସେଣ୍ଟ ଜର୍ଜ ସ୍କୁଲ ଏବଂ ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲ ସାମଗ୍ରିକ ଶିକ୍ଷା ଓ ଚରିତ୍ର ଗଠନର ପ୍ରତୀକ ହୋଇ ଉଠିଛି। ଦଶନ୍ଧି ଧରି ସେ ୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏବଂ ୧ ହଜାର ଶିକ୍ଷକଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ଯୋଗଦାନ ରଖିଛନ୍ତି। ଶିକ୍ଷା ବ୍ୟତୀତ ଡ. ଜର୍ଜ ମହିଳା ସଶକ୍ତୀକରଣ ଏବଂ ଅବହେଳିତ ଶିଶୁମାନଙ୍କ ସମର୍ଥନ କରିବା ପାଇଁ ଉଦ୍ୟମ କରିଆସିଛନ୍ତି। ପୂର୍ବରୁ ନାସାର କେନେଡି ସ୍ପେସ୍ ସେଣ୍ଟର ପକ୍ଷରୁ ମଧ୍ୟ ସେ ସମ୍ମାନିତ ହୋଇଛନ୍ତି।

# ରାଜ ଇଲେକ୍ଟ୍ରୋନିକ୍ସର ଧନତେରସ, ଦିପାବଳି ସେଲ୍

ଭୁବନେଶ୍ୱର,୧୪।୧୦

RAJ ELECTRONICS
ବାର୍ଷିକ ଧରି ସମସ୍ତ ଓଡ଼ିଶାବାସୀଙ୍କ ପ୍ରତିଷ୍ଠିତ

ଚଳିତ ପାର୍ବଣ ଋତୁରେ ରାଜ ଇଲେକ୍ଟ୍ରୋନିକ୍ସରେ ଧନତେରସ ଏବଂ ଦିପାବଳି ସେଲ୍ ଆରମ୍ଭ ହୋଇଛି। ଗ୍ରାହକ ନୂତନ କିଏସଟି ହାର ଓ ସହଜ କିସ୍ତିରେ ପ୍ରଡକ୍ଟ ନେଇପାରିବେ। ଏହାସହିତ ୪୭% ପର୍ଯ୍ୟନ୍ତ ରିହାତି, ୩୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ ଅଫର, ବିଭିନ୍ନ ପ୍ରଡକ୍ଟ ସହିତ ୨ କିମ୍ବା ୩ ବର୍ଷର ୱାରେଣ୍ଟୀ ଏବଂ ଫାଇନାନ୍ସ କମ୍ପାନୀ ପକ୍ଷରୁ ୨୫୦୦ ରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ ଅଫର ସହିତ ୧ ରୁ ୨ ଇଏମଆଇ ଫ୍ରି ଆଦି ଅଫର ରହିଛି। ଏହାସହ ସମସ୍ତ ବ୍ରାଣ୍ଡେଡ କମ୍ପାନୀମାନଙ୍କର ବିଭିନ୍ନ ବର୍ଗର ପ୍ରଡକ୍ଟରେ ଉପଲବ୍ଧ ଶୋ'ରୁମ ରୁ ଗ୍ରାହକମାନେ ଏହି ଅଫର ମାଧ୍ୟମରେ କିଣିବାର ସୁଯୋଗ ପାଇବେ। ନଗଦ ଭାବେ ନଦେଇ ସବୁଠୁ କମ ଡାଉନପେମେଣ୍ଟରେ ୦% ସୁଧ ଓ ସହଜ କିସ୍ତିରେ ଗ୍ରାହକମାନେ ପ୍ରଡକ୍ଟ କିଣିବାର ଲାଭ ନେଇପାରିବେ। ଦିପାବଳୀ ପର୍ଯ୍ୟନ୍ତ ଏହି ଅଫର୍ ବୈଧ ରହିବ। ଏଲଇଡି ଟିଭି ମାନଙ୍କରେ ଅଫର ନ ରହିବା ଯୋଗୁଁ ଏହାର ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ଅଛି। ଏସି ଏକ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ ହୋଇଥିବାରୁ ଜଣେ ଗ୍ରାହକ ଏହାକୁ ବର୍ଷେ କିମ୍ବା ଦୁଇବର୍ଷ ପାଇଁ କିଣି ନଥାନ୍ତି, ୮ରୁ ୧୦ ବର୍ଷର ଆବଶ୍ୟକତା ପୂରଣ ପାଇଁ କ୍ରୟ କରିଥାନ୍ତି। ତେଣୁ ଆସନ୍ତା ଖରାଦିନରେ ମୂଲ୍ୟବୃଦ୍ଧି ପାଇବା ପୂର୍ବରୁ ଗ୍ରାହକମାନେ ବର୍ତ୍ତମାନର ପୂଜା ଅଫର ମୂଲ୍ୟରେ ଏସି କିଣି ମାଗଣା ଇନଷ୍ଟଲେସନ ଅଫରରେ ଘରେ ଲଗାଇବା ବୁଦ୍ଧିଯୁକ୍ତ ହେବ ବୋଲି ରାଜ ଇଲେକ୍ଟ୍ରୋନିକ୍ସର ସ୍ୱତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ କହିଛନ୍ତି।

# ଆରବିଆଇର ଡିଜିଟାଲ ରୁପି

ଭୁବନେଶ୍ୱର,୧୪।୧୦

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ମୁମ୍ବଇରେ ଆୟୋଜିତ ଗ୍ଲୋବାଲ ଫିନଟେକ୍ ଫେଷ୍ଟ ୨୦୨୫ରେ ଅଫଲାଇନ 'ଡିଜିଟାଲ ରୁପି(ଇ-ରୁପି)' ଲଞ୍ଚ କରାଯାଇଛି। ଉକ୍ତ ଅଫଲାଇନ ଡିଜିଟାଲ ରୁପିର ବିଶେଷତ୍ୱ ହେଉଛି, ଇଣ୍ଟରନେଟ୍ କିମ୍ବା ମୋବାଇଲ ନେଟୱର୍କ ବିନା ମଧ୍ୟ ଉପଭୋକ୍ତା ଡିଜିଟାଲ ପେମେଣ୍ଟ କରିପାରିବେ। ଏହାକୁ ଆପଣ ନଗଦ ରୁପି ପରି ଖର୍ଚ୍ଚ କରିପାରିବେ। ଏଥିପାଇଁ କେବଳ ଏକ କ୍ୟୁଆର୍ କୋଡ୍ ସ୍କାନ୍ କରିବା କିମ୍ବା ଟାପ୍ କରିବା ଆବଶ୍ୟକ। ଏହାପରେ ଉପଭୋକ୍ତାଙ୍କର ପେମେଣ୍ଟ ସଫଳତାର ସହ ସମ୍ପୂର୍ଣ୍ଣ ହେବା ସହିତ ଉପଭୋକ୍ତା ନିଜ ଟଙ୍କାକୁ ଡିଜିଟାଲ ରୂପରେ ନିଜର ୱାଲେଟରେ ରଖିପାରିବେ। ଏହି ଆପ୍‌କୁ ଗୁଗୁଲ ପ୍ଲେଷ୍ଟୋର କିମ୍ବା ଆପଲ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ୍ କରିପାରିବେ।

# ସାଇବର ସୁରକ୍ଷା ନେଇ ସତର୍କକଲା ବିଓଆଇ

ଭୁବନେଶ୍ୱର,୧୪।୧୦

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ଓ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଲୋକଙ୍କୁ ସୁରକ୍ଷିତ ଆର୍ଥିକ ଅଭ୍ୟାସ ସମ୍ପର୍କରେ ଅବଗତ କରାଇବା, ଅନଲାଇନ ଠକେଇ ରୋକିବା ଏବଂ ବ୍ୟାଙ୍କରେ ସଚ୍ଚୋଟତାକୁ ପ୍ରୋତ୍ସାହିତ କରାଯାଇଛି। ଜଗତସିଂହପୁର ତେଢ଼ିକି ଶାଖା ପ୍ରବନ୍ଧକ ମନୋରଞ୍ଜନ ବେହେରା, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀ ଦିବ୍ୟରାଜ, ଜଗତସିଂହପୁର ଶାଖା ପ୍ରବନ୍ଧକ ହିମାଂଶୁ ଶେଖର ପାଣିଗ୍ରାହୀ, ଭୁବନେଶ୍ୱରର ବରିମୁଣ୍ଡ ଶାଖା ପ୍ରବନ୍ଧକ ଦେବଶ୍ରୀ ବରାଲ, ଖୋର୍ଦ୍ଧା କେନ୍ଦୁଝର ଶାଖା ପ୍ରବନ୍ଧକ ଚିନ୍ତାମଣି ବେହେରା ଏବଂ ନୟାଗଡ଼ର ଗୋଡ଼ିପଡ଼ା ଶାଖା ପ୍ରବନ୍ଧକ ଜ୍ଞାନରଞ୍ଜନ ସାହୁ ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ପ୍ରମୁଖ ଉପସ୍ଥିତ ଥିଲେ। କର୍ମଚାରୀ ଏବଂ ଅଧିକାରୀମାନେ 'ସତର୍କ ଭାରତ, ସମୃଦ୍ଧ ଭାରତ' ବାର୍ତ୍ତାକୁ ପ୍ରଚାର କରିଥିଲେ।

# ହଷ୍ଟେଲ ଫି' କମାଇବା ଦାବିରେ ବିକ୍ଷୋଭ

ବ୍ରହ୍ମପୁର,୧୪ା୧୦(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କ ଫି' କମାଇବା ଦାବି ନେଇ ପ୍ରଶାସନିକ କୋଠା ସମ୍ମୁଖରେ ଶତାଧିକ ବିଦ୍ୟାର୍ଥୀ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ରହିଥିବା ଛାତ୍ରୀଛାତ୍ରଙ୍କ ହଷ୍ଟେଲ ଫି ଅନ୍ୟ ବିଶ୍ୱବିଦ୍ୟାଳୟ ଅପେକ୍ଷା ଅଧିକ ରହିଥିବା, ହଷ୍ଟେଲ ସଫାସୁତରା ନ ଥିବା , ଖାଦ୍ୟପାନୀୟ, ବିଦ୍ୟୁତ ବିଲ, ଜିମ ଆଦି ସମସ୍ୟା ନେଇ ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ପତ୍ର ଦିଆଯାଇଥିଲା। କୌଣସି ସମାଧାନ ନ ହେବାରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ବିକ୍ଷୋଭସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ରୁଷା ପାଣ୍ଠିରୁ ୪ଟି ଛାତ୍ର ହଷ୍ଟେଲ ଓ ୪ଟି ଛାତ୍ରୀ ହଷ୍ଟେଲ କରାଯିବା ପାଇଁ ପ୍ରସ୍ତାବ ରହିଛି। ହଷ୍ଟେଲ ଫି ପୈଠ ପାଇଁ ଯେଉଁ ନୋଟିସ ହୋଇଥିଲା, ତାହାକୁ ପୁନଃ ବିଜ୍ଞପ୍ତି ପ୍ରକାଶ କରାଯିବା ବୁଧବାର ଏ ନେଇ ବୈଠକ ବସି ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କୁଳପତି କହିବା କହିବା ପରେ ଛାତ୍ରୀଛାତ୍ରମାନେ ବିକ୍ଷୋଭରୁ ଓହରି ଯାଇଥିଲେ । ଏ ନେଇ କୁଳପତି ପ୍ରଫେସର ଦାଶଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ହଷ୍ଟେଲ ଫି' ପ୍ରାୟ ୩ ବର୍ଷ ତଳେ ସିଣ୍ଡିକେଟ ବୈଠକ ନିଷ୍ପତି କ୍ରମେ ବଢିଥିଲା। ଛାତ୍ରୀଛାତ୍ରମାନେ ଯେଉଁ ବିଶ୍ୱବିଦ୍ୟାଳୟର ହଷ୍ଟେଲ ଫି କମ ରହିଥିବା କହିଛନ୍ତି ତାହାର ତଥ୍ୟ ସଂଗ୍ରହ କରାଯିବ। ତାହା ସିଣ୍ଡିକେଟ ବୈଠକରେ ଆଲୋଚନା କରାଯିବ ବୋଲି କହିଛନ୍ତି। ବର୍ତ୍ତମାନ ହଷ୍ଟେଲ ଫି ପୈଠ ପାଇଁ ଯେଉଁ ତାରିଖ ଜାରି ହୋଇଥିଲା,ତାହାକୁ ସ୍ଥଗିତ କରାଯାଇ ପୁଣି ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ ତ୍ରିପାଠୀ ଛାତ୍ରୀଛାତ୍ରଙ୍କ ଅଭିଯୋଗକୁ ସିଣ୍ଡିକେଟ ବୈଠକରେ ଆଲୋଚନା ପରେ ନିଷ୍ପତି ନିଆଯିବ ବୋଲି କହିଛନ୍ତି। ଛାତ୍ର ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ହଷ୍ଟେଲ ଫି କମାଇବା ପାଇଁ ୪ ଥର ଲିଖିତ ଜଣାଯାଇଥିଲେ ମଧ୍ୟ ସୁଫଳ ମିଳିନି କି ହଷ୍ଟେଲରେ ଥିବା ସମସ୍ୟା ସମାଧାନ ହୋଇ ପାରୁନାହିଁ ବୋଲି କହିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ କୌଣସି ସମାଧାନ ନ ହେଲେ ବିକ୍ଷୋଭକୁ ଜୋରଦାର କରାଯିବ ବୋଲି ସେ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଛାତ୍ରନେତା ଇଜୁ ଆମିନ ଖାନ, ବାଲ୍ମୀକି ସେଠୀ , ସୁଦର୍ଶନ ମଲ୍ଲିକ, ମନିଷା କହଁର, ଆଫିଆ ଖାନୁମ , ଗୋବିନ୍ଦ ତ୍ରିପାଠୀ , ସିପୁନ ପ୍ରଧାନ, ବିଭୁ ପ୍ରସାଦ, ଶିବାନୀ ପାଢୀ , ଏନ କାମରାଜୁ ପାତ୍ର , ସନ୍ତୋଷ ବେହେରା ଓ ସୁବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।


ବିକ୍ଷୋଭରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ଜିଲା କଂଗ୍ରେସ କମିଟି (ପୂର୍ବ) ପକ୍ଷରୁ ଧାରଣା


ଧାରଣାରେ ଉପସ୍ଥିତ ଜିଲା କଂଗ୍ରେସ କମିଟି ସଭାପତି ଓ ଅନ୍ୟମାନେ।

ବ୍ରହ୍ମପୁର,୧୪ା୧୦(ସ୍ମୃତି ରଞ୍ଜନ ମହାଲିକ): ଗଞ୍ଜାମ ଜିଲା କଂଗ୍ରେସ କମିଟି (ପୂର୍ବ) ପକ୍ଷରୁ ମଙ୍ଗଳବାର ଗାନ୍ଧୀ ପଥେ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଳ ପକ୍ଷରୁ ଗାନ୍ଧୀ ନଗର ଛକ ସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା ଦିଆଯାଇଥିଲା। ରାଜ୍ୟରେ ଭାଜପା ଶାସନ ସମୟରେ ଆଇନଶୃଙ୍ଖଳା ସ୍ଥିତି ଭୁଶୁଡି ପଡିଥିବା ନେଇ ଲୋକଙ୍କୁ ସଚେତନ କରାଇବା ପାଇଁ ଧାରଣା ଦିଆଯାଇଥିବା ଜିଲା କଂଗ୍ରେସ କମିଟି ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ କହିଛନ୍ତି। ଧାରଣାରେ ପୂର୍ବତନ ବିଧାୟକ ଡ. ତ୍ରିନାଥ ବେହେରା, ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର, ଜିଲା ଯୁବ କଂଗ୍ରେସ ସଭାପତି ବିକାଶ ନାୟକ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ବନତା ପଣ୍ଡାଙ୍କ ସମେତ ତତସତ ସୁବୁଦ୍ଧି ଓ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଆଜି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆସିବ ନାକ୍ ଟିମ

ବ୍ରହ୍ମପୁର,୧୪ା୧୦(ସୁବାସ ଚନ୍ଦ୍ର ପାଢ଼ୀ): ନାକ୍ ଟିମ୍ ବୁଧବାର ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ପରିଦର୍ଶନରେ ଆସିବେ। ବିଶ୍ୱ ବିଦ୍ୟାଳୟ କୁଳ ସଚିବ ସଚ୍ଚିଦାନନ୍ଦ ନାୟକ ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀଙ୍କୁ ସକାଳ ୯ଟାଠାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଉପସ୍ଥିତ ରହିବାକୁ କହିଛନ୍ତି। ନାକ ଟିମ ପରିଦର୍ଶନ କରି ଫେରିବା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପରିସରରେ ରହିବାକୁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

# କୁକୁର ବନ୍ଧ୍ୟାକରଣ ଟେଣ୍ଡର ପ୍ରକ୍ରିୟାରେ ୩ ଘରୋଇ ସଂସ୍ଥା

ବ୍ରହ୍ମପୁର,୧୪ା୧୦(ସ୍ମୃତି ରଞ୍ଜନ ମହାଲିକ): ସହରରେ କୁକୁର ସଂଖ୍ୟା କମାଇବା ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ନିଗମ ପକ୍ଷରୁ କୁକୁର ବନ୍ଧ୍ୟାକରଣ ନେଇ ଗତ ସେପ୍ଟେମ୍ବର ୮ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ପକାଇବାର ଶେଷ ତାରିଖ ୧୫ ତାରିଖ ରଖାଯାଇଥିଲା। ଉକ୍ତ ସମୟ ମଧ୍ୟରେ କୌଣସି ସଂସ୍ଥା ଟେଣ୍ଡର ପକାଇ ନ ଥିଲେ। ତେଣୁ ନିଗମ ପକ୍ଷରୁ ଟେଣ୍ଡର ପକାଇବା ସମୟ ଅକ୍ଟୋବର ୧୪ ତାରିଖ ଯାଏଁ ବୃଦ୍ଧି କରାଯାଇଥିଲା। ଏହି ସମୟ ମଧ୍ୟରେ ୩ଟି ଘରୋଇ ସଂସ୍ଥା ଟେଣ୍ଡର ପକାଇଥିବା ବିଏମସି ଡେପୁଟି କମିଶନର ଆଶୀର୍ବାଦ ପରିଡା ସୂଚନା ଦେଇଛନ୍ତି। ବୁଧବାର ଟେଣ୍ଡର ଖୋଲାଯିବ। ଜଣଙ୍କୁ ଟେଣ୍ଡର ପ୍ରଦାନ କରାଯିବ। ଏହାପରେ ଟେଣ୍ଡର ନେଇଥିବା ସଂସ୍ଥା ସବିଶେଷ ତଥ୍ୟ ବିଏମସି ନିକଟରେ ଦାଖଲ କରିବେ ବୋଲି ସେ କହିଛନ୍ତି।

ସହରରେ ବୁଲା କୁକୁରଙ୍କ ପାର୍ଦୁଭାବକୁ ରୋକିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲା।ଏହାକୁ ନେଇ ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ଗତ ସେପ୍ଟମ୍ବର ୬ ତାରିଖରେ ଏକ ବୈଠକ ହୋଇଥିଲା। ପ୍ରତି ମାସରେ ସହରରେ ୭୦ କୁକୁରଙ୍କୁ ବନ୍ଧ୍ୟାକରଣ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିନିମନ୍ତେ ଟେଣ୍ଡର କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଯେଉଁ ଘରୋଇ ସଂସ୍ଥା ଟେଣ୍ଡର ନେବ ସେ କୁକୁର ଧରିବାଠାରୁ ଆରମ୍ଭ କରି ଯେଉଁ ସ୍ଥାନରୁ ଅଣାଯାଇଛି ସେହି ସ୍ଥାନରେ ଛାଡିବା ଦାୟିତ୍ୱ ତୁଲାଇବ। ଏଥିସହିତ ଔଷଧ, ଖାଦ୍ୟ ଓ ବନ୍ଧ୍ୟାକରଣ ପାଇଁ କୁକୁର ପିଛା ୨ ହଜାର ଟଙ୍କା ଖର୍ଚ୍ଚ ପାଇଁ ନିଗମ ପକ୍ଷରୁ ଧାର୍ଯ୍ୟ କରାଯାଇଥିଲା। କୁକୁର ବନ୍ଧ୍ୟାକରଣ ଟେଣ୍ଡର ନେଉଥିବା ସଂସ୍ଥା ଜଣେ ପ୍ରାଣୀ ଚିକିତ୍ସକ, ଜଣେ ଆଟେଣ୍ଡାଣ୍ଟ ଓ ଜଣେ ଏଲଆଇ ନିଯୁକ୍ତି କରିବା ବାଧ୍ୟତାମୂଳକ ବୋଲି ନିଷ୍ପତ୍ତି ହୋଇଥିଲା। ବର୍ତ୍ତମାନ ନିଗମ ପକ୍ଷରୁ ଯେଉଁ ସଂସ୍ଥାକୁ ଟେଣ୍ଡର ପ୍ରଦାନ କରାଯିବ, ସେ ଉପରୋକ୍ତ ସମସ୍ତ ଦାୟିତ୍ୱ ତୁଲାଇବ।

## ଚଞ୍ଚକତା କରି ମହିଳାଙ୍କ ୩ ଲକ୍ଷ ୯୦ ହଜାର ନେଇଗଲେ

ବ୍ରହ୍ମପୁର,୧୪।୧୦(ସୁବାସ ଚନ୍ଦ୍ର ପାଢ଼ୀ): ମୋବାଇଲରେ ପିଏମ ଆବାସ ଯୋଜନା ଆପ ନାମକ ଏପିକେ ଫାଇଲ ଡାଉନଲୋଡ କରି ଜଣେ ମହିଳା ୩ ଲକ୍ଷ ୯୦ ହଜାରରୁ ଅଧିକ ଟଙ୍କା ହରାଇଛନ୍ତି। ସାଇବର ଠକମାନେ ତାଙ୍କ ବ୍ୟାଙ୍କ ଆକାଉଣ୍ଟର ସବିଶେଷ ତଥ୍ୟ ହାସଲ କରି ଉକ୍ତ ଟଙ୍କା ଠକି ନେଇଛନ୍ତି। ବ୍ରହ୍ମପୁର ଅରବିନ୍ଦନଗର ଦ୍ୱିତୀୟ ଲାଇନରେ ରହୁଥିବା ୫୨ ବର୍ଷୀୟ ମହିଳାଙ୍କ ହ୍ୱାଟସ ଆପକୁ ଏକ ଅଜଣା ନମ୍ବରରୁ ଏପିକେ ଫାଇଲ ଆସିଥିଲା। ସେଥିରେ ପିଏମ ଆବାସ ଯୋଜନା ଲେଖା ହୋଇଥିଲା । ମହିଳା ଜଣଙ୍କ ପିଏମ ଆବାସ ଯୋଜନା ପାଇବା ଆଶାରେ ଉକ୍ତ ଫାଇଲ ଉପରେ କ୍ଲିକ କରି ଟଙ୍କା ହରାଇଛନ୍ତି। ମହିଳା ଜଣଙ୍କ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି।

# ସହରବାସୀଙ୍କୁ ଉନ୍ନତ ୱାଇଫାଇ ସେବା ପ୍ରଦାନ ଦାବି

ବ୍ରହ୍ମପୁର,୧୪ା୧୦(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସହରରେ ଇଣ୍ଟରନେଟ ସୁବିଧା ପ୍ରଦାନ ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ମାଗଣା ୱାଇଫାଇ ସେବା ପ୍ରଦାନ କରାଯାଇଛି। ବର୍ତ୍ତମାନ ଇଣ୍ଟରନେଟ ବ୍ୟବହାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ନିଗମ ଇଣ୍ଟରନେଟ ସେବା ପ୍ରଦାନ ଦିଗରେ ବିଫଳ ହୋଇଛି। ସହରବାସୀଙ୍କୁ ଉପଯୁକ୍ତ ୱାଇଫାଇ ସେବା ପ୍ରଦାନ ପାଇଁ ବିଏମସି ଡେପୁଟି ମେୟର ଇଂ. ବିବେକ ରେଡ୍ଡୀ ବିଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କୁ ଚିଠି ମାଧ୍ୟମରେ ସିଟି ୱାଇଫାଇ ପ୍ରଦାନକାରୀ ଘରୋଇ ସଂସ୍ଥା ପରିବର୍ତ୍ତନ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ସେଥିରେ ଉଲ୍ଲେଖ ରହିଛି ଯେ, ବର୍ତ୍ତମାନ ସିଟି ୱାଇଫାଇ ପ୍ରଦାନକାରୀ ସଂସ୍ଥା ବିଏମସିର ବଜେଟ ଅନୁଯାୟୀ ସହରବାସୀଙ୍କୁ ଉପଯୁକ୍ତ ଇଣ୍ଟରନେଟ ସୁବିଧା ପ୍ରଦାନ କରୁନାହିଁ। ତେଣୁ ସଂପୃକ୍ତ ସଂସ୍ଥା ପରିବର୍ତ୍ତନ କରିବାକୁ ରେଡ୍ଡୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ସହରରେ ୨୭ଟି ସ୍ଥାନରେ ମାଗଣା ୱାଇଫାଇ ସେବା ପାଇଁ ଆସେଶ ପଏଣ୍ଟ ରଖାଯାଇଛି। ପ୍ରତ୍ୟେକ ଆସେଶ ପଏଣ୍ଟରେ ୨ ହଜାର ଲୋକ ୨୦ ଏମବି ସ୍ପିଡ ମାଧ୍ୟମରେ ୩୦୦ ଏମବି ଇଣ୍ଟରନେଟ ବ୍ୟବହାର କରିପାରିବେ। ଏହାଦ୍ୱାରା ଇ ଲାଇବ୍ରେରୀର ଛାତ୍ରୀଛାତ୍ର ଉପକୃତ ହୋଇପାରୁଛନ୍ତି। ୱାଇଫାଇର ରକ୍ଷଣାବେକ୍ଷଣ ପାଇଁ ବାର୍ଷିକ ୫୦ ଲକ୍ଷ ଟଙ୍କା ବିଏମସି ଖର୍ଚ୍ଚ କରୁଛି। ତଥାପି ସହରବାସୀ ଠିକ ଭାବେ ଇଣ୍ଟରନେଟ ସୁବିଧା ପାଇପାରୁ ନାହାନ୍ତି।

## ୧୬ରେ ବ୍ରହ୍ମାକୁମାରୀ ମଞ୍ଜୁଙ୍କ ପ୍ରଭୁମିଳନ ସ୍ତମ୍ଭ ଉଦ୍‌ଘାଟନ

ବ୍ରହ୍ମପୁର,୧୪ା୧୦ (ସ୍ମୃତି ରଞ୍ଜନ ମହାଲିକ)

ରାଜଯୋଗିନୀ ବ୍ରହ୍ମାକୁମାରୀ ମଞ୍ଜୁଙ୍କର ପ୍ରଥମ ପୂଣ୍ୟତିଥି ଆସନ୍ତା ୧୬ ତାରିଖରେ ପ୍ରଭୁ ମଞ୍ଜୁ ମିଳନ ସ୍ତମ୍ଭର ଉଦଘାଟନ ହେବ। ଏ ନେଇ ବ୍ରହ୍ମାକୁମାରୀସ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିକୁଣ୍ଡ ପକ୍ଷରୁ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉଦଘାଟନୀରେ ମାଉଣ୍ଟ ଆବୁରୁ ରାଜଯୋଗିନୀ ବ୍ରହ୍ମାକୁମାରୀ ଡା ଉଷା ଦିଦି ଯୋଗ ଦେବେ। ମଙ୍ଗଳବାରଠାରୁ ୧୬ ତାରିଖ ଯାଏଁ ଭାଗବତ ଗୀତା ପ୍ରବଚନ ହେଉଛି ବୋଲି ସୂଚନା ଦିଆଯାଇଛି। ୧୬ରେ ପ୍ରବଚନ ଉଦଯାପନୀ ସମାରୋହ ସହ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମ ହେବ ବୋଲି ସବଜୋନ ସଂଚାଳିକା ମାଳା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଶାନ୍ତି କୁଣ୍ଡର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ରଘୁନାଥ ପଣ୍ଡାଙ୍କ ସ୍ମୃତିଚାରଣ ସଭା

ବ୍ରହ୍ମପୁର,୧୪।୧୦(ସ୍ମୃତି ରଞ୍ଜନ ମହାଲିକ)

ସ୍ୱାଧୀନତା ସଂଗ୍ରାମୀ ଏବଂ ଚାଷୀ ମୁଲିଆ, ଶ୍ରମିକ ନେତା କବିରାଜ ରଘୁନାଥ ପଣ୍ଡାଙ୍କ ୧୮ତମ ତିରୋଧାନ ଦିବସରେ ଏକ ସ୍ମୃତି ଚାରଣ ସଭା ମଙ୍ଗଳବାର ଗିରିରୋଡସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଲ ଇଣ୍ଡିଆ କ୍ଷେତ ମଜଦୂର କିଶାନ ସଭାର ଜିଲା ସଭାପତି ଅବନୀ ଗୟା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଓକିଲ ସଂଘର ପୂର୍ବତନ ସଭାପତି ଭଗବାନ ସାହୁ ଯୋଗ ଦେଇ ସ୍ୱର୍ଗତ ପଣ୍ଡା ବ୍ରିଟିଶ ବିରୋଧରେ ଲଢ଼େଇ କରିବା ସହ ନିଜ ଦେଶରେ ଚାଲିଥିବା ଜମିଦାରୀ ଓ ମୁସ୍ତାଦାରଙ୍କ ବିରୋଧରେ ଚାଷୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ଜିଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ପାତ୍ର, ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟିର ଗୋପାଳ କୃଷ୍ଣ ପାଣିଗ୍ରାହୀ, ଶିକ୍ଷାବିତ୍ ଦେବୀ ପ୍ରସାଦ ସାହୁ, ସେବା ନିବୃତ୍ତ ଶିକ୍ଷକ ସଂଘର ନେତା ଶ୍ୟାମ ସୁନ୍ଦର ଖାଡଙ୍ଗା, ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ଉପସଭାପତି ସିମାଞ୍ଚଳ ପ୍ରସାଦ ବିଷୋୟୀ, ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ଓଡ଼ିଶା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ସଂଘର ଜିଲା ସଭାନେତ୍ରୀ ପି.ପାର୍ବତୀ,କବି ପ୍ରଫୁଲ୍ଲ କୁମାର ମହପାତ୍ର, ଦେବରାଜ ଦାଶ, ଶିକ୍ଷକ ନେତା ପୀତବାସ ମହାପାତ୍ର ଏବଂ ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସୁରେନ୍ଦ୍ର ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

## ଜୁଆ ଆଡ୍ଡାରୁ ୬ ଗିରଫ

### ୨ଲକ୍ଷ୨୪ ହଜାର ଟଙ୍କା ଜବତ

**ହିଞ୍ଜିଳିକାଟୁ,୧୪ା୧୦(ଦ୍ୱିତୀକୃଷ୍ଣ ପଣ୍ଡା):**

ହିଞ୍ଜିଳି ଥାନା ଶିକିରି ଗାଁରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଜୁଆ ଖେଳ ଉପରେ ପୋଲିସ ଚଢାଉ କରି ୨ଲକ୍ଷ୨୪ ହଜାର ଟଙ୍କା ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି । ଶିକିରି ଗ୍ରାମରେ କୋଠିଶାଳ ଯାତ୍ରା ସକାଶେ ଲକ୍ଷାଧିକ ଟଙ୍କା ଜୁଆ ଖେଳ ହେଉଥିଲା । ଦୈନିକ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖେଳ ହେବା ସହ ଜିଲାର ବିଭିନ୍ନ ସ୍ଥାନରୁ ଲୋକଙ୍କ ମେଳ ହେଉଥିଲା। ଖବରପାଇ ହିଞ୍ଜିଳି ପୋଲିସ ସନ୍ଧ୍ୟାରେ ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲା। ଏ ନେଇ ନଂ.୮୩୫/୨୫ ରେ ଏକ ମାମଲା ରୁଜୁ ହୋଇଛି।

# ଗୋଲିଆ, ଅନ୍ତରପଡ଼ା କ୍ଲଷ୍ଟର ପକ୍ଷରୁ ସୁରଭି



ବୁଗୁଡ଼ା,୧୪ା୧୦(କାଳିଚରଣ ଦାଶ) ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଗୋଲିଆ ଓ ଅନ୍ତରପଡ଼ା କ୍ଲଷ୍ଟର ପକ୍ଷରୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଆରସିସି ସୁନିତା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଗୋଲିଆ କ୍ଲଷ୍ଟର ପକ୍ଷରୁ ଶ୍ରୀକାନ୍ତସ୍ୱାମୀ ତପୋବନ ଉଚ୍ଚବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲଷ୍ଟର ଅନ୍ତର୍ଗତ ୧୩ଟି ବିଦ୍ୟାଳୟର ୨୦୦ ଜଣ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏସ୍‌ଏମସି ଉପସଭାପତି ସୁଶାନ୍ତ ସାହୁ, ଭାମଶ୍ୟାଳି ସ୍କୁଲ ପ୍ରଧାନ ଶିକ୍ଷକ ଜି.ନାଗେଶ୍ୱର ରାଓ, ଗୋଲିଆ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଏସ୍.ଭବାନୀ ପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିବା ସହ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସେହିପରି ସିଆରସିସି ଶର୍ମିଷ୍ଠା ଜେନାଙ୍କ ତତ୍ତ୍ୱାବଧାନରେ ଅନ୍ତରପଡା କ୍ଲଷ୍ଟର ପକ୍ଷରୁ ପଙ୍କଲବାଡି ହାଇସ୍କୁଲଠାରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ୧୫ଟି ବିଦ୍ୟାଳୟର ୧୮୦ ଜଣ ଛାତ୍ରୀଛାତ୍ର ଯୋଗଦେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଏନ. ରମଣ ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଛତ୍ରପୁର,୧୪ା୧୦(ଦିଲୀପ ସାମଲ): ଛତ୍ରପୁର ବ୍ଲକ କେ. ଟି. ଏନ. ପୁର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ କେରାଣ୍ଡିତୋଳା ନାରାୟଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଟାଙ୍ଗଣାପଲ୍ଲୀ ସରପଞ୍ଚ ବି. ସୁଦାମଙ୍କ ସଭାପତିତ୍ୱରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ କରି ସମାଜରେ ପ୍ରତିଷ୍ଠିତ ହେବାକୁ ପରାମର୍ଶ ଦେଇଥିଲେ । ଟାଙ୍ଗଣାପଲ୍ଲୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଷ୍ଣୁପ୍ରସାଦ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ବଳରାମ ସେଠି,ବାସନ୍ତୀ ନାୟକ, ଏସ ଏମ ସି ସଭାପତି ଶିବ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଉଦବୋଧନ ଦେଇଥିଲେ । ପ୍ରଧାନ ଶିକ୍ଷକ ସୁନୀଲ କୁମାର ଶତପଥିଙ୍କ ସଂଯୋଜନାରେ ପରିଚାଳିତ ଉତ୍ସବରେ ସି ଆର ସି ସି ଗିରିଶ ଚନ୍ଦ୍ର ମହାନ୍ତି ଉତ୍ସବର ବିବରଣୀ ଉପସ୍ଥାପନ କରିଥିଲେ । କ୍ଲଷ୍ଟର ବିଭିନ୍ନ ବିଦ୍ୟାଳୟରୁ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଥିଲେ ଏବଂ କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ।

**ଆସିକା(ସୁରେନ୍ଦ୍ର ନାଥ ସାହୁ):** ଆସିକା ଏନଏସି କ୍ଲଷ୍ଟର ପକ୍ଷରୁ ସ୍ଥାନୀୟ ଏନଏସି ହାଇସ୍କୁଲ ପରିସରରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ବଳରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂନନ୍ଦନ ପଣ୍ଡା ମୁଖ୍ୟ ଅତିଥି ଏବଂ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ମିନତୀ ପାତ୍ର, ଜଗଦଳପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ମହାପାତ୍ର, ସିଆରସିସି ଶିଶିରକାନ୍ତ ବେହେରା, ରାଧାମୋହନ ଡାକୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେନ୍। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନାଚ, ଗୀତ, ଚିତ୍ରାଙ୍କନ, ବକ୍ତୃତା, କୁଇଜ, ସୃଜନଶୀଳତା ଲିଖନ, ଦଳଗତ ନାଚ ଆଦି ପ୍ରତିଯୋଗିତା ହୋଇଥିଲା। ୧୦ଟି ବିଦ୍ୟାଳୟର ୧୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଉଦଯାପନୀରେ ଏନଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, କାଉନଲିସର ସୁଜାତା ପରିଡା, ରାଘବ ସିଅ, ଅନନ୍ତ ଶତପଥୀ ପ୍ରମୁଖ ଯୋଗଦେଇ କୃତିମାନଙ୍କୁ ପୁରସ୍କୃତ କରିଥିଲେ ।

**ପାତ୍ରପୁର,(ଉମା ଚରଣ ନେପାକ):** ପାତ୍ରପୁର ବ୍ଲକ୍‌ର ଗୁଣ୍ଡା କ୍ଲଷ୍ଟରସ୍ଥିତ ସୁନାରେଢ଼ି ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଗୁଣ୍ଡା ସରପଞ୍ଚ ଭଗବତୀ ପ୍ରସାଦ ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି। କ୍ଲଷ୍ଟରର ୧୧ଟି ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀନୁ ପ୍ରଧାନ ଶିରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଏବିଇଓ ଜି. ଭିମାରାଓ, ସିଆର୍‌ସିସି ଶିଷ୍ଟୁ ଉକ୍ତ ସିହ୍ନା, ଖମ୍ବାରିଗାଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜି. ଶ୍ରୀନିବାସ ରାଓ, ସୁନାଖଳା ବିଦ୍ୟାଳୟ ପ୍ରଧାନଶିକ୍ଷକ ଏସ୍. ବିଶ୍ୱନାଥ ମଞ୍ଚାସୀନ ଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଏଥିରେ ସହଯୋଗ କରିଥିଲେ। କଇଠା ବିଦ୍ୟାଳୟର ସହକାରୀ ଶିକ୍ଷକ ବେଣୁ ଗୋପାଳ ପାଢ଼ୀ ସଭା ପରିଚାଳନା କରିଥିଲେ।

**ହିଞ୍ଜିଳିକାଟୁ, (ଦ୍ୱିତୀକୃଷ୍ଣ ପଣ୍ଡା):** ହିଞ୍ଜିଳିକାଟୁ ପୌରାଞ୍ଚଳ ପିଏମଶ୍ରୀ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଉପେନ୍ଦ୍ର ସାବତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଭୁ ପ୍ରସାଦ ପଣ୍ଡା, ଗୋଷ୍ଠୀ ଶିକ୍ଷାଧିକାରୀ ଚାନ୍ଦିନୀ ପଣ୍ଡା, ଏବିଇଓ ବାଳକୃଷ୍ଣ ପାତ୍ର, ସୁଶିଲ ପାତ୍ର ମଞ୍ଚାସିନ ଥିଲେ। ଏଥିରେ ୯ ଟି ବିଦ୍ୟାଳୟର ୧୩୫ ଜଣ ଶିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷକ ଲାଲମୋହନ ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ବାଣ ଜବତ, ଜଣେ ଗିରଫ

ହିଞ୍ଜିଳିକାଟୁ, (ଦ୍ୱିତୀକୃଷ୍ଣ ପଣ୍ଡା)ବେଆଇନ ବାଣ ବିକ୍ରି ଅଭିଯୋଗରେ ମଙ୍ଗଳବାର ହିଞ୍ଜିଳି ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ହିଞ୍ଜିଳିକାଟୁ ମାଣିକ ନଗର ଅଞ୍ଚଳର ଶିବରାମ ପଣ୍ଡା (୪୨)। ତାଙ୍କ ଠାରୁ ବିଭିନ୍ନ ରକମର ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ ହୋଇଥିବା ପୋଲିସ କହିଛି। ଏନେଇ ହିଞ୍ଜିଳି ଥାନାରେ କେଶ ନଂ. ୮୩୧/୨୫ ରେ ଏକ ମାମଲା ରୁଜୁ ହୋଇଛି।

**ସଂକ୍ଷେପରେ**

## ବିଦ୍ୟୁତ୍ ତାର ଲାଗି ଯୁବକଙ୍କ ମୃତ୍ୟୁ

ଚିକିଟି, ୧୪।୧୦(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ସୋରଳ ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ତାର ଲାଗି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଳିଆ ଜାନି (୨୬)। କାଳିଆ ସକାଳେ ସୁରଳ ମାର୍କେଟ କମ୍ପ୍ଲେକ୍ସର ଛାତରୁ ବାଉଁଶ ବାହାର କରୁଥିବା ବେଳେ ଛାତ ଉପରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଗୋଳନ୍ଥରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଗ୍ରାମରେ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ପହଞ୍ଚି ମୃତକଙ୍କ ପରିବାରକୁ ରେଡକ୍ରସରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। କାଳିଆଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଭାଜପା ଯୁବ ମୋର୍ଚ୍ଚା ନେତା ସୁଦର୍ଶନ ବେହେରା ସରକାରଙ୍କୁ ନିବେଦନ କରିଛନ୍ତି।

## ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ

ଫୁଲବାଣୀ, ୧୪।୧୦ (ରାକେଶ କୁମାର ରାଉତ)

ଫୁଲବାଣୀସ୍ଥିତ ଜିଲା ଦକ୍ଷତା ବିକାଶ ତଥା ନିଯୁକ୍ତି କାର୍ଯ୍ୟାଳୟଠାରେ ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଆୟୋଜିତ ହୋଇଛି। ଏଥିରେ ଜିଲା ନିଯୁକ୍ତି ଅଧିକାରୀ ପୁରୁଷୋତ୍ତମ ମହାପାତ୍ର ଅଧକ୍ଷତା କରିଥିଲେ। ଜିଲାର ବେକାର ଯୁବତୀଯୁବକମାନଙ୍କ ପାଇଁ ପ୍ଲେସମେଣ୍ଟ ଲିଙ୍କେଡ ସ୍କିଲ ଡେଭଲପମେଣ୍ଟ ଟ୍ରେନିଂ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଟ୍ରେନିଂ ପାର୍ଟନରମାନେ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗାୟତ୍ରୀ ଚାରିଟେବଲ ଟ୍ରଷ୍ଟ, ଡାଟାପ୍ରୋ କମ୍ପ୍ୟୁଟର, ଗ୍ୟାଲାକ୍ସି କମ୍ପ୍ୟୁଟର, ବିଜ୍ଞାନ ଭାରତୀ ଚାରିଟେବଲ ଟ୍ରଷ୍ଟ, ଉପାସନା ଏଜୁକେଶନ ଟ୍ରଷ୍ଟ, ବ୍ୟାଙ୍କିଙ୍ଗ ଆଣ୍ଡ ଫାଇନାନ୍ସିଆଲ ସେକ୍ଟର୍ ସ୍କିଲ କାଉନସିଲ ଓ ଭିକ୍ଟସ ଡାଇଗ୍ନର ଅଧିକାରୀମାନେ ଯୋଗ ଦେଇଥିଲେ।

## ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ସାନଖେମୁଣ୍ଡି ସିଡ଼ିପିଓ ପୁରସ୍କୃତ

ପାଟପୁର, ୧୪।୧୦(ସିମାଞ୍ଚଳ ସାହୁ)

ଜିଲାସ୍ତରୀୟ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ସାନଖେମୁଣ୍ଡି ଶିଶୁ ବିକାଶ ଅଧିକାରୀ ଭବାନୀ ବେହେରାଙ୍କୁ ଜିଲାସ୍ତରୀୟ ଶ୍ରେଷ୍ଠ ସିଡ଼ିପିଓ ଭାବେ ପୁରସ୍କୃତ କରାଯାଇଛି। ଛତ୍ରପୁର ଜିଲା ଗ୍ରାମ୍ୟ ଉନ୍ନୟନ ପରିଷଦ ଜଉଗଡ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ପୁରସ୍କୃତ କରାଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରିୟ ରଞ୍ଜନ ପୃଷ୍ଟିଙ୍କ ସହ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧକ୍ଷଙ୍କ ସହ ଜିଲା ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ବେହେରାଙ୍କ ସହ ବହୁ ଅଧିକାରୀ ଏବଂ ଅତିଥି ସମୂହ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳ ଶିଶୁଙ୍କ ବିକାଶ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର, ଜ୍ଞାନକେନ୍ଦ୍ର ଏବଂ ପ୍ରକଳ୍ପ ସ୍ତରରେ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ସର୍ବାଙ୍ଗୀନ ପୃଷ୍ଟିର ଉନ୍ନତି ପାଇଁ ଭବାନୀ ସାନଖେମୁଣ୍ଡି ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ଅଞ୍ଚଳରେ ଫଳପ୍ରଦ କାର୍ଯ୍ୟ କରିଥିବାରୁ ତାଙ୍କୁ ଏହି ପୁରସ୍କାର ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲା ପୋଷଣ ଅଧିକାରୀ ଅମିତ୍ କୁମାର ଏବଂ ଜିଲା ବାଲ୍ୟ ବିବାହ ନିବାରଣ ଅଧିକାରୀ ଦେବବ୍ରତ ପରିଚ୍ଛା ପରିଚାଳନା କରିଥିଲେ।

# ପୁଷ୍ଟିସାର ଅଭାବ ହେଲେ ଶିଶୁର ଶାରୀରିକ, ବୌଦ୍ଧିକ ବିକାଶ ହେବନି

ଛତ୍ରପୁର, ୧୪।୧୦ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

**ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ସମ୍ପର୍କିତ ତାଲିମ**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜଉଗଡ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୫ ସମ୍ପର୍କିତ ତାଲିମ ଶିବିର ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରକଳ୍ପ ସଂଯୋଜକ ଦେବବ୍ରତ ମାହୁନ୍ତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ଓ ରାଜ୍ୟ ସରକାରଙ୍କ ସହଯୋଗରେ ଏହି ପୋଷଣ ମାସ ପାଳନ କରାଯାଉଥିବା ପ୍ରକାଶ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସର ଆଭିମୁଖ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ଯୋଗଦେଇ ପୁଷ୍ଟିସାର ଅଭାବ ହେଲେ ଶିଶୁମାନଙ୍କର ଶାରିରୀକ ଓ ବୌଦ୍ଧିକ ବିକାଶ ହେବ ନାହିଁ ବୋଲି କହିଥିଲେ। ତେଣୁ ରାଜ୍ୟ ସରକାର ପୋଷଣ ମାସ ପାଳନ କରି ସଚେତନତା ସୃଷ୍ଟି କରୁଛନ୍ତି । ମା'ମାନେ ଗର୍ଭବତୀ ସମୟରେ ସଚେତନ ହେବା ଉଚିତ୍ । ଖାଇବା ଥାଳିରେ ମିଲେଟ ବ୍ୟବହାର କରିବା ଜରୁରୀ। ସୁସ୍ଥ ଶିଶୁ ହେଉଛନ୍ତି ଭବିଷ୍ୟତର ନାଗରିକ। ପୋଷଣ ଉପରେ ସଚେତନତା ସୃଷ୍ଟି ପାଇଁ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ପୋଷଣ ମାସ ପାଳନ କରାଯାଉଛି। ଜିଲା କୃଷି ଅଧିକାରୀ ଡ. ଅଜୟ କୁମାର କର ମାଣ୍ଡିଆ ଚାଷ ଓ ଏଥିରୁ କିପରି ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରାଯାଇ ପାରିବ ତାହା ବୁଝାଇ ଥିଲେ। ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ଏ. ଜେନା କହିଥିଲେ ଯେ, ଲେମ୍ବୁ, ସଜନାଶାଗ, ଛୁଇଁ, ଅମୃତଭଣ୍ଡା, କଞ୍ଚାକଦଳୀ ଆଦିରୁ ମଧ ପୋଷଣ ପାଇ ପାରିବା। ଜିଲାର ଅଙ୍ଗନୱାଡି କେନ୍ଦ୍ରକୁ ୫ଟି ଲେଖାଏ ଚାରାଗଛ ଯୋଗାଇ ଦେବେ । ଏଗୁଡିକରେ ରାସାୟନିକ ସାର ବଦଳରେ ଜୈବିକ ଖତ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଡ. ପ୍ରଶାନ୍ତ କୁମାର ପାତ୍ର ଯୋଗଦେଇ ବିକଶିତ ଓ ସଶକ୍ତ ଭାରତ ଗଠନରେ ପୋଷଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପୋଷଣ କାର୍ଯ୍ୟକ୍ରମକୁ ଆଗେଇ ନେଇଥିବାରୁ ସାନଖେମୁଣ୍ଡି ସିଡିପିଓ ଭବାନୀ ବେହେରା, ବ୍ଲକ କୋ-ଅର୍ଡିନେଟର୍ ଶିବ ଶଙ୍କର ଆଚାର୍ଯ୍ୟ, ବେଗୁନିଆପଡା ବ୍ଲକର ଦୀପୁ ପ୍ରଧାନ, ବେଲଗୁଣ୍ଠା ବ୍ଲକର ମାନସ ରଞ୍ଜନ ଦାଶ, ଜଗନ୍ନାଥ ପ୍ରସାଦ ବ୍ଲକର ସୁନୀତା ଜେନା, ଛତ୍ରପୁର ବ୍ଲକର ଗୋପାଳ କୃଷ୍ଣ ପଟ୍ଟନାୟକ, ବ୍ରହ୍ମପୁର ଲେଡି ସୁପରଭାଇଜର୍ ସବିତା ଜେନା ଓ ଆସିକା ଲେଡି ସୁପରଭାଇଜର୍ କୁମାରୀ ଦୀପ୍ତିଙ୍କୁ ପ୍ରମାଣ ପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା ।

# ହାତୀପଲ ଘର ଭାଙ୍ଗିଲେ, ଫସଲ ଖାଇଲେ

ଭଞ୍ଜନଗର, ୧୪।୧୦(ବାବୁଲା ପ୍ରଧାନ):

ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ଗତ କିଛିଦିନ ହେଲା ହାତୀ ଉପଦ୍ରବ ଦେଖାଦେଇଛି। ହାତୀପଲ ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରି ଫସଲ ନଷ୍ଟ କରୁଥିବା ବେଳେ କେତେକ ସ୍ଥାନରେ ଘରଦ୍ୱାର ଭାଙ୍ଗୁଥିବା ଜଣାପଡ଼ିଛି। ଏଥିଯୋଗୁ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି।

ସୋମବାର ରାତିରେ ହାତୀ ଦରପଙ୍ଗି ଗ୍ରାମରେ ହାତୀପଲ ପଶି ଘର ଭାଙ୍ଗିବା ସହ ଫସଲ ନଷ୍ଟ କରିଛନ୍ତି। ହାତୀ ଦେଖି ଲୋକେ ଦୌଡ଼ି ପଳାଇ ଜୀବନ ବଞ୍ଚାଇଛନ୍ତି। ଅନ୍ୟପକ୍ଷରେ ହାତୀ ତାରସିଂ ଏବଂ ଗାଲେରି ରେଞ୍ଜର ତିଳିସିଙ୍ଗି, ଲେମ୍ବେଇ ଆଦି ଗ୍ରାମରେ ଧାନ ଫସଲ ଦଳି ଚକଟି ନଷ୍ଟ କରିଥିବା ଜଣାପଡିଛି। ହାତୀ ପାଇଁ ଲୋକେ ରାତି ଉଜାଗର ରହୁଛନ୍ତି। ବନ ବିଭାଗ କର୍ମଚାରୀ ମଧ ହାତୀ ଘଉଡ଼ାଇବା ପାଇଁ ସମସ୍ତ ଚେଷ୍ଟା କରୁଛନ୍ତି। ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି, ହାତୀ ଘର ଭାଙ୍ଗିଥିବା ଖବର ମିଳିନାହିଁ। ଲୋକଙ୍କ ଧନଜୀବନ ଯେଭଳି ସୁରକ୍ଷିତ ରହିପାରିବ ସେଥିପାଇଁ ପଦକ୍ଷେପ ନିଆଯାଇଛି।

# ବିଭିନ୍ନ ବିଭାଗର ସମୀକ୍ଷା କଲେ ନୂଆ ବିଡିଓ




ଦାୟିତ୍ୱ ଗ୍ରହଣ ପରେ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରୁଛନ୍ତି ବିଡିଓ।

ଧରାକୋଟ, ୧୪।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଦୀର୍ଘଦିନ ଧରି ଖାଲି ପଡିଥିବା ଧରାକୋଟ ବ୍ଲକର ବିଡିଓ ପଦବୀ ପୂରଣ ହୋଇଛି । ସୁବର୍ଣ୍ଣପୁର ଡେପୁଟି କଲକ୍ଟର ସଂଗ୍ରାମ କେଶରୀ ଜେନା ନୂଆ ବିଡିଓ ରୂପେ ଏଠାରେ ଯୋଗ ଦେଇଛନ୍ତି। ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଏବିଡିଓ ସୁଶିଲ ପଟ୍ଟନାୟକ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପାଣିଗ୍ରାହୀ, ଯୋଗାଣ ନିରୀକ୍ଷକ ସଞ୍ଜୟ ମଲିକ, ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, କନିଷ୍ଠ ଯନ୍ତ୍ରୀ ଦୀପ୍ତିରେଖା ନାଥ, ଗ୍ରାମ ପଞ୍ଚାୟତ ଅଧିକାରୀ ଦେବରାଜ ନାୟକ, ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗର କୃଷ୍ଣକାନ୍ତ ପଣ୍ଡା, ସମସ୍ତ କନିଷ୍ଠ ଯନ୍ତ୍ରୀ, ପିଇଓ, ଯୋଗାଣ ସହାୟକ, ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ବିଭିନ୍ନ ରାଜନୈତିକ ଦଳ କର୍ମକର୍ତ୍ତାମାନେ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସମସ୍ତଙ୍କ ସହଯୋଗରେ ଧରାକୋଟ ବ୍ଲକର ସାମୁହିକ ବିକାଶ କରିବା ତାଙ୍କ ପ୍ରାଥମିକ ଲକ୍ଷ୍ୟ ହେବ ବୋଲି ଏହି ଅବସରରେ ବିଡିଓ ଜେନା କହିଥିଲେ। କାର୍ଯ୍ୟରେ ଯୋଗ ଦେବା ପରେ ନୂଆ ବିଡିଓ ଜେନା ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ବିଭାଗର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାଗୁଡିକର ସମୀକ୍ଷା କରିଛନ୍ତି। ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଗ୍ରାମୀଣ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ପେନସନ ଯୋଜନା, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଯୋଜନା, ଅଙ୍ଗନୱାଡ଼ି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ଯୋଜନାଗୁଡିକର ସେ ସମୀକ୍ଷା କରି ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ୪ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ଗିରଫ

ପାରଳାଖେମୁଣ୍ଡି, ୧୪।୧୦(ଗିରିଧାରୀ ପରିଚ୍ଛା)



ଜବତ ଗଞ୍ଜେଇ ଏବଂ ଗିରଫ ୨ ଅଭିଯୁକ୍ତ।

ଗଜପତି ଜିଲା ପାରଳାଖେମୁଣ୍ଡି ଅବକାରୀ ବିଭାଗ କର୍ମଚାରୀ ପାଟ୍ରୋଲିଂ ବେଳେ ୪ କୁଇଣ୍ଟାଲ ୫୧ କେଜି ଗଞ୍ଜେଇ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁରେଶ ଲିମା ଓ ଜୋଥମ ଲିମା। ସୁରେଶଙ୍କ ଘର ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଅଞ୍ଚଳରେ ହୋଇଥିବା ବେଳେ ଜୋଥମଙ୍କ ଘର ଆର. ଉଦୟଗିରି ଥାନା ଅନ୍ତର୍ଗତ ବାଦପୁର ଗ୍ରାମରେ ବୋଲି ଜଣାପଡ଼ିଛି। ଅବକାରୀ ଟିମ୍ ମଙ୍ଗଳବାର ଗୋସାଣି ବ୍ଲକ ଲାବଣ୍ୟଗଡ଼ଠାରେ ପାଟ୍ରୋଲିଂ କରୁଥିବା ବେଳେ ନିକଟରେ ଥିବା ଏକ ପାହାଡ ତଳେ ଗୋଟିଏ କଣ୍ଟେନେରରୁ କିଛି ବସ୍ତା ବୁହା ହେଉଥିବା ଦେଖିବାକୁ ପାଇଥିଲେ। ପରେ ସେଠାରେ ସେଠାରେ ଚଢାଉ କରି ତଲାସୀ କରିଥିଲେ। ଫଳରେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ସେଠାରେ ଉପସ୍ଥିତ ଥିବା ସୁରେଶ ଓ ଜୋଥମ ଦୌଡି ପଳାଇବାକୁ ଉଦ୍ୟମ କରିଥିଲେ। ମାତ୍ର ଅବକାରୀ ଟିମ ସେମାନଙ୍କୁ କାବୁ କରିଥିଲେ। ଗଞ୍ଜେଇ ସହ କଣ୍ଟେନରକୁ ଜବତ କରାଯାଇଥିବା ଅବକାରୀ ଅଧିକାରୀ ଫିକେ ପଲେ କହିଛନ୍ତି। ଏହି ଗଞ୍ଜେଇ ଲାବଣ୍ୟଗଡ଼ରୁ ହରିଆନା ଚାଲାଣ ହେଉଥିବା ତଦନ୍ତରୁ ଜଣାପଡିଛି।

## ସିଆଙ୍ଗବାଲି-ଅଡାମାହା ଛକକୁ ସଂଯୋଗୀକରଣ ରାସ୍ତା ମରଣଯନ୍ତା

ଦାରିଙ୍ଗବାଡ଼ି, ୧୪।୧୦(ଅରୁଣ ସାହୁ):

ଦାରିଙ୍ଗବାଡି ବ୍ଲକ୍‌ର ସିଆଙ୍ଗବାଲିଠାରୁ ଅଡ଼ାମାହାକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରହିଥିବା ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇଥିଲା। ହେଲେ ରାକ୍ଷଣବେକ୍ଷଣ ଅଭାବରୁ ଏବେ ସେହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଖାଲଖମାରେ ଭର୍ତ୍ତି ରାସ୍ତାରେ ଗାଡିମୋଟର ଯାତାୟାତରେ ଅନେକ ସମସ୍ୟା ଦେଖାଦେଉଛି। ଏକାଧିକ ସ୍ଥାନରେ ରାସ୍ତା ଧୋଇ ଯାଇଛି। ପୂର୍ବରୁ ଏହି ରାସ୍ତାର ଅବସ୍ଥା ଖରାପ ଥିବା ବେଳେ ଚଳିତ ବର୍ଷାରେ ଅବସ୍ଥା ଦ୍ୱିଗୁଣିତ ହୋଇଯାଇଛି। ସିଆଙ୍ଗବାଲିଠାରୁ ଉକ୍ତ ରାସ୍ତା ଅଡ଼ାମାହା ଛକ ତଥା ୫୯ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଛି। ସିଆଙ୍ଗବାଲିରୁ ସେହିରାସ୍ତାରେ ଯାଇ ଲୋକମାନେ ଜାତୀୟ ରାଜପଥରୁ ବ୍ରହ୍ମପୁର ଏବଂ ବାଲିଗୁଡ଼ା, ଫୁଲବାଣୀ ଆଦି ଅଞ୍ଚଳକୁ ଯାତାୟାତ କରନ୍ତି। ଖରାପ ରାସ୍ତା ଯୋଗୁ ଏକାଧିକ ଗ୍ରାମବାସୀ ହଇରାଣ ହେଉଛନ୍ତି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ବେହେରା କହିଛନ୍ତି ଯେ, ରାସ୍ତା ମରାମତି ପାଇଁ ଅଟକଳ କରି ପଠାଯାଇଛି। ଅନୁଦାନ ଆସିଲେ ଟେଣ୍ଡର କରାଯାଇ ରାସ୍ତା ମରାମତି କରାଯିବ ।

# ଉଜୁଡ଼ି ଯାଇଥିବା ଜଙ୍ଗଲରେ ଚାରାରୋପଣ, ପୁନରୁଦ୍ଧାର ଆବଶ୍ୟକ: ବିଧାୟକ

ସୋରଡା, ୧୪।୧୦(ରଜନୀ ମହାପାତ୍ର)



**ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ବାର୍ଷିକ ସମୀକ୍ଷା**

ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ଅନ୍ତର୍ଗତ ଦକ୍ଷିଣ ଘୁମୁସର ବନଖଣ୍ଡ ଖାରିଗୁଡାସ୍ଥିତ ମେଗା ନର୍ସରୀଠାରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଭାଗ- ୨ର ବାର୍ଷିକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସୋରଡା ବିଧାୟକ ନୀଳମଣି ବିଷୋୟୀ, ସମ୍ମାନିତ ଅତିଥିଭାବେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବିଶ୍ୱନାଥ ନିଲାନାଭାର, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଭିପାସା ପାଲ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଅଧିକାରୀ ବିଶ୍ୱଜିତ ସାହୁ, ସହକାରୀ ବନ ସଂରକ୍ଷକ ପ୍ରଦୀପ ବେହେରା, ପ୍ରାଣୀ ଚିକିତ୍ସକ ସତ୍ୟ ବିକ୍ରମ ତରାଇ ଯୋଗ ଦେଇଥିଲେ। ବିଧାୟକ ବିଷୋୟୀ ଉଜୁଡି ଯାଇଥିବା ଜଙ୍ଗଲରେ ଚାରାରୋପଣ କରି ଏହାର ପୁନରୁଦ୍ଧାର କରିବା ନେଇ ଆଲୋଚନା ବେଳେ ପ୍ରସ୍ତାବ ଦେଇଥିଲେ। ସାମୁହିକ ବନୀକରଣ, ବିଭିନ୍ନ ବିଭାଗ ସହିତ ସମନ୍ୱୟ ରଖି ବିକାଶର ମାର୍ଗ କିପରି ହୋଇପାରିବ ଏବଂ ମିଶନ ଶକ୍ତି ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କିପରି ପ୍ରାଧାନ୍ୟ ମିଳିବ ସେନେଇ ବିଧାୟକ ଆଲୋଚନା କରିଥିଲେ। ଏହାକୁ ବନ ସୁରକ୍ଷା ସମିତି ଜୀବନ ଜୀବିକାର ବିଭିନ୍ନ ଷ୍ଟଲ୍‌କୁ ଉଦ୍‌ଘାଟନ କରି ବିଧାୟକ ଫୁଡ କୋର୍ଟ୍ ବୁଲି ଦେଖିଥିଲେ। ଉକ୍ତ ଷ୍ଟଲଗୁଡିକରେ ବିଭିନ୍ନ ପ୍ରକଳ୍ପ ତଥା ହସ୍ତତନ୍ତ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ପିଠା, ସ୍ନାକ, ଜଳଖିଆ ଆଦି ରହିଥିଲା। ଏହି ଅବସରରେ କେତେଜଣ କର୍ମଚାରୀ ଓ ବନ ସାଥୀଙ୍କୁ ସମ୍ମାନିତ କରାଯାଇଥିଲା। ବନ ସୁରକ୍ଷା କ୍ଷେତ୍ରରେ ଆଗକୁ ସବୁ ଦିଗ ପ୍ରତି ବନ ବିଭାଗ ଯେପରି ଯତ୍ନବାନ ହେବ ସେଥିପ୍ରତି ଗୁରୁତ୍ୱାରୋପ କରାଯିବ ବୋଲି ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଅଧିକାରୀ ବିଶ୍ୱନାଥ ନିଲାନବର କହିଥିଲେ। ପ୍ରତି ଅଞ୍ଚଳରେ ବନ ସୁରକ୍ଷା ସମିତି ଗଠନ କରି ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ଲୋକଙ୍କୁ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ। ଉପସ୍ଥିତ ଅନ୍ୟ ଅତିଥିମାନେ ମଧ ଜଙ୍ଗଲ ବୃଦ୍ଧି ଓ ବନସୁରକ୍ଷା ଉପରେ ନିଜ ମତ ରଖିଥିଲେ। ସୋରଡ଼ା ବନଖଣ୍ଡ ଅଧିକାରୀ ନିହାର ରଞ୍ଜନ ମଲ୍ଲିକ ସମେତ ବଡଗଡ ବନଖଣ୍ଡ ଅଧିକାରୀ ଅଞ୍ଜନ ନାୟକ ଓ ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିଲେ।

# ବଲସ୍‌କୁମ୍ପା କ୍ଲଷ୍ଟରସ୍ତରୀୟ ସୁରଭି

ଖଜୁରିପଡ଼ା, ୧୪।୧୦(ବିଦୁର ବେହେରା)

ଖଜୁରିପଡ଼ା ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ବଲସ୍‌କୁମ୍ପା ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ପ୍ରଦୀପ ଦଳବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଏସ୍‌ଏମ୍‌ସି ସ୍କୁଲ ସଭାପତି ପ୍ରଫୁଲ୍ଲ ବେହେରା, ପଞ୍ଚସଖା ଶିକ୍ଷାସେତୁ ସ୍କୁଲ ସଭାପତି ଭଗବାନ୍ ଗୁରୁ, ବାରିକୁମ୍ପା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଦିଗାଲ, ସାମାଜିକ କର୍ମୀ ବିଦୁର ବେହେରା, ବରୁଣ ସାହାଣୀ ଉପସ୍ଥିତ ଥିଲେ। ଶିକ୍ଷକ ପଞ୍ଚାନନ ବେହେରା ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ, ପତ୍ରଲିଖନ, କୁଇଜ୍, ଚିତ୍ରାଙ୍କନ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ ପ୍ରତିଯୋଗିତା ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ୧୯ ବର୍ଷରୁ କମ ଓପନ ବାଳକ ବାଳିକା ଚେସ ଚାମ୍ପିୟନଶିପ ଉଦ୍‌ଯାପିତ




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**ବାଳକରେ ହର୍ଷିତ ଓ ବାଳିକା ବିଭାଗରେ ଯର୍ଷିତା ଚାମ୍ପିୟନ**

କବିସୂର୍ଯ୍ୟନଗର, ୧୪।୧୦(କୃପାସିନ୍ଧୁ ସ୍ୱାଇଁ)

ଅଲ ଓଡ଼ିଶା ଚେସ୍ ଆସୋସିଏଶନ, ଅଲ ଇଣ୍ଡିଆ ଚେସ୍ ଫେଡେରେଶନ ଓ ଓଡ଼ିଶା କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ ଓପନ ବାଳକ ଓ ବାଳିକା ଚେସ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଯାଇଛି। ଗତ ୧୦ରୁ ଚାଲିଥିବା ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅଲ ଓଡ଼ିଶା ଚେସ୍ ସଂଘର ସାଧାରଣ ସମ୍ପାଦକ ଦେବବ୍ରତ ଭଞ୍ଜ ,ସମ୍ମାନିତ ଅତିଥି ରୂପେ କବିସୂର୍ଯ୍ୟନଗର ପୌରାଧକ୍ଷ ବିକ୍ରାନ୍ତ ସାହୁ, ବନଦେବୀ ଆଇଟିଆଇ ପ୍ରିନ୍‌ସପାଲ ତଥା ଟର୍ଣ୍ଣାମେଣ୍ଟ ପରିଚାଳନା କମିଟି ଅଧକ୍ଷ ପ୍ରଭାସ ଚନ୍ଦ୍ର ନାହାକ, ଚିଫ ଅର୍ବିଟର ବାଦଲ ସାହୁ ଉପସ୍ଥିତ ରହି କୃତୀ ଖେଳାଳିଙ୍କୁ ଟ୍ରଫି, ମାନପତ୍ର ଓ ନଗଦ ଅର୍ଥରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ। ଏଥିରେ ଓଡ଼ିଶାର ୧୪ଟି ଜିଲାରୁ ୬୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ କଟକର ହର୍ଷିତ ରଞ୍ଜନ ସାହୁ ଏବଂ ବାଳିକା ବିଭାଗରେ ଖୋର୍ଦ୍ଧାର ଯର୍ଷିତା ରାଉତ ଚାମ୍ପିୟନ ହୋଇଥିଲେ। ଉଭୟ ବିଭାଗରେ ପ୍ରତ୍ୟେକ ୪ ଜଣ ଲେଖାଏ ମୋଟ ୮ ଜଣ ଜାତୀୟ ସ୍ତରରେ ୧୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ୧୬ ରୁ ୨୪ ପର୍ଯ୍ୟନ୍ତ ଝାଡଖଣ୍ଡର ଜାମସେଦପୁରରେ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ଭାଗନେବେ। ଏହି ଟୁର୍ଣ୍ଣାମେଣ୍ଟକୁ କବିସୂର୍ଯ୍ୟ ଚେସ୍ ଏକାଡ଼େମୀର କର୍ମକର୍ତ୍ତା ଓ ଗଂଜାମ ଜିଲା ଚେସ୍ ସଂଘ କର୍ମକର୍ତ୍ତା ପରିଚାଳନା କରିଥିଲେ। ଏସ. ଗୋରାଚାନ୍ଦ ରେଡ୍ଡୀ ଧନ୍ୟବାଦ ଦେଇଥିଲେ।

# ଗୋଟିଏ ରାତିରେ ୨ ବାଇକ୍ ଚୋରି

ଗଞ୍ଜାମ, ୧୪।୧୦ (ବିଦ୍ୟାଧରସାହୁ/ଅଖିଳ ତରାଇ)

ଗଞ୍ଜାମ ଥାନା ଅନ୍ତର୍ଗତ ପୁଇଁତୋଳାସ୍ଥିତ ଏକ ଦୋକାନ ନିକଟ ଏବଂ ଲକ୍ଷ୍ମୀପୁର ଗ୍ରାମରୁ ଗୋଟିଏ ରାତିରେ ୨ଟି ବାଇକ୍ ଚୋରି ହୋଇଛି। ଏନେଇ ଗଞ୍ଜାମ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି। ଦାମୋଦରପୁର ଗ୍ରାମର ସୁନୀଲ ବେହେରାଙ୍କ ଗାଡ଼ି (ନଂ ଓଡି ୦୭ଇ- ୬୬୬୩)ଟି ପୁଇଁତୋଳାସ୍ଥିତ ଦୋକାନ ନିକଟରୁ ଚୋରି ହୋଇଥିଲା। ସେହିପରି ଲକ୍ଷ୍ମୀପୁର ଗ୍ରାମରୁ ମଧ ଗ୍ରାମର ଗାଡ଼ି ଚୋରି ହୋଇଯାଇଛି।

# ଏବେ ବି ଗାଁକୁ ରାସ୍ତା ନାହିଁ, ବିପଦପୂର୍ଣ୍ଣ ମୁକୁଳା ଡ୍ରେନ୍

ଜି.ଉଦୟଗିରି, ୧୪।୧୦ (ଚିନ୍ମୟ କୁମାର ସେଠୀ)



ଜି.ଉଦୟଗିରି ଏନଏସି ଓ ବ୍ଲକ ଅଞ୍ଚଳ ।

**ବିବାଦ ଭିତରେ ଛନ୍ଦି ହୋଇଛି ଅଞ୍ଚଳର ବିକାଶ**

ଜି.ଉଦୟଗିରି ଏନ୍‌ଏସି ଓ ବ୍ଲକ୍ ରାଜ୍ୟର ଏମିତି ଏକ ଅଞ୍ଚଳ ଯେଉଁଠି ଦେଶ ସ୍ୱାଧୀନତା ପାଇବାର ୭୯ ବର୍ଷ ବିତିଗଲାଣି କିନ୍ତୁ ଦୁର୍ଭାଗ୍ୟର ବିଷୟ ବିକାଶ ଠାରୁ ବହୁ ଦୂରରେ ରହିଛି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ଅଞ୍ଚଳରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପର୍ଯ୍ୟଟନ, ପାନୀୟଜଳ ଏପରିକି ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ବହୁ ପଛରେ ରହିଛି। ୫୦ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବସବାସ କରୁଥିବା ଏହି ଅଞ୍ଚଳର ବିକାଶ ଯେମିତି ବିବାଦ ଭିତରେ ଛନ୍ଦି ହୋଇଯାଇଥିବା ନେଇ ଅଞ୍ଚଳର ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି। ବ୍ଲକଠାରୁ ଏନ୍‌ଏସି ସବୁଠି ସ୍ୱାର୍ଥ ରାଜନୀତି ଓ ବିବାଦ ଯୋଗୁ ଅଞ୍ଚଳର ସାମୂହିକ ବିକାଶ ବାଟବଣା ହୋଇଛି। ସହରର ଏକମାତ୍ର ବଜାର ବନ୍ଦ ବହୁ ବର୍ଷ ଧରି ବ୍ୟବହାର ହୋଇପାରୁନାହିଁ। ସ୍ୱଚ୍ଛ ପାନୀୟଜଳ ଯୋଗାଣ ଜାଗାରେ ମୁକ୍ତ ପରିସ୍ରାଗାର ହେଲାଣି। ସହର ଦେଇଯାଇଥିବା ପିଲା ସାଲୁଙ୍କି ନଦୀ ଡ୍ରେନ୍ ପାଲଟିଲାଣି। ରାସ୍ତା ଘାଟ ଖାଲ ଖମାରେ ପରିପୂର୍ଣ୍ଣ, ଡ୍ରେନ୍ ଗୁଡ଼ିକ ଭାଙ୍ଗି ପାଣି ସବୁ ରାସ୍ତାରେ ଯିବା ସହ ଲୋକଙ୍କ ଘରେ ପଶିଲାଣି। କେଉଁଠି କାହା ସ୍ୱାର୍ଥରେ କାମ ହେଉଛି ତ କେଉଁଠି ଅଧା କାମ ହୋଇ ରହିଯାଉଛି। ସେହିପରି ଗ୍ରାମାଞ୍ଚଳର ସଡ଼କ ଅବସ୍ଥା ଶୋଚନୀୟ ତା ସହ କିଛି ଗାଁକୁ ସଡ଼କ ନାହିଁ, ଶିକ୍ଷା ସ୍ୱାସ୍ଥ୍ୟ କଥା ନ କହିବା ଭଲ। ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ। ଆବଶ୍ୟକ ସଂଖ୍ୟକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଅତିରିକ୍ତ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କେହି କର୍ମଚାରୀ ନାହାଁନ୍ତି। ସହର ପାଇଁ ବାଇପାସ୍ ସଡ଼କ ହୋଇପାରୁନି। ପର୍ଯ୍ୟଟନ ସ୍ଥଳୀର ବିକାଶ ଏପରି ଅନେକ ସମସ୍ୟା ଅନେକ ରହିଛି। ହେଲେ ଏହାର ସମାଧାନ ହେଉନାହିଁ। ନିର୍ବାଚିତ ଜନପ୍ରତିନିଧିଙ୍କ କାର୍ଯ୍ୟକାଳ ସରିବାକୁ ଗଲାଣି କିନ୍ତୁ ବିକାଶ ବିବାଦ ଭିତରେ ଛନ୍ଦି ହୋଇଥିବା ସାମାଜିକକର୍ମୀ ସନ୍ତୋଷ କୁମାର ମୁନୀ ଓ ଆମନ ଚନ୍ଦ୍ର ନାୟକ କହିଛନ୍ତି। କେତେବେଳେ ରାଜନୈତିକ ଅଭିସନ୍ଧିରେ ବିବାଦ ଯୋଗୁ ବିକାଶ ବାଧାପ୍ରାପ୍ତ ତ କେତେବେଳେ ଯନ୍ତ୍ରୀ, ଅଧିକାରୀ ନାହାନ୍ତି ସମସ୍ତେ ଥିବା ବେଳେ ବିବାଦ ଛିଡୁନି। ଦୀର୍ଘ ବର୍ଷ ମଧ୍ୟରେ ବହୁ ସରକାରୀ ଅଧିକାରୀ ଆସି ବଦଳି ହେଲେଣି। ଜନପ୍ରତିନିଧିମାନେ ଅଞ୍ଚଳର ବିକାଶ ପାଇଁ ପ୍ରତିଶ୍ରୁତି ଦେଇ ନିର୍ବାଚିତ କିନ୍ତୁ ଆବଶ୍ୟକ ଅନୁଯାୟୀ ବିକାଶ ହୋଇପାରିନାହିଁ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି।

## ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ, ଯୋଗଦେଲେ ବିଧାୟକ

ଦିଗପହଣ୍ଡି, ୧୪।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିସ୍ଥିତ କବିସୂର୍ଯ୍ୟ ବଳଦେବ ରଥ କଲ୍ୟାଣ ମଣ୍ଡପଠାରେ ଭାଜପା ପକ୍ଷରୁ ମଣ୍ଡଳସ୍ତରୀୟ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଛି। ଗୌତମ ମହାରଣା ସଂଯୋଜନା କରିଥିଲେ। ସ୍ଥାନୀୟ ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ସ୍ୱଦେଶୀ ଜିନିଷ ବ୍ୟବହାର ଏବଂ ତାହାର ଉପଯୋଗୀ କିପରି କରିବା, ନିଜେ ସ୍ୱାବଲମ୍ବୀ ହେବା ନେଇ ଆଲୋଚନା କରିଥିଲେ। ଗୋକର୍ଣ୍ଣପୁର ସରପଞ୍ଚ ପ୍ରତିନିଧି ସନ୍ତୋଷ ଦୋରା, ଭାଜପା ଭୀଷ୍ମଗିରି ମଣ୍ଡଳ ଉପସଭାପତି ଟୁକୁନା ସାହୁ, ଦେବ ଗୌଡ, ଟୁନା ଚୌଧୁରୀ, ସୀମାଞ୍ଚଳ ସାସମଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 15/2025-26**

No. 3689 / Date : 10.10.2025

**No.B-602** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in : https://tendersorissa.gov.in. The details of bid documents will be available in the above website from dt.14.10.2025 at 05.00 P.M. to dt.29.10.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR

OIPR-34006/11/0053/2526

# ବିପଦସଂକୁଳ ଅବସ୍ଥାରେ ଛାମୁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ

ରମ୍ଭା,୧୩।୧୦(ବନବାସୀ ସେଠୀ) ସରକାରଙ୍କ କୋଟି କୋଟି ଟଙ୍କା ବ୍ୟୟରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ସ୍ମାର୍ଟ ବିଦ୍ୟାଳୟ ସହ ଡିଜିଟାଲ କ୍ଲାସ ରୁମ୍ ତିଆରି ହେଉଥିବା ବେଳେ ରମ୍ଭା ଛାମୁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଅତି ସଂକଟାପନ ଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ପରିଚାଳନା କମିଟି ସଭ୍ୟାସଭ୍ୟ, ଅଭିଭାବକ, ଶିକ୍ଷକ ଆସୋସିଏସନ ଏବଂ ଗ୍ରାମର ଭଦ୍ର ଲୋକଙ୍କ ଉପସ୍ଥିତିରେ ବିଦ୍ୟାଳୟର ଅବସ୍ଥା ଦେଖି ଆଲୋଚନା କରାଯାଇଥିଲା।



ଭଗ୍ନ ଅବସ୍ଥାରେ ଥିବା ଛାତ ପଲସ୍ତରା।

ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ୩ ମାର୍ଚ୍ଚ ୨୦୨୫ରେ ଲିଖିତ ଭାବେ ଦରଖାସ୍ତ ପ୍ରଦାନ କରିଥିଲେ। ସିଆରସିସି ଏବଂ ବିଡିଓ ବିଦ୍ୟାଳୟ ମରାମତି ପର୍ଯ୍ୟନ୍ତ ଅନ୍ୟତ୍ର ଜାଗାକୁ ସ୍ଥାନାନ୍ତରିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁବିଧା ମିଳିନାହିଁ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ଦେବୀ କହିଛନ୍ତି। ଅନ୍ୟପଟେ ଛାତ୍ରଛାତ୍ରୀମାନେ ଶ୍ରେଣୀ ଗୃହର ଅବସ୍ଥା ଦେଖି ବିଦ୍ୟାଳୟକୁ ଆସିବାକୁ ଭୟ ଲାଗୁଛି ବୋଲି କହିଛନ୍ତି। ବିଦ୍ୟାଳୟଟି ୧୯୮୭ ମସିହାର ହୋଇଥିବା ହେତୁ ଛାତ ଦୋଳାୟମାନ ଅବସ୍ଥାରେ ଅଛି। ଅସରାଏ ବର୍ଷା ହେଲେ ପାଣି ଗଳୁଛି ଏବଂ ସିମେଣ୍ଟ କଂକ୍ରିଟ ବାହାରି ପିଲାଙ୍କ ମୁଣ୍ଡ ଉପରେ ପଡୁଛି। ଏଠାରେ କୌଣସି ପ୍ରକାର ମୌଳିକ ଶିକ୍ଷାଦାନ ପ୍ରକ୍ରିୟାର ସୁବିଧା ନାହିଁ। ଖେଳ ପଡ଼ିଆ, ଖାଇବା ପାଇଁ ଗୃହ ନାହିଁ ବୋଲି ଅଭିଭାବକ ମାନେ ଆଲୋଚନା କରିଛନ୍ତି। ବିଦ୍ୟାଳୟ ପାର୍ଶ୍ୱରେ ଏନ୍‌ଏସି ୧୦ ନଂ. ୱାର୍ଡର ମିଶନ ଶକ୍ତିର ନୂତନ କୋଠା ତାଲା ବନ୍ଦ ହୋଇ ପଡ଼ିଛି। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଜଣାଇ ସ୍ଥାନାନ୍ତରିତ କରିଥିଲେ ପିଲାଙ୍କ ପାଠପଢ଼ା ଠିକ୍‌ରେ ହେଇପାରିଥାନ୍ତା ବୋଲି ସ୍ଥାନୀୟ ବାସିନ୍ଦା କହିଥିଲେ।

# ବିଭିନ୍ନ ଦାବି ନେଇ କଳାକାର ସଂଘର ରାଲି

ଫୁଲବାଣୀ,୧୪।୧୦ (ରାକେଶ କୁମାର ରାଉତ)




କଳାର ରାଜ୍ୟ ଉତ୍କଳରେ କଳାକାରଙ୍କ ପ୍ରତି ଅବିଚାର କରାଯାଉଛି। ଏହାର ପ୍ରତିବାଦରେ ମଙ୍ଗଳବାର ଏକ ଦାବି ନେଇ ବରିଷ୍ଠ କଳାକାର ସଂଘ ପକ୍ଷରୁ ସହରରେ ରାଲି କରାଯାଇଛି। ଏହାପରେ ସଂଘ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାମନାଟକ, ଘୁଡୁକି, ଭଣକୋଇଲା ଭଳି ଲୁପ୍ତପ୍ରାୟ କଳାର ପୁନରୁଦ୍ଧାର। କେନ୍ଦ୍ର ସରକାରଙ୍କ ବରିଷ୍ଠ କଳାକାର ପେନ୍‌ଶନ ତାଲିକା ଶୀଘ୍ର ପ୍ରକାଶ କରିବା। କଳାକାରଙ୍କୁ ଭତ୍ତା ଶୀଘ୍ର ପ୍ରଦାନ କରିବା। ୨ ବର୍ଷ ହେଲା ପଡ଼ି ରହିଥିବା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା। କେନ୍ଦ୍ର ସରକାରଙ୍କ କଳାକାର ଭତ୍ତା ୧୦ ହଜାର ଟଙ୍କାକୁ ଓ ରାଜ୍ୟ ସରକାରଙ୍କ ଭତ୍ତା ୫ ହଜାର ଟଙ୍କାକୁ ବୃଦ୍ଧି କରିବା ଏବଂ ବ୍ଲକସ୍ତରରେ କଳା ପ୍ରଦର୍ଶନ କେନ୍ଦ୍ର ସ୍ଥାପନ କରିବା ପାଇଁ ଦାବି କରାଯାଇଛି। ସଭାପତି ତ୍ରିନାଥ ପଣ୍ଡା ଓ ସମ୍ପାଦକ ନିରାକାର ପୂଜାରୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ କଳାକାର ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ରାଲି କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ଦେଇଥିଲେ।

# ଭଙ୍ଗାହେଲା ଶିକ୍ଷକଙ୍କ ଘର



## ସରକାରୀ ଜମି ବିକ୍ରି ଘଟଣା

ଫୁଲବାଣୀ, ୧୪।୧୦(ରାକେଶ କୁମାର ରାଉତ) କନ୍ଧମାଳ ଜିଲା ଫୁଲବାଣୀ ସହରରେ ଜଣେ ଶିକ୍ଷକ ସରକାରୀ ଜମି ବିକ୍ରି କରିବା ଓ ସେଠାରେ ଘର ନିର୍ମାଣ କରିବା ଘଟଣାରେ ପ୍ରଶାସନ ଦୃଢ଼ ପଦକ୍ଷେପ ନେଇଛି। ବହୁ ଛକାପଞ୍ଝା ପରେ ମଙ୍ଗଳବାର ଏହି ଜବରଦଖଲ ସ୍ଥାନରେ ନିର୍ମିତ ଘରକୁ ଭଙ୍ଗାଯାଇଛି। ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପୋଲିସ ଫୋର୍ସ ପହଞ୍ଚି ଏହାକୁ ଉଚ୍ଛେଦ କରିଛନ୍ତି। ଉଚ୍ଛେଦ ସମୟରେ କିଛି ରାଜନୈତିକ ବ୍ୟକ୍ତି ପହଞ୍ଚି ବନ୍ଦ କରିବାକୁ ପ୍ରୟାସ କରିଥିଲେ ହେଁ ତାହା ଫସର ଫାଟି ଯାଇଛି। ଶିକ୍ଷକ ରଶ୍ମିରଞ୍ଜନ ନିଜସ୍ୱ ଗୃହ ଭାଙ୍ଗିବା ଲାଗି ୧୭ ତାରିଖକୁ ଦିନ ଧାର୍ଯ୍ୟ ହୋଇଛି ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଫୁଲବାଣୀ ସହର ନାରାୟଣୀ ପାର୍କ ସମ୍ମୁଖ କେନ୍ଦ୍ରୀୟ ବିଦ୍ୟାଳୟକୁ ଲାଗିଥିବା ରାସ୍ତାର ଡାହାଣ ପାର୍ଶ୍ୱରେ ସରକାରୀ ଜମି ଥିଲା। ଏହି ଜମିରେ ପୂର୍ବରୁ ବନ ବିଭାଗ ପକ୍ଷରୁ ଚନ୍ଦନ ଗଛ ରୋପଣ କରାଯାଇଥିଲା। ସରକାରୀ ବୋର୍ଡ ଲାଗିଥିବା ସତ୍ତ୍ୱେ ସମ୍ପୃକ୍ତ ଶିକ୍ଷକ ଜଣକ ଚନ୍ଦନ ଗଛ କାଟି ସେଠାରେ କୋଠା ନିର୍ମାଣ କରିଥିଲେ। ଖାଲି ଏତିକି ନୁହେଁ ଜାଗାର କିଛି ଅଂଶକୁ ଅନ୍ୟମାନଙ୍କୁ ବିକ୍ରି କରିଲେ। ପାଖାପାଖି ୩୫ ଲକ୍ଷ ଟଙ୍କା କାରବାର ହୋଇଥିଲା। ଏହି ଅଭିଯୋଗ ପାଇବା ପରେ ତଦନ୍ତ କରି ପୂର୍ବତନ ତହସିଲଦାର ନିର୍ମାଣ କାମକୁ ବନ୍ଦ କରାଇ ଉକ୍ତ ଜାଗାରେ ପୁଣି ସରକାରୀ ଫଳକ ଲଗାଇଥିଲେ। ତାଙ୍କର ବଦଳି ହେବାପରେ ସମ୍ପୃକ୍ତ ଶିକ୍ଷକ ଜଣକ ସେହି ଜାଗାରେ ପୁଣି କୋଠା ନିର୍ମାଣ କାମ ଆରମ୍ଭ କରି ଦେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ବର୍ତ୍ତମାନର ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ଉଚ୍ଛେଦ ପାଇଁ ନୋଟିସ ଜାରି କରିଥିଲେ। ସମ୍ପୃକ୍ତ ଶିକ୍ଷକ କୋର୍ଟକୁ ଯାଇଥିଲେ ହେଁ, କୋର୍ଟ ଏହାକୁ ଆଗ୍ରାହ୍ୟ କରି ଦେଇଥିଲେ।

# ୨ ବାଣ ଦୋକାନ, ଗୋଦାମରେ ଚଢ଼ାଉ, ୫୦ ଲକ୍ଷ ଟଙ୍କାର ବାଣ ଜବତ

ପାରଳାଖେମୁଣ୍ଡି,୧୪।୧୦(ଗିରିଧାରୀ ପରିଚ୍ଛା)

ବେଆଇନ ଭାବେ ବାଣ ବିକ୍ରି କରିବାକୁ ନେଇ ପାରଳାଖେମୁଣ୍ଡି ପୋଲିସ ସହରର ଲାଡି ଶାମ୍ବା ମୂର୍ତ୍ତି ଏବଂ ଲାଡି କ୍ରିଷ୍ଣା ମୂର୍ତ୍ତି ନାମକ ୨ଟି ବାଣ ଦୋକାନରେ ମଙ୍ଗଳବାର ଅତର୍କିତ ଚଢ଼ାଉ କରିଛି। ଏହି ଦୁଇ ଦୋକାନର ମାଲିକ ହେଉଛନ୍ତି ଲାଡି ଦୁର୍ଗା ରାଓ ଏବଂ ଲାଡି ଶ୍ରୀନୁ। ଚଢ଼ାଉ ବେଳେ ଦୋକାନ ଓ ରେଲି ସାହିରେ ଥିବା ସେମାନଙ୍କ ଗୋଦାମରେ ବିକ୍ରି ନେଇ ରଖାଯାଇଥିବା ବାଣ ପୋଲିସ ଠାବ କରି ପୋଲିସ ପ୍ରାୟ ୫୦ଲକ୍ଷ ଟଙ୍କାର ବାଣ ଜବତ କରିଛି। ଦୁଇ ଦୋକାନ ମାଲିକଙ୍କ ନାମରେ ବେଆଇନ ବାଣ କାରବାର ନେଇ ଦୁଇଟି ମାମଲା ରୁଜୁ ହୋଇଛି। ଦୋକାନ ଓ ଗୋଦାମରେ ଥିବା ବାଣର ସମ୍ପୂର୍ଣ୍ଣ ଆକଳନ ପରେ ଉଭୟ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯିବ ବୋଲି ଏସ୍‌ପି ଜତୀନ୍ଦ୍ର ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ପାରଳାଖେମୁଣ୍ଡିରେ ୧୮ଜଣ ବାଣ ବ୍ୟବସାୟୀଙ୍କ ମଧ୍ୟରୁ ଏହି ଦୁଇ ବ୍ୟବସାୟୀଙ୍କୁ ପ୍ରଶାସନ ପକ୍ଷରୁ ବାଣ କାରବାର ପାଇଁ ଅନୁମତି ମିଳି ନ ଥିଲା। ଦୁଇ ଦୋକାନର ପଛପଟେ ୧୩୨ କେଭିର ଗ୍ରୀଡ ଲାଇନ ଯାଇଥିବାରୁ ବିଦ୍ୟୁତ୍ ବିଭାଗ ସୁରକ୍ଷା ଦୃଷ୍ଟିରୁ ଅନୁମତି ମିଳି ନ ଥିଲା। ପ୍ରଶାସନର ଅନୁମତି ନ ମିଳିବା ସତ୍ତ୍ୱେ ଏହି ଦୁଇ ବ୍ୟବସାୟୀ ବେଆଇନ ବାଣ ବିକ୍ରିକରି ଆସୁଥିଲେ।

# ଅଭିଭାବକ ସମ୍ମିଳନୀ

ବୁଗୁଡ଼ା,୧୪।୧୦ (କାଳିଚରଣ ଦାଶ):

ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଆଟଲ୍ ଲିଙ୍ଗରାଜଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀ ଦୁଇଟି ପର୍ଯ୍ୟାୟରେ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ପ୍ରଥମ, ଦ୍ୱିତୀୟ, ଷଷ୍ଠ, ସପ୍ତମ, ଅଷ୍ଟମ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ତୃତୀୟ, ଚତୁର୍ଥ, ପଞ୍ଚମ, ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କ ସମ୍ମିଳନୀ ହୋଇଥିଲା। ଅଭିଭାବକମାନେ ନିଜ ନିଜର ଶିଶୁଙ୍କ ଶୈକ୍ଷିକ ସମସ୍ୟା ଉପସ୍ଥାପନ କରିଥିଲା ବେଳେ ସେ ଦିଗରେ ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶିଶୁ ମନ୍ଦିର କର୍ତ୍ତୃପକ୍ଷ କହିଛନ୍ତି। ଏଥିସହ ପରୀକ୍ଷା ବେଳେ କୌଣସି ଚାପ ପ୍ରୟୋଗ ନ କରି ଶିଶୁମାନଙ୍କ ପଢ଼ାପଢ଼ି ପ୍ରତି ଧ୍ୟାନ ଦେବାକୁ ଅଭିଭାବକମାନଙ୍କୁ ନିବେଦନ କରାଯାଇଛି। ସମ୍ମିଳନୀରେ ପରିଚାଳନା ସମିତି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତି, ସମ୍ପାଦକ ବିଶ୍ୱ ମୋହନ ମିଶ୍ର ଓ କୋଷାଧ୍ୟକ୍ଷ ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମା' ବ୍ରାହ୍ମଣୀଦେଈ ମନ୍ଦିର ପରିସରରେ ହାଡ଼, ଗ୍ରାମବାସୀ ଭୟଭୀତ

ମୋହନା, ୧୪।୧୦(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ କର୍ଚ୍ଚବାଡି ଗ୍ରାମରେ ଥିବା ବହୁ ପୁରାତନ ମା' ବ୍ରାହ୍ମଣୀଦେଈଙ୍କ ମନ୍ଦିରରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମନ୍ଦିର ପରିସରରେ ଏକ ହାଡ ପଡିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇବା ସହ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଖବରରୁ ଜଣାପଡିଛି, ମଙ୍ଗଳବାର ସକାଳେ ମନ୍ଦିର ପୂଜାରୀ ନରେନ୍ଦ୍ର ପାଇକ ମନ୍ଦିରକୁ ପୂଜା କରିବା ପାଇଁ ଯାଇଥିଲେ। ମନ୍ଦିର ପରିସରକୁ ସଫା କରିବା ସମୟରେ ସିଂହ ପାଖରେ



ଏକ ହାଡ଼ ପଡିଥିବା ଦେଖିବାକୁ ପାଇଥିଲେ। ପରେ ନରେନ୍ଦ୍ର ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ମନ୍ଦିର ପରିସରରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ମୋହନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏହି ହାଡ଼କୁ ଜବତ କରିଛି। ମନ୍ଦିରରେ ପୂଜାର୍ଚ୍ଚନା ବନ୍ଦ ରହିଛି। ଅନ୍ୟପକ୍ଷରେ ମୋହନା ଅଞ୍ଚଳରେ ଗୁଣି ଗାରେଡ଼ିକୁ ନେଇ ସନ୍ଦେହ ପ୍ରକାଶ ପାଇଛି। କେହି ନିଜ ସ୍ୱାର୍ଥ ପୂରଣ ଲାଗି ପୂଜା ପରେ ଏହି ହାଡକୁ ଆଣି ମନ୍ଦିର ପରିସରରେ ପକାଇ ଦେଇ ଚାଲିଯାଇଥିବା ଆଲୋଚନା ହେଉଛି।

# ଜନସମ୍ପର୍କ ପଦଯାତ୍ରା ପାଇଁ ବିଜେଡିର ବୈଠକ

ଜି.ଉଦୟଗିରି,୧୪।୧୦ (ଚିନ୍ମୟ କୁମାର ସେଠୀ)

ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜି.ଉଦୟଗିରି ବିଜେଡି ପକ୍ଷରୁ ସ୍ଥାନୀୟ ଗୁଡ଼ିପଡ଼ିଠାରେ ଜନସମ୍ପର୍କ ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜି.ଉଦୟଗିରି ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ ସଭାପତିତ୍ୱ କରିଥିଲେ। ଏନ୍‌ଏସି ଏବଂ ବ୍ଲକ୍ ବିଜେଡିର କର୍ମକର୍ତ୍ତା ଉପସ୍ଥିତ ରହି ମିଳିତ ଭାବେ ଜନସମ୍ପର୍କ ପଦଯାତ୍ରା କରିବା ନେଇ ନିଷ୍ପତ୍ତି ହୋଇଥିଲା। ଆସନ୍ତା ୨୪ରେ ଜି.ଉଦୟଗିରିରେ ଜନସମ୍ପର୍କ ପଦଯାତ୍ରା ହେବ। ଲିଙ୍ଗରାଜ କହଁର, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ବାଘ, ଜିଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ଦାରିଙ୍ଗବାଡ଼ି ଜିଲା ପରିଷଦ ସଭ୍ୟ ରଞ୍ଜନ ପ୍ରଧାନ, ଅନିଲ ଦଳବେହେରା, ସମୀର ପାଢ଼ୀ, କାଲୁଚରଣ ପଣ୍ଡା, ଉଦୟନାଥ ନାୟକ, ଜାଲିନା ପ୍ରିୟଦର୍ଶିନୀ, କୃତାଞ୍ଜଳି ନାୟକ, ସିଦ୍ଧେଶ୍ୱରୀ ନାୟକ, ଭାରତୀ ବେହେରା, ନନ୍ଦିତା ପ୍ରଧାନ, ସାମନ୍ତ ଦିଗାଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପୂର୍ବତନ ବ୍ଲକ ସଭାପତି ବୈଠକ ପରିଚାଳନା କରିଥିଲେ। ଅନିଲ ଦଳବେହେରା ସହଯୋଗ କରିଥିଲେ।


## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

### ସୁନା ନିଲାମ ବିଜ୍ଞପ୍ତି

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୯.୧୦.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୩୦.୧୦.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ବଡଖୋଲି ଶାଖା, ସା/ପୋ: ବଡଖୋଲି, ଭାୟା: ଆସ୍କା, ବ୍ରହ୍ମପୁର, ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଆଲୋକ କୁମାର ନାୟକ, ମୋ.: ୯୧୨୪୮୮୨୪୮୯** | | |
| ୧. | ଆର୍ ଗୋପାଳ ପାତ୍ର, ସା/ପୋ: ପାଣ୍ଡିଆପଥର, ବ୍ରହ୍ମପୁର / ୧୧୬୦୦୬୧୦୦୩୫୨୩୮ | ଟ.୪୨,୦୦୦/- + ସୁଧ ଏବଂ ଦେୟ | ୧୪.୧୪ |
| ୨. | ସଂଯୁକ୍ତା ସେଠୀ, ସା/ପୋ: ବଡଖୋଲି, ଗଞ୍ଜାମ, ବ୍ରହ୍ମପୁର / ୧୧୬୦୦୬୧୦୦୨୫୦୩୧ | ଟ.୨୫,୦୦୦/- + ସୁଧ ଏବଂ ଦେୟ | ୧୩.୩୫ |
| | **ସିଆର୍‌ପିଏଫ୍ ଶାଖା, ସି.ଆର୍.ପି. ହେଡ୍ କ୍ୱାର୍ଟର୍ସ, ପୋ: ନୟାପଲ୍ଲୀ, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ସୀତାଂଶୁ ଶେଖର ବେହେରା, ମୋ.: ୯୮୫୩୧୬୬୨୬୬** | | |
| ୧. | ରଜନୀକାନ୍ତ ପଟ୍ଟନାଏକ, ସା: ଏଲ୍‌ଆଇଜି-୧୭, ବ୍ରିଟ୍ କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର / ୦୯୨୮୦୬୧୦୦୩୧୬୨୯ | ଟ.୪୫,୦୦୦/- + ସୁଧ ଏବଂ ଦେୟ | ୧୫.୮୦ |
| ୨. | ସୁବ୍ରତ କୁମାର ତ୍ରିପାଠୀ, ସା: ଏଲ୍-୩୧୧, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର / ୦୯୨୮୦୬୧୦୦୩୬୮୧୫ | ଟ.୨,୪୦,୦୦୦/- + ସୁଧ ଏବଂ ଦେୟ | ୫୬.୩୫ |
| | **ରଣପୁର ଶାଖା, ସା: ରଣପୁର, ପୋ: ରାଜରଣପୁର, ଜିଲ୍ଲା: ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ଗଙ୍ଗାଧର ବେହେରା, ମୋ.: ୯୨୩୦୫୦୦୪୩୬** | | |
| ୧. | ପ୍ରମିଳା ସାହୁ, ସା: କେନ୍ଦୁବଣିଆ, ରଣପୁର, ନୟାଗଡ / ୦୪୩୬୦୬୧୦୦୬୩୧୩୨ | ଟ.୨୭,୦୦୦/- + ସୁଧ ଏବଂ ଦେୟ | ୧୧.୧୦ |
| | **କୋଣାର୍କ ଶାଖା, ସା: କୋଣାର୍କ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: କିଶୋର ଚନ୍ଦ୍ର ମହାରଣା, ମୋ.: ୯୭୭୮୦୩୧୬୩୮** | | |
| ୧. | ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ସା: ସାରଡା, କୋଣାର୍କ, ପୁରୀ / ୨୦୦୬୦୬୧୦୦୩୯୦୪୫ | ଟ.୨୧,୫୦୦/- + ସୁଧ ଏବଂ ଦେୟ | ୬.୪୮ |
| | **ଖଣ୍ଡଗିରି ଶାଖା, ସା: ଖଣ୍ଡଗିରି, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଯୋଗେଶ କୁମାର ପ୍ରଧାନ, ମୋ.: ୯୯୩୮୧୧୭୩୭୭** | | |
| ୧. | ମମତା ଜେନା, ସା: ପ୍ଲଟ୍ ନଂ.: ୯୮, କୋଲଥିଆ, ଭୁବନେଶ୍ୱର / ୨୫୪୨୦୬୧୦୦୨୨୧୪୬ | ଟ.୨୪,୩୦୦/- + ସୁଧ ଏବଂ ଦେୟ | ୧୮.୫୦ |
| ୨. | ଲକ୍ଷ୍ମୀପ୍ରିୟା ତାଡା, ସା: ପ୍ଲଟ୍ ନଂ.: ୧୬୦୬, ଏରୋଡ୍ରମ ଏରିଆ, ଲେନ୍-୯, ଭୁବନେଶ୍ୱର / ୨୫୪୨୦୬୧୦୦୨୦୮୭୬ | ଟ.୪୩,୬୦୦/- + ସୁଧ ଏବଂ ଦେୟ | ୧୩.୧୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରଗୁଡିକର ଯାଞ୍ଚ କରିପାରିବେ ।
୩.**ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପୈଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।**

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୪.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.36-SBP-TRD-OT-2025-26, ତା.09.10.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ମଣ୍ଡଳ ଯନ୍ତ୍ରୀ/ସାଉଥ୍ ସେକ୍ସନରେ TRR, TSR ଏବଂ CTR କାର୍ଯ୍ୟ ସମ୍ବନ୍ଧୀୟ ବଣ୍ଡିଙ୍ଗ୍ କାର୍ଯ୍ୟ।
**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 30,91,313.95, EMD (ଟଙ୍କାରେ) : 61,800/-, ଶେଷ ହେବା ଅବଧି : 08 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.31.10.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସମସ୍ତ ବିସ୍ତୃତ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-679/Q/25-26



## ପୂର୍ବ ତଟ ରେଳପଥ

ନିଲାମ କାଟଲଗ୍ ନଂ.SDCM-KUR-PSA-4W
**Seq. No.AA/1 :** ଲଟ୍ ସଂ./ବର୍ଗ : PARKING-KUR-PSA-FW-215-25-1 (ପାର୍କିଙ୍ଗ୍-ଚାରି ଚକିଆ), ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସ୍ଥାନ ପଲାସା ଠାରେ ଚାରି ଚକିଆ ଯାନ ନିମନ୍ତେ ପାର୍କିଙ୍ଗ୍ ଲଟ୍।
ଦର ୟୁନିଟ୍ : ବାର୍ଷିକ ଲାଇସେନ୍ସିଙ୍ଗ୍ ଶୁଳ୍କ, ଟ୍ରିପ୍/ଦିବସ : 1096, ଲଟ୍ ପ୍ରାରମ୍ଭ ହେବା ତାରିଖ ଓ ସମୟ : ତା.23.10.2025ରିଖ 1500 ଘଟିକା, ଲଟ୍ ସମାପ୍ତ ହେବା ତାରିଖ ଓ ସମୟ : ତା.23.10.2025ରିଖ 1530 ଘଟିକା, ସର୍ବନିମ୍ନ ବୃଦ୍ଧି (%): 0.2, ଲଟ୍ ସ୍ଥିତି : ଗ୍ରାଫ୍ କାଟଲଗରେ ନୂଆ।

ନିଲାମ କାଟଲଗ୍ ନଂ.SDCM-KUR-BYZA2W
**Seq. No.AA/1 :** ଲଟ୍ ସଂ./ବର୍ଗ : PARKING-KUR-BYZA-TW-218-25-1 (ପାର୍କିଙ୍ଗ୍-ଦୁଇ ଚକିଆ), ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ବେଗୁନିଆ ରେଳ ଷ୍ଟେସନର ପରିଚାଳନ କ୍ଷେତ୍ରରେ ଦୁଇ ଚକିଆ ଯାନ ନିମନ୍ତେ ପାର୍କିଙ୍ଗ୍ ଲଟ୍, ଏରିଆ 200 SQM.।
ଦର ୟୁନିଟ୍ : ବାର୍ଷିକ ଲାଇସେନ୍ସିଙ୍ଗ୍ ଶୁଳ୍କ, ଟ୍ରିପ୍/ଦିବସ : 1096, ଲଟ୍ ପ୍ରାରମ୍ଭ ହେବା ତାରିଖ ଓ ସମୟ : ତା.24.10.2025ରିଖ 1500 ଘଟିକା, ଲଟ୍ ସମାପ୍ତ ହେବା ତାରିଖ ଓ ସମୟ : ତା.24.10.2025ରିଖ 1530 ଘଟିକା, ସର୍ବନିମ୍ନ ବୃଦ୍ଧି (%): 0.2, ଲଟ୍ ସ୍ଥିତି : ଗ୍ରାଫ୍ କାଟଲଗରେ ନୂଆ।

ନିଲାମ କାଟଲଗ୍ ନଂ.SDCM-KUR-KASR2W
**Seq. No.AA/1 :** ଲଟ୍ ସଂ./ବର୍ଗ : PARKING-KUR-KASR-TW-217-25-1 (ପାର୍କିଙ୍ଗ୍-ଦୁଇ ଚକିଆ), ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସ୍ଥାନ କଣାସ ରୋଡ୍ ଠାରେ ଦୁଇ ଚକିଆ ଯାନ ନିମନ୍ତେ ପାର୍କିଙ୍ଗ୍ ଲଟ୍।
ଦର ୟୁନିଟ୍ : ବାର୍ଷିକ ଲାଇସେନ୍ସିଙ୍ଗ୍ ଶୁଳ୍କ, ଟ୍ରିପ୍/ଦିବସ : 1096, ଲଟ୍ ପ୍ରାରମ୍ଭ ହେବା ତାରିଖ ଓ ସମୟ : ତା.25.10.2025ରିଖ 1530 ଘଟିକା, ଲଟ୍ ସମାପ୍ତ ହେବା ତାରିଖ ଓ ସମୟ : ତା.25.10.2025ରିଖ 1600 ଘଟିକା, ସର୍ବନିମ୍ନ ବୃଦ୍ଧି (%): 0.2, ଲଟ୍ ସ୍ଥିତି : ଗ୍ରାଫ୍ କାଟଲଗରେ ନୂଆ।

ଦ୍ରଷ୍ଟବ୍ୟ : ସମ୍ପୂର୍ଣ୍ଣ ସୂଚନାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-680/Q/25-26



## IN THE COURT OF THE CIVIL JUDGE, (SENIOR DIVISION) ASKA

I.C. (Succession) Case No. 01/2024
In the matter of An application under Section 372 of Indian Succession Act.
And
In the matter of
Sulata Sahu & others ... Petitioner
Vrs.
Branch Manager, UCO Bank & another ... Respondents

**NOTICE**

Notice is hereby given to the general public at large that the Petitioners namely (1) Sulata Sahu, W/o. Dipu Sahu, (2) Rupali Sahu, (3) Shrikrishna Sahu, all are D/o. Late Prabhasini Sahu & Panchanan Sahu, resident of Village: Badagada, P.O.: Sidhanai, P.S.: Aska, Dist.: Ganjam, Sl. No. 1 now residing at Nimundia, P.O.: Paikajamuna, P.S.: Kabisuryanagar, Dist.: Ganjam, have filed the above case praying for granting of Succession Certificate jointly with the Respondent No. 2 namely Saibani Sahu, W/o. Budhiram Sahu, D/o. Late Prabhasini Sahu & Panchanan Sahu of Village: Badagada, P.O.: Bhetanai, P.S.: Aska, Dist.: Ganjam, Now residing at Village: Mamudiha, P.O.: Debabhumi, P.S.: Aska, Dist.: Ganjam, against UCO Bank, Badakholi Branch to receive the death benefit of their mother, the deceased life assured namely Prabhasini Sahu, W/o. Late Panchanan Sahu of Village: Badagada, P.S.: Aska, Dist.: Ganjam to the tune of Rs.2,00,000/- along with interest as accrued on the date of actual payment and other reliefs as the Hon'ble Court deems fit.
Anybody having any claim over the said amount or any interest therein may appear in person or through lawful attorney in this court on or before 30.10.25 at 10.30 A.M. and can have his/her say on advance claim, failing which the matter will be proceeded in accordance to law in absence of any such claim.
Given under the hand and seal of the court on this 9th day of Oct. 2025.
**Sd./- Advocate for Petitioner**
**Sd./- Civil Judge (Senior Division), Aska**



## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ(ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ **www.ireps.gov.in** ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ଯୋଗ୍ୟ ଠିକାଦାରମାନଙ୍କୁ **www.ireps.gov.in** ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍‌ରେ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫଲାଇନ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ [illegible] ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ସିଏସଜି-୨୫-୨୬-ଆର୍‌ୱାଇ୭୫୦-୨୮, ତାରିଖ: ୧୩।୧୦।୨୦୨୫ । କାର୍ଯ୍ୟର ନାମ: ସାନ୍ତ୍ରାଗାଛି କୋଚିଂ ଡିପୋଠାରେ ରିସେପ୍‌ସନ୍ ୟାର୍ଡ ଲାଇନରେ ଇଓଜି କୋଚ୍‌ଗୁଡ଼ିକ ପାଇଁ ୭୫୦ ଭୋଲ୍ଟ ଯୋଗାଣର ବ୍ୟବସ୍ଥା କରିବା। ଟେଣ୍ଡର ମୂଲ୍ୟ: ୩,୨୯,୯୭,୦୧୫.୭୨। ଇଏମ୍‌ଡି/ବିଡ୍ ଅମାନତ: ୩,୧୫,୦୦୦। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୩।୧୧।୨୦୨୫ରିଖ, ୧୧.୦୦ ଘଟିକା। ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ www.ireps.gov.inରେ ଦିଆଯାଇଛି।
(PR-720)



ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଇଇ (ଜି)/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ.-୧ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୫୬-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୩।୧୦।୨୦୨୫ । କାର୍ଯ୍ୟର ନାମ: ତିନିବର୍ଷ (୧୦୯୫ ଦିନ) ଅବଧି ପାଇଁ ଏସ୍‌ଏସ୍‌ଇଇ(ଜି)/ଟାଟାନଗର ଏବଂ ଏସ୍‌ଏସ୍‌ଇଇ(ଜି)/ସିନିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ଗଠନ, ପ୍ରକାର ଓ କ୍ଷମତାର ଏୟାର କଣ୍ଡିସନର, ୱାଟର କୁଲର ଓ ରେଫ୍ରିଜରେଟରଗୁଡ଼ିକ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା । ଟେଣ୍ଡର ମୂଲ୍ୟ: ₹୪୪,୦୭,୨୭୮.୩୦ । ଇଏମ୍‌ଡି: ₹୮୮,୨୦୦ । କ୍ର.ସଂ.-୨ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୫୭-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୩।୧୦।୨୦୨୫ । କାର୍ଯ୍ୟର ନାମ: ଏଡିଇଏସ୍‌ଏସ୍ ଅଧୀନରେ ଚକ୍ରଧରପୁର ମଣ୍ଡଳରେ ୧୩ ଗୋଟି ଏସ୍କାଲେଟରର ବ୍ୟବସ୍ଥା ନିମନ୍ତେ ସମ୍ବନ୍ଧିତ ବୈଦ୍ୟୁତିକ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୯୧,୨୦,୩୦୪.୩୫ । ଇଏମ୍‌ଡି: ₹୧,୮୨,୪୦୦ । କ୍ର.ସଂ.-୩ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୫୮-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୩।୧୦।୨୦୨୫ । କାର୍ଯ୍ୟର ନାମ: ବଲାଣିଖାଦାନଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନତୀକରଣ/ଆଧୁନିକୀକରଣ । ଟେଣ୍ଡର ମୂଲ୍ୟ: ₹୨୩,୫୪,୬୯୩.୧୫ । ଇଏମ୍‌ଡି: ₹୪୭,୧୦୦ । କ୍ର.ସଂ.-୪ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୬୨-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୩।୧୦।୨୦୨୫ । କାର୍ଯ୍ୟର ନାମ: ବିମଳଗଡ଼ଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନତୀକରଣ/ଆଧୁନିକୀକରଣ । ଟେଣ୍ଡର ମୂଲ୍ୟ: ₹୧୮,୨୮,୧୪୧.୧୧ । ଇଏମ୍‌ଡି: ₹୩୬,୬୦୦ । କ୍ର.ସଂ.-୫ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୬୧-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୩।୧୦।୨୦୨୫ । କାର୍ଯ୍ୟର ନାମ: ବଡ଼ଜାମଦାଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନତୀକରଣ/ଆଧୁନିକୀକରଣ । ଟେଣ୍ଡର ମୂଲ୍ୟ: ₹୫୧,୫୬,୫୦୧.୦୮ । ଇଏମ୍‌ଡି: ₹୧,୦୩,୧୦୦। କ୍ର.ସଂ.-୬ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୬୩-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୩।୧୦।୨୦୨୫ । କାର୍ଯ୍ୟର ନାମ: ଚକ୍ରଧରପୁର ମଣ୍ଡଳର ବିଭିନ୍ନ ଷ୍ଟେଶନରେ ୬୫୦ ଗୋଟି (୪୩୫ ଗୋଟି) ବିଭିନ୍ନ ପ୍ରକାର ଷ୍ଟାଫ୍ କ୍ୱାର୍ଟରରେ ରିୱାରିଂ । ଟେଣ୍ଡର ମୂଲ୍ୟ: ₹୨,୬୯,୮୯,୨୯୨.୦୫ । ଇଏମ୍‌ଡି: ₹୨,୮୫,୦୦୦। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ୍ୟ (କ୍ର.ସଂ. ୧ରୁ ୫ ପାଇଁ ପ୍ରତ୍ୟେକ) । ବନ୍ଦ ହେବା/ଖୋଲାଯିବା ତାରିଖ: ତା୦୪।୧୧।୨୦୨୫ରିଖ ୧୫.୦୦ ଘଟିକା (କ୍ର.ସଂ. ୧ରୁ ୫ ପାଇଁ ପ୍ରତ୍ୟେକ) ଏବଂ ତା୧୭।୧୧।୨୦୨୫ରିଖ ୧୫.୦୦ ଘଟିକା (କ୍ର.ସଂ. ୬ ପାଇଁ) । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବ ଜରୁରୀ। (PR-721)



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Commission Agents, both sex for Hotel Room and Cottage Booking, commission at 10 to 20 percent on booking charge. Contact - 9861129953.

**WANTED**
ADD THE NEW WINGS TO YOUR CAREER
India Most Trusted Company is looking prof. M/F for Team Leader and Part Time Emp in Bhubaneswar and Cuttack. (Need Ex. Bankers, Retired and VRS Emp, Professional Housewife, Real Estate Employee, Mutual fund and Insurance Advisor, Corp Employees and other Business People are Welcome).
9866320431, 9776868008.

See Career Appointment on every Wednesday & Saturday

**WANTED**
Wanted Girls Age 18 to 25 years for
TAKEAWAY RESTAURANT
Packaging Unit & Home Nursing.
Salary Rs.8000/- to Rs.10,000/-
Bhubaneswar.
Contact : 6370061224

**MINARVA ENTERPRISES**
Leading Water & Wastewater Treatment Company
URGENT HIRING – GROW WITH US ! For Odisha
**Sales Manager (1 Post) :** Responsible for client acquisition, business development & sales strategy.
**Experience:** 3–5 years in industrial / water treatment sales.
**Sales Executives (5 Posts) :** Support marketing, attend client meetings & generate new leads.
**Experience:** 0–3 years, freshers with technical/marketing background may apply.
**Service Engineer (1 Post) :** Installation, commissioning, operation & maintenance of water treatment plants (RO, STP, ETP). **Experience:** 2–3 years (preferred in water industry).
**Attractive salary + incentives + career growth**
**Send resume to below Mail ID:**
Email: minarvasales@mahachemsystem.com
Call / WhatsApp: 7770061602



## ସାମାଜିକ ଦାୟିତ୍ୱ ପରିଷଦ (ଏସ୍‌ଆର୍‌ସି)

୧୧୪, ୧ମ ମହଲା, ପ୍ରତାପ ଭବନ, ୫ ବିଏସ୍‌ଜେଡ୍ ମାର୍ଗ, ନୂଆଦିଲ୍ଲୀ-୧୧୦୦୦୨
ସନ୍ଦର୍ଭ ସଂ.: ଏନ୍‌ଏସ୍‌ଟିଏଫ୍‌ଡିସି/ସିଏସ୍‌ଆର୍-ଇଏମ୍‌ଆର୍‌ଏସ୍ ମଲ୍ଟିପଲ୍ ପ୍ରୋଜେକ୍ଟ-ଟି୨/୨୦୨୫-୨୬ ତାରିଖ: ୧୫।୧୦।୨୦୨୫

**ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍‌ଆର୍‌ଏସ୍) ଗୁଡ଼ିକରେ ଏକାଧିକ ସିଏସ୍‌ଆର୍ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଭେଣ୍ଡରମାନଙ୍କ ଚୟନ ନିମନ୍ତେ ପ୍ରସ୍ତାବ ଆମନ୍ତ୍ରଣ ବିଜ୍ଞପ୍ତି**

ଟେଣ୍ଡର ଦସ୍ତାବିଜ ତା୧୫।୧୦।୨୦୨୫ରିଖଠାରୁ ସାମାଜିକ ଦାୟିତ୍ୱ ପରିଷଦ (ଏସ୍‌ଆର୍‌ସି)ଙ୍କ ଆନୁଷ୍ଠାନିକ ୱେବସାଇଟ୍ **www.srcouncil.in** ରେ ଉପଲବ୍ଧ ହେବ। ଆଗ୍ରହୀ ଆବେଦନକାରୀଙ୍କୁ ଏସ୍‌ଆର୍‌ସି ୱେବସାଇଟ୍ **www.srcouncil.in** ରୁ ଟେଣ୍ଡର ଦସ୍ତାବିଜ ଡାଉନଲୋଡ୍ କରିବାକୁ ହେବ ଏବଂ ସେମାନଙ୍କର ପ୍ରସ୍ତାବଗୁଡ଼ିକୁ **ତା୩୦।୧୦।୨୦୨୫ରିଖ, ୧୧.୦୦ ଘଟିକା (ଆଇଏସ୍‌ଟି)** କିମ୍ବା ତାହା ପୂର୍ବ ସୁଦ୍ଧା କେବଳ ଇମେଲ୍ ଜରିଆରେ **pro@srcouncil.in** ରେ ଦାଖଲ କରିବାକୁ ହେବ। ବୈଷୟିକ ବିଡ଼ଗୁଡ଼ିକୁ **ତା୩୦।୧୦।୨୦୨୫ରିଖ, ୧୭.୦୦ ଘଟିକା (ଆଇଏସ୍‌ଟି)** ରେ ଖୋଲାଯିବ। କୌଣସି କାରଣ ନ ଦର୍ଶାଇ ଯେକୌଣସି ପର୍ଯ୍ୟାୟରେ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ନାକଚ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ।
**ଦ୍ରଷ୍ଟବ୍ୟ: ପ୍ରତ୍ୟେକ ବର୍ଗ ପାଇଁ ପୃଥକ୍ ବିଡ଼ ଦାଖଲ କରାଯିବାକୁ ପଡ଼ିବ।**
ପିଆର୍‌ଓ-ଏସ୍‌ଆର୍‌ସି



## OFFICE OF THE EXECUTIVE ENGINEER
National Highway Division,
RCD, Deoghar
Circular Road, Near D.C. Residence,
Deoghar, Jharkhand (814112)
E-mail ID : eenhdeoghar@gmail.com

**Corrigendum**

Tender Ref. No. NH/DEOGHAR /STMC/01/2025-26 Dated. 09.10.2025, which was published in daily newspaper [PR No. 364032 (Deoghar)25-26(D)] the following corrigendum has been made.

| Sl. No. | Section | Length (km) | Estimated Cost (Rs. Lakhs) | Bid Security (Rs. Lakhs) | Contract Duration *(months) |
|---|---|---|---|---|---|
| 1. | STMC Work from Km 65.500 to Km 87.475(excluding 84.950 km to 85.785 Km) of NH-114A for the year 2025-26 | 21.14 Km | 388.50 (Excluding GST) | 3.89 | 12 months |

Executive Engineer
NH Division, Deoghar
PR 364122 (Deoghar)25-26*D



## OFFICE OF THE DISTRICT EDUCATION OFFICER, ANGUL, ODISHA

Phone & Fax: 06769......................., E-mail: deoangul02@gmail.com
Notice No.: 8600/MDM/2025 Date: 14.10.2025

### OPEN TENDER CALL NOTICE

Sealed tenders are invited from the reputed & credible firms/agencies for transportation of food stuff from go-down to beneficiary point under MDM programme of Angul district in two bid systems (Technical & Financial Bid) as detailed below.

| Name of the Tender | Bid Processing Fees | Amount of EMD | Last date & time of receipt of Bid | Date & time of Opening of Technical Bid |
|---|---|---|---|---|
| Transportation of Food Stuff (MDM) within 5000 MT per year | Rs.15,000/- (Fifteen Thousand only) | Rs.2,50,000/- (Two lakh fifty thousand) | 13.11.2025 04.00 P.M. | 14.11.2025 11.00 A.M. |

The detailed BID document is available in the website **https://angul.odisha.gov.in** interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.
By the order of the Collector-cum-Chairman
**Sd./- District Education Officer-cum-District Nodal Officer (MDM), Angul**

## ପ୍ରଥମ ପୃଷ୍ଠାରୁ

### ଦେଶର ୧୦୦...

ଜୁଲାଇ ମଧ୍ୟରେ ସୁନ୍ଦରଗଡ଼ରେ ୫୩୬ଟି ଦୁର୍ଘଟଣା ଘଟିଥିବା ବେଳେ ୩୦୨ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୨୫ ଜାନୁଆରୀରୁ ଜୁଲାଇ ମଧ୍ୟରେ ସୁନ୍ଦରଗଡ଼ରେ ମୋଟ୍ ୪୯୯ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୩୧୯ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଗଞ୍ଜାମ ଜିଲାରେ ୨୦୨୪ ଜାନୁଆରୀରୁ ଜୁଲାଇ ମଧ୍ୟରେ ୪୯୧ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୨୩୩ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୫ ଜାନୁଆରୀରୁ ଜୁଲାଇ ମଧ୍ୟରେ ଗଞ୍ଜାମରେ ୫୫୪ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୨୮୬ ଜଣଙ୍କ ମୃତ୍ୟୁଘଟିଛି। ୨୦୨୪ ଜାନୁଆରୀରୁ ଜୁଲାଇ ମଧ୍ୟରେ ଗଞ୍ଜାମ ଜିଲାରେ ଘଟିଥିବା ଘଟଣା ସହ ୨୦୨୫ର ଏହି ସମୟ ମଧ୍ୟରେ ଘଟିଥିବା ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାକୁ ତୁଳନାକଲେ ଏଥିରେ ୬ ପ୍ରତିଶତ ବୃଦ୍ଧି ଘଟିଛି।

ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସେଭ୍ ଲାଇଫ୍ ଫାଉଣ୍ଡେଶନ ନାମକ ଏକ ଏନ୍‌ଜିଓକୁ ଦୁର୍ଘଟଣାପ୍ରବଣ ଜିଲା ଭାବେ ଦେଶରେ ଚିହ୍ନଟ ହୋଇଥିବା ୧୦୦ ଜିଲାରେ ସଡ଼କ ଦୁର୍ଘଟଣା ନିରାକରଣ ପରାମର୍ଶଦାତାଭାବେ ଚୟନ କରିଛି। ଉକ୍ତ ୧୦୦ ଜିଲାରେ କିପରି ଦୁର୍ଘଟଣା ହ୍ରାସ ଘଟିବ ସେଥିଲାଗି ଏହି ଏନ୍‌ଜିଓ ସଂସ୍ଥା କାର୍ଯ୍ୟ କରିବ। ସେହି କ୍ରମରେ ଓଡ଼ିଶାର ସୁନ୍ଦରଗଡ଼ ଏବଂ ଗଞ୍ଜାମ ଜିଲାରେ ଦୁର୍ଘଟଣା ହ୍ରାସ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ପାଇଁ ଗତ ମାସ ୨୫ ତାରିଖରେ ସେଭ୍ ଲାଇଫ୍ ଫାଉଣ୍ଡେଶନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ସେଭ୍ ଲାଇଫ୍ ଫାଉଣ୍ଡେଶନ ଏହି ୨ ଜିଲାର ସମସ୍ତ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅକ୍ଟୋବର ଶେଷ ସୁଦ୍ଧା ଟ୍ରେନିଂ ଦେବେ ଏବଂ ପ୍ରଶିକ୍ଷଣ ପରେ ନିଆଯାଉଥିବା ସମସ୍ତ କାର୍ଯ୍ୟକୁ ମନିଟରିଂକରି ସଡ଼କ ଦୁର୍ଘଟଣା କିପରି ହ୍ରାସ କରାଯାଇପାରିବ ସେ ସମ୍ବନ୍ଧରେ ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି।

### ଡିସେମ୍ବର ୨୨ରୁ...

ତେବେ ସେମାନେ ଦ୍ୱିତୀୟ ସ୍ଲଟରେ ପରୀକ୍ଷା ଦେଇପାରିବେ। ପ୍ରଥମ ସ୍ଲଟ୍‌ର ପରୀକ୍ଷା ଡିସେମ୍ବର ୨୨ରୁ ୩୧ ପର୍ଯ୍ୟନ୍ତ ରହିଥିବାବେଳେ ଦ୍ୱିତୀୟ ସ୍ଲଟ୍ ପରୀକ୍ଷା ଜାନୁଆରୀ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବ। ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଇଣ୍ଟରନାଲ ଆସେସମେଣ୍ଟ ପରୀକ୍ଷା ହେବ। ସେହିପରି ପ୍ରୋଜେକ୍ଟ ମୂଲ୍ୟାଙ୍କନ ଓ ମୌଖିକ ପରୀକ୍ଷା ୩୧ ତାରିଖ ସୁଦ୍ଧା ସରିବ। ଅନୁରୂପ ଭାବେ ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ଏକ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଆସନ୍ତା ୨୦୨୬ରେ ହେବାକୁ ଥିବା ଯୁକ୍ତ୨ ପରୀକ୍ଷା ପାଇଁ ଫର୍ମପୂରଣ ୨୦ ତାରିଖରୁ ଆରମ୍ଭ ହେବ। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମର ଉଭୟ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷାର୍ଥୀମାନେ ଫର୍ମ ପୂରଣ କରିବେ। ରେଗୁଲାର ପରୀକ୍ଷାର୍ଥୀମାନେ ଅକ୍ଟୋବର ୨୦ରୁ ନଭେମ୍ବର ୬ ପର୍ଯ୍ୟନ୍ତ ଫର୍ମ ପୂରଣ କରିପାରିବେ। ସେହିପରି ଏକ୍ସ-ରେଗୁଲାର ଫର୍ମ ପୂରଣ ପାଇଁ ଅକ୍ଟୋବର ୧୩ରୁ ୨୫ ତାରିଖ ଧାର୍ଯ୍ୟ କରାଯାଇଛି। ଯୁକ୍ତ୨ ମୁଖ୍ୟ ପରୀକ୍ଷା ଫେବୃଆରୀରୁ ଆରମ୍ଭ ହୋଇ ମାର୍ଚ୍ଚରେ ଶେଷ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପକ୍ଷରୁ ସୂଚନା ମିଳିଛି।

## ଇ-କେୱାଇସି କରି ନ ଥିଲେ ନଭେମ୍ବରରୁ ଚାଉଳ ମିଳିବନି: ମନ୍ତ୍ରୀ

ଭୁବନେଶ୍ୱର,୧୪।୧୦(ସୁନିତ୍ ମିଶ୍ର)

ଇ-କେୱାଇସି ପାଇଁ ସରକାର ଦେଇଥିବା ଡେଡ୍‌ଲାଇନ ସରିଯାଇଛି। ଯେଉଁମାନେ ଇ-କେୱାଇସି କରି ନାହାନ୍ତି ସେମାନଙ୍କ ରାଶନ କାର୍ଡ ଆଉ କାମ ଦେବନାହିଁ। ସେମାନଙ୍କୁ ମିଳୁଥିବା ମାଗଣା ଚାଉଳ ମଧ ଆଉ ମିଳିବ ନାହିଁ। ଏପର୍ଯ୍ୟନ୍ତ ଇ-କେୱାଇସି କରି ନ ଥିବା ଲୋକ ମାଗଣା ଚାଉଳ ପାଉଛନ୍ତି। ସେମାନଙ୍କୁ ରାଶନ କାର୍ଡ ତାଲିକାରୁ ମଧ ବାଦ୍ କରଦିଆଯିବ। ଆସନ୍ତା ମାସରୁ ହିଁ ସେମାନଙ୍କୁ ଚାଉଳ କିମ୍ବା ଅନ୍ୟାନ୍ୟ ରାଶନ ସାମଗ୍ରୀ ମିଳିବନାହିଁ ବୋଲି ମଙ୍ଗଳବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ମନ୍ତ୍ରୀ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏବେ ବି ରାଜ୍ୟର ୧୫ ଲକ୍ଷ ୬୭ ହଜାର ହିତାଧିକାରୀ ଇ-କେୱାଇସି କରିନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ଏସ୍‌ଆଇଆର୍ ସମ୍ପର୍କିତ ବୈଠକ କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

### ବିଭ୍ରାନ୍ତିକର ସୂଚନାର ମୁକାବିଲା ପାଇଁ ସବୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ପରାମର୍ଶ

ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)

ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) ସମ୍ପର୍କିତ ଆଭାସି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସାହୁ, ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ସବୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋଗଦେଇଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନର ମହତ ଉଦ୍ଦେଶ୍ୟ ଓ ସମୟୋଚିତ ଆବଶ୍ୟକତା, ମତଦାତାଙ୍କ ଯୋଗ୍ୟତା, ବିଭ୍ରାନ୍ତିକର ସୂଚନାର ମୁକାବିଲା ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ବିଶଦ ସୂଚନା ଦେଇଥିଲେ। ଏହାସହ ତୃଣମୂଳସ୍ତରରେ ଜନସାଧାରଣଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଥିଲେ। ଅନେକ ବର୍ଷ ଧରି ନିଷ୍ପକ୍ଷ ଓ ନିରପେକ୍ଷ ଭାବେ କାର୍ଯ୍ୟକରି ନିର୍ବାଚନ ଆୟୋଗ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସମ୍ମାନ ପ୍ରତିଷ୍ଠା କରିପାରିଛନ୍ତି। ସେହି ସମ୍ମାନ ଅକ୍ଷୁଣ୍ଣ ରଖିବାକୁ ହେଲେ ଭ୍ରମାତ୍ମକ ତଥା ବିଭ୍ରାନ୍ତକାରୀ ସୂଚନାର ଠିକ୍ ମୁକାବିଲା କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଭୋଟର ତାଲିକାରୁ ଜଣେ ବି ଯୋଗ୍ୟ ମତଦାତାଙ୍କ ନାମ ନ କଟିବା ଏବଂ ଜଣେ ହେଲେ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ସଂଯୁକ୍ତ ନ ହେବା ଉପରେ ଭାରତ ନିର୍ବାଚନ ଆୟୋଗ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସେହି ଅବଲୋକନରେ ଓଡ଼ିଶାରେ ସମସ୍ତ କାର୍ଯ୍ୟ କରାଯାଉଛି ବୋଲି ଗୋପାଳନ ଉଲ୍ଲେଖ କରିଛନ୍ତି। ଉପମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ସବିଶେଷ ତଥ୍ୟ ପିପିଟି ମାଧ୍ୟମରେ ଅଧିକାରୀମାନଙ୍କୁ ଅବଗତ କରାଇଛନ୍ତି। ଏହାସହ ବିହାର ନିର୍ବାଚନ ପରିପ୍ରେକ୍ଷୀରେ ଭାରତ ନିର୍ବାଚନ କମିଶନ ନେଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି।

## ୩୧ରୁ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳିବ ଭାଜପା

ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)

- ପ୍ରଥମ ପର୍ଯ୍ୟାୟରେ ୬୩ ସ୍ଥାନରେ ଏକତା ପଦଯାତ୍ରା
- ୨ୟ ପର୍ଯ୍ୟାୟରେ ୩୦ ଜିଲାରୁ ୧୫୦ ଜଣଙ୍କୁ ବଲ୍ଲଭଭାଇଙ୍କ ଜନ୍ମସ୍ଥାନକୁ ପଠାଯିବ
- ୩ୟ ପର୍ଯ୍ୟାୟରେ କେଭଡିଆ ଯାଏଁ ୧୫୦ କି.ମି. ପଦଯାତ୍ରା

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୫୧୬ ରାଜାଙ୍କ ଦ୍ୱାରା ଶାସିତ ରାଜ୍ୟକୁ ଭାରତବର୍ଷରେ ମିଶାଇ ବିରାଟ ଦେଶ ଗଠନର ପ୍ରମୁଖ ବିନ୍ଧାଣି ସାଜିଥିଲେ। ଦେଶ ପ୍ରତି ତାଙ୍କ ଅବଦାନ ଚିରସ୍ମରଣୀୟ। ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଏକତା, ଦେଶପ୍ରେମ ଓ ନାଗରିକ କର୍ତ୍ତବ୍ୟ ଭାବନାକୁ ଜାଗ୍ରତ କରିବା ଲାଗି ତାଙ୍କ ୧୫୦ତମ ଜୟନ୍ତୀ ଆସନ୍ତା ୩୧ରୁ ଡିସେମ୍ବର ୬ ପର୍ଯ୍ୟନ୍ତ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିବେ ବୋଲି ଦଳର ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ୩ଟି ପର୍ଯ୍ୟାୟରେ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟ ଆସନ୍ତା ୩୧ରୁ ନଭେମ୍ବର ୨୫ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ପ୍ରତି ସଂସଦୀୟ କ୍ଷେତ୍ରରେ ୩ଦିନ ଧରି ସର୍ଦ୍ଦାର @୧୫୦ ଏକତା ପଦଯାତ୍ରା ଆୟୋଜନ ହେବ। ପ୍ରତିଦିନ ଏହି ପଦଯାତ୍ରା ୮ରୁ ୧୦ କି.ମି. ପର୍ଯ୍ୟନ୍ତ ଚାଲିବ। ଏଭଳି ରାଜ୍ୟରେ ପ୍ରାୟ ୬୩ଟି ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ ହେବ। ୨ୟ ପର୍ଯ୍ୟାୟ ନଭେମ୍ବର ୨୬ରୁ ଡିସେମ୍ବର ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତି ଜିଲାର କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ୫ ଜଣ ଲେଖାଏଁଙ୍କୁ ଚୟନକରି ୩୦ ଜିଲାରୁ ୧୫୦ ଜଣଙ୍କୁ ବସ୍ ଯୋଗେ ସର୍ଦ୍ଦାର ବଲ୍ଲଭଭାଇଙ୍କ ଜନ୍ମସ୍ଥାନ ଗୁଜରାଟର କରମସଦକୁ ପଠାଯିବ। ୩ୟ ପର୍ଯ୍ୟାୟରେ କରମସଦଠାରୁ କେଭଡିଆସ୍ଥିତ ସର୍ଦ୍ଦାର ବଲ୍ଲଭଭାଇଙ୍କ ବିରାଟ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ୧୫୦ କି.ମି. ପଦଯାତ୍ରା ଅନୁଷ୍ଠିତ ହେଇ ସେଠାରେ ଏହି କାର୍ଯ୍ୟକ୍ରମ ସମାପନ କରାଯିବ ବୋଲି ଗୋଲକ କହିଛନ୍ତି।


## ଅଧିକ ୧୦ ବିଭାଗ ପାଇଁ ସୃଷ୍ଟିହେଲା ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ୍

ଭୁବନେଶ୍ୱର,୧୪।୧୦(ସୁନିତ୍ ମିଶ୍ର)

ଓଡ଼ିଶା ସଚିବାଳୟର ୨୮ଟି ପ୍ରଶାସନିକ ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ କାର୍ଯ୍ୟ କରୁଛି। ଏହା ସାଧାରଣ ଲୋକଙ୍କ ଅର୍ଥକୁ ସୁରକ୍ଷା ଦେବା ଲାଗି କାର୍ଯ୍ୟକରେ। ରାଜ୍ୟ ମଧ୍ୟରେ ଟଙ୍କାର ଅପବ୍ୟବହାର ଓ ଆତ୍ମସାତ୍ ସମେତ ଆର୍ଥିକ ଅନିୟମିତତା ରିପୋର୍ଟ ପ୍ରଦାନ କରିଥାଏ। ସମାନତା, ବୃତ୍ତିଗତ ତଦାରଖ ଏବଂ ସାଧାରଣ ଖର୍ଚ୍ଚର ତଦାରଖ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆଭ୍ୟନ୍ତରୀଣ ଅଡିଟ୍ କର୍ମଚାରୀଙ୍କୁ ଅର୍ଥ ବିଭାଗ ଅଧୀନରେ କେନ୍ଦ୍ରୀଭୂତ କରାଯାଇଛି। ବର୍ତ୍ତମାନର ସରକାର ଆହୁରି ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରିଛନ୍ତି। ରାଜ୍ୟର ଆଭ୍ୟନ୍ତରୀଣ ଅଡିଟ୍ ସୁଦୃଢ଼ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ। ଅର୍ଥ ବିଭାଗ ଗତ ୯ ତାରିଖରେ ୨୮ଟି ବିଭାଗରେ ବର୍ତ୍ତମାନର ମଞ୍ଜୁରୀପ୍ରାପ୍ତ ୫୧୦ ଜଣଙ୍କ ସଂଖ୍ୟାକୁ ଯୁକ୍ତିଯୁକ୍ତ ଭାବେ ବିଭକ୍ତକରି ୮୫ ଜଣ ଅଡିଟ୍ କର୍ମଚାରୀଙ୍କ ସମେତ ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରିଛି। ନୂତନ ଆଭ୍ୟନ୍ତରୀଣ ଅଡିଟ୍‌ୱିଙ୍ଗଗୁଡ଼ିକ ନିରନ୍ତର ସମୀକ୍ଷା ଓ ଅନୁପାଳନ ଯାଞ୍ଚ ମାଧ୍ୟମରେ ଆର୍ଥିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ଶୀଘ୍ର ବିପଦ ଚିହ୍ନଟ କରିବା ଏବଂ ଅଡିଟ୍ ଆପତ୍ତି ହ୍ରାସ କରିବାରେ ସାହାଯ୍ୟ କରିବ। ଯେଉଁ ୧୦ଟି ଅଧିକ ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ୍ ସୃଷ୍ଟି କରାଯାଇଛି ସେଗୁଡ଼ିକ ଜଳ ସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଶକ୍ତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ, ଶିଳ୍ପ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗ। ସରକାରଙ୍କ ଏହି ପଦକ୍ଷେପ ସହ ଆଭ୍ୟନ୍ତରୀଣ ଅଡିଟ୍ ଏବେଠାରୁ ୩୮ଟି ବିଭାଗରେ କାର୍ଯ୍ୟ କରିବ।

## ମା'ର ବୟସ ଗର୍ଭପାତ ଆଶଙ୍କାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣାୟକ

### ବିଶ୍ୱ ଗର୍ଭଧାରଣ ଓ ଶିଶୁମୃତ୍ୟୁ ସ୍ମରଣୀୟ ଦିବସ




ପ୍ରତିବର୍ଷ ଅକ୍ଟୋବର ୧୫ରେ ଗର୍ଭଧାରଣ ଓ ଶିଶୁମୃତ୍ୟୁ ସ୍ମରଣୀୟ ଦିବସ ପାଳନ କରାଯାଉଛି। ଏହି ଦିନରେ ସ୍ଥାନୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ସଂଗଠନ ଏକାଠି ହୋଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରନ୍ତି, ଯଦ୍ୱାରା ଦୁର୍ଭାଗ୍ୟଜନକ ଶିଶୁମୃତ୍ୟୁର ସଂଖ୍ୟା ହ୍ରାସରେ ସାହାଯ୍ୟ କରିପାରୁଥିବା ଦୀର୍ଘକାଳୀନ ଜ୍ଞାନ ଆଧାରରେ ଶିକ୍ଷା ଏବଂ ପ୍ରତିଷେଧକ ପ୍ରୟାସକୁ ଉନ୍ନତ କରିବା ପାଇଁ ସଚେତନତା ସୃଷ୍ଟି କରିଥାଏ। ଏ ସମ୍ପର୍କରେ ବରିଷ୍ଠ ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞା ଡା. ସରୋଜିନୀ ଷଡ଼ଙ୍ଗୀ କୁହନ୍ତି- ବିଭିନ୍ନ ଦେଶରେ ଗର୍ଭନଷ୍ଟ ଭିନ୍ନ ଭାବରେ ବ୍ୟାଖ୍ୟା କରାଯାଇଛି। ତଥାପି ୨୮ ସପ୍ତାହର ଗର୍ଭଧାରଣ ପୂର୍ବରୁ ମୃତ୍ୟୁବରଣ କରୁଥିବା ଏକ ଶିଶୁକୁ ସାଧାରଣତଃ ଗର୍ଭପାତ କୁହାଯାଏ। ୨୮ ସପ୍ତାହ କିମ୍ବା ତା' ପରେ ମୃତ୍ୟୁବରଣ କରୁଥିବା ଶିଶୁକୁ ମୃତଶିଶୁ ଜନ୍ମ କୁହାଯାଏ। ଭ୍ରୂଣରେ ଅସ୍ୱାଭାବିକତା ମା'ର ବୟସ ଏବଂ ସଂକ୍ରମଣ ସମେତ ବିଭିନ୍ନ କାରଣରୁ ଗର୍ଭପାତ ହୋଇପାରେ, ଯେଉଁଥିରୁ ଅନେକ ଗର୍ଭ ନଷ୍ଟକୁ ପ୍ରତିରୋଧ କରାଯାଇପାରିବ। ତଥାପି ନିର୍ଦ୍ଦିଷ୍ଟ କାରଣ ଚିହ୍ନଟ କରିବା ବେଳେବେଳେ କଷ୍ଟକର ହୋଇଥାଏ। ଏମିତିକି କିଛି କାରଣ ନଥାଇ ମଧ ଗର୍ଭନଷ୍ଟ ହୋଇଥାଏ। ଅପରପକ୍ଷେ ସବୁ ବୟସର ମହିଳାଙ୍କର ମୃତଶିଶୁ ଜନ୍ମ ହେବାର ଆଶଙ୍କାଥାଏ। ମା'ର ବୟସ ହେଉଛି ଗର୍ଭପାତ ଆଶଙ୍କାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣାୟକ। ଶିଶୁର ପ୍ରାପ୍ତି ଆମ ଜୀବନରେ ଯେତିକି ଆନନ୍ଦ ଭରି ଦେଇଥାଏ, ଗର୍ଭରେ ଶିଶୁଟିର ମୃତ୍ୟୁ ବା' ଗର୍ଭନଷ୍ଟ ତତୋଽଧିକ ଯନ୍ତ୍ରଣା ଦେଇଥାଏ। ତେବେ ଏହି ଦିବସକୁ ସ୍ମରଣ କରିବା ପାଇଁ ସାରା ବିଶ୍ୱର ସବୁ ସ୍ଥାନରେ ଅକ୍ଟୋବର ୧୫ ସନ୍ଧ୍ୟା ୭ଟାରେ ମହମହବତି ପ୍ରଜ୍ୱଳନ କରାଯାଇଥାଏ।

## ଆଜି 'ବିଶ୍ୱ ହାତଧୁଆ ଦିବସ'



ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛତା ଜରୁରୀ। ସ୍ୱଚ୍ଛତା ମଧ୍ୟରେ ଖାଇବା ପୂର୍ବରୁ ହାତ ଧୋଇବା ଅବା ବାହାରୁ ଘରକୁ ଗଲେ କିମ୍ବା ନବଜାତକମାନଙ୍କୁ ଧରିବା ପୂର୍ବରୁ ହାତକୁ ଭଲଭାବେ ଧୋଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହାତ ଧୋଇବାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ୧୫ରେ 'ବିଶ୍ୱ ହାତଧୁଆ ଦିବସ' ପାଳନ କରାଯାଇଆସୁଛି। ଲୋକଙ୍କୁ ହାତ ଧୋଇବା ଅଭ୍ୟାସରେ ଉନ୍ନତି ଆଣିବା ପାଇଁ ଏହି ଦିବସ ଉତ୍ସାହିତ କରିଥାଏ। ରୋଗ ନିରାକରଣରେ ଏକ ପ୍ରମୁଖ କାରଣ ଭାବେ ସାବୁନ ସହିତ ହାତ ଧୋଇବା ବିଷୟରେ ସଚେତନତା ସୃଷ୍ଟି ପାଇଁ ଏହି ବିଶ୍ୱସ୍ତରୀୟ ଅଭିଯାନ ଉତ୍ସର୍ଗୀକୃତ।

୨୦୦୮ରେ ଗ୍ଲୋବାଲ ହ୍ୟାଣ୍ଡ ୱାଶିଂ ପାର୍ଟନରଶିପ୍ (ଜିଏଚ୍‌ପି) ଏହି ଦିବସ ଆରମ୍ଭ କରିଥିଲା। ସଂଯୁକ୍ତରାଷ୍ଟ୍ର ଏହି ଦିବସର ନେତୃତ୍ୱ ନେବା ସହିତ ଆନ୍ତଃରାଷ୍ଟ୍ରୀୟ ସ୍ୱଚ୍ଛତା ବର୍ଷ ରୂପେ ଅକ୍ଟୋବର ୧୫କୁ 'ବିଶ୍ୱ ହାତଧୁଆ ଦିବସ' ଭାବେ ପାଳନ ଆରମ୍ଭ କରିଥିଲା। ବର୍ତ୍ତମାନ ଏହି ଦିବସ ଏକ ଆନ୍ଦୋଳନର ରୂପ ନେବା ସହିତ ୧୦୦ରୁ ଊର୍ଦ୍ଧ୍ୱ ଦେଶର ସରକାର, ସ୍କୁଲ ଏବଂ ବେସରକାରୀ ସଂଗଠନ ଦ୍ୱାରା ପାଳନ କରାଯାଉଛି।

-ରିପୋର୍ଟ: **ବନ୍ଦନା ସେଠୀ**

## ଖେଳ ଖବର

## ମହିଳାରେ ଚାଇନା-ଜାପାନ ଫାଇନାଲ





ଦ୍ୱିତୀୟ ସେମିଫାଇନାଲରେ ଚାଇନା ଓ ଦକ୍ଷିଣ କୋରିଆ ଖେଳାଳିଙ୍କ ମଧ୍ୟରେ ମୁକାବିଲା।

ଭୁବନେଶ୍ୱର, ୧୪।୧୦(ତପନ ସ୍ୱାଇଁ)

### ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଟିଏଫ୍-ଏଟିଟିୟୁ ୨୮ତମ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍‌ର ମହିଳା ବିଭାଗ ଫାଇନାଲ ଚାଇନା ଓ ଜାପାନ ମଧ୍ୟରେ ଅନୁଷ୍ଠିତ ହେବ। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଜାପାନ ୩-୦ରେ ସିଙ୍ଗାପୁରକୁ ହରାଇ ଦେଇଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଚାଇନା ୩-୦ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଚାଇନା ଓ ଜାପାନ ମଧ୍ୟରେ ଫାଇନାଲ ବୁଧବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ। ଭାରତୀୟ ମହିଳା ଦଳ ୫ରୁ ୮ମ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଉତ୍ତର କୋରିଆ ନିକଟରୁ ୧-୩ରେ ହାରିଯାଇଛି। ପ୍ରଥମ ୨ଟି ମ୍ୟାଚ୍‌ରେ ଦିୟା ଚିତଲେ ଓ ମନିକା ବାତ୍ରା ହାରି ଯାଇଥିବାବେଳେ ତୃତୀୟ ମ୍ୟାଚରେ ଯଶସ୍ୱିନୀ ଘରପୋରେ ୩-୨ରେ ବିଜୟ ହାସଲ କରିଥିଲେ। ମାତ୍ର ୪ର୍ଥ ମ୍ୟାଚ୍‌ରେ ମନିକା ବାତ୍ରା ୱାକ୍‌ଓଭର ଦେବାରୁ ଉତ୍ତର କୋରିଆ ବିଜୟ ହାସଲ କରିଥିଲା। ଅନ୍ୟ ଏକ ୫-୮ ପ୍ଲେସିଂ ମ୍ୟାଚ୍‌ରେ ଥାଇଲାଣ୍ଡ ୩-୨ରେ ହଂକଂକୁ ହରାଇ ଦେଇଛି। ୧୫-୧୬ ପୋଜିଶନ ମ୍ୟାଚ୍‌ରେ ମଙ୍ଗୋଲିଆ ୩-୦ରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି।

### ଫାଇନାଲରେ ହଂକଂ

ପୁରୁଷ ବିଭାଗ ଫାଇନାଲରେ ହଂକଂ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲରେ ହଂକଂ ୩-୨ରେ ଚାଇନିଜ୍ ତାଇପେକୁ ପରାସ୍ତ କରିଛି। ତାଇପେ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ହଂକଂ ତାହାର ସଫଳ ମୁକାବିଲା କରି ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଚାଇନା ଓ ଜାପାନ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେଉଛି। ଏହି ମ୍ୟାଚ୍‌ର ବିଜେତା ବୁଧବାର ଫାଇନାଲରେ ହଂକଂକୁ ଭେଟିବ। ଦକ୍ଷିଣ କୋରିଆ ୫ମ ଓ ଭାରତ ୬ଷ୍ଠ ସ୍ଥାନ ଅଧିକାର କରିଥିବାବେଳେ ଇରାନକୁ ୩-୧ରେ ହରାଇ ଉତ୍ତର କୋରିଆ ୭ମ ସ୍ଥାନ ହାସଲ କରିଛି। ୧୭-୧୮ ସ୍ଥାନ ପାଇଁ ଅନୁଷ୍ଠିତ ପୋଜିଶନ ମ୍ୟାଚରେ ମକାଉ ୩-୧ରେ କିର୍ଗିଜସ୍ଥାନକୁ ହରାଇ ଦେଇଛି। ସେହିପରି ୧୨-୧୩ ମ୍ୟାଚ୍‌ରେ ମାଲେସିଆ ୩-୧ରେ କାତାରକୁ ପରାସ୍ତ କରିଛି।

## ଭାରତୀୟ ପୁରୁଷ ଦଳକୁ ୬ଷ୍ଠ ସ୍ଥାନ

ଭୁବନେଶ୍ୱର, ୧୪।୧୦(ତପନ ସ୍ୱାଇଁ)



ମ୍ୟାଚ ଅବସରରେ ମାନବ ଠାକର।

### ଏସିଆନ୍ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଟିଏଫ୍-ଏଟିଟିୟୁ ୨୮ତମ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍‌ରେ ଭାରତୀୟ ପୁରୁଷ ଦଳର ପ୍ରଦର୍ଶନ ଆଶାନୁରୂପ ହୋଇନାହିଁ। ଗତ ୩ ସଂସ୍କରଣରେ ବ୍ରୋଞ୍ଜ୍ ପଦକ ଜିତିଥିବା ଭାରତ ଏଥର ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଛି। କ୍ୱାର୍ଟର ଫାଇନାଲରେ ହାରି ପଦକ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ଭାରତ ମଙ୍ଗଳବାର ୫ରୁ ୮ମ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଉତ୍ତର କୋରିଆକୁ ୩-୨ରେ ପରାସ୍ତ କରିଥିଲା। ହମ୍ ୟୁ ସଙ୍ଗଙ୍କୁ ମାନବ ଠାକର ୩-୦ରେ ହରାଇଥିବାବେଳେ ମାନୁଷ ଶାହା ୧-୩ରେ ରି ଜଙ୍ଗ୍ ସିକ୍‌ଙ୍କଠାରୁ ହାରିଯାଇଥିଲେ। ତୃତୀୟ ମ୍ୟାଚ୍‌ରେ ଅଙ୍କୁର ଭଟ୍ଟାଚାର୍ଯ୍ୟ ୩-୨ରେ ଚୋନ୍ ଜଙ୍ଗବୋମ୍‌ଙ୍କୁ ହରାଇ ଦେଇଥିଲେ। ୪ର୍ଥ ମ୍ୟାଚ୍‌ରେ ଠାକର ୨-୩ରେ ରି ଜଙ୍ଗ ସିକ୍‌ଙ୍କଠାରୁ ହାରିଥିବାବେଳେ ୫ମ ମ୍ୟାଚରେ ମାନୁଷ ଶାହା ୩-୦ରେ ହମ୍ ୟୁ ସଙ୍ଗଙ୍କୁ ହରାଇବାରୁ ଭାରତ ବିଜୟୀ ହୋଇ ୫-୬ ସ୍ଥାନ ପାଇଁ ମ୍ୟାଚ ଖେଳିଥିଲା। କିନ୍ତୁ ଏଥିରେ ଭାରତୀୟ ଦଳ ଦକ୍ଷିଣ କୋରିଆଠାରୁ ୦-୩ରେ ପରାଜିତ ହୋଇଥିଲା। ମାନବ ଠାକର, ସ୍ନେହିତ ସୁରଭଜ୍ଜୁଲା ଓ ପାୟସ ଜୈନ ହାରିଯିବାରୁ ୪ର୍ଥ ମ୍ୟାଚ୍‌ର ଆବଶ୍ୟକ ପଡ଼ି ନ ଥିଲା।

## ଦିଲ୍ଲୀରେ ପହଞ୍ଚିଲେ କୋହଲି

**ନୂଆଦିଲ୍ଲୀ, ୧୪।୧୦:** ଷ୍ଟାର ଭାରତୀୟ ବ୍ୟାଟର ବିରାଟ କୋହଲି ମଙ୍ଗଳବାର ସକାଳେ ଦିଲ୍ଲୀରେ ପହଞ୍ଚିଛନ୍ତି। ସେ ଭାରତୀୟ ଦଳର ଅନ୍ୟ ଖେଳାଳିଙ୍କ ସହ ଅଷ୍ଟ୍ରେଲିଆ ଟୁର୍ କରିବେ। ଆସନ୍ତା ୧୯ ତାରିଖରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବାକୁଥିବା ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି କୋହଲିଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ଏବେ କୋହଲି ତାଙ୍କ ପତ୍ନୀ ଅନୁଷ୍କା ଶର୍ମା ଓ ଦୁଇ ପିଲାଙ୍କ ସହ ଲଣ୍ଡନରେ ରହୁଛନ୍ତି। ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ପ୍ରଥମ ଆଇପିଏଲ ଟ୍ରଫି ଜିତିବା ପରେ ଜୁନ୍‌ରେ ଦେଶ ଛାଡ଼ି ଥିଲେ। ସେ ୪ ମାସ ପରେ ଭାରତ ଫେରିଛନ୍ତି।

## ଅନି ସାଲବାମ୍‌ଙ୍କୁ ବ୍ରୋଞ୍ଜ୍ ପଦକ

ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)




ପଦକ ସହ ଅନି ସାଲବାମ୍।

ଭାରତୀୟ ଆଥ୍‌ଲେଟିକ ମହାସଂଘ (ଏଏଫ୍‌ଆଇ), ଓଡ଼ିଶା ସରକାର ଏବଂ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ୪୦ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ଅନ୍ତିମ ଦିବସରେ ଓଡ଼ିଶାର ଅନି ସାଲବାମ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୬ ବର୍ଷରୁ କମ୍ ବାଳକ ୬୦୦ ମିଟର ରେସ୍‌ରେ ସେ ୧:୧୯.୯୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ସେ ପୂର୍ବ ମିଟ୍ ରେକର୍ଡ ମଧ ଭାଙ୍ଗିଛନ୍ତି। ଉତ୍ତର ପ୍ରଦେଶର ମହମ୍ମଦ ସମୀର ଖାଁ ୧:୧୮.୪୮ ଓ ହରିୟାଣାର ଦେବ୍ ୧:୧୯.୦୨ ସେକେଣ୍ଡ ସମୟ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି। ପ୍ରତିଯୋଗିତାରେ ପାଖାପାଖି ୨୦୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିବାବେଳେ ଓଡ଼ିଶାର ୩୭ ମହିଳା ଓ ୩୮ ପୁରୁଷ ଆଥ୍‌ଲେଟ୍ ସାମିଲ ଥିଲେ।

ଓଡ଼ିଶାର ପ୍ରତୀକ ମହାରଣା ୨୦ ବର୍ଷରୁ କମ୍ ପୁରୁଷ ୨୦୦ ମିଟରରେ ସ୍ୱର୍ଣ୍ଣ ଓ ୧୦୦ ମିଟରରେ ରୌପ୍ୟ ପଦକ ଲାଭ କରିଛନ୍ତି। ୨୦ ବର୍ଷରୁ କମ୍ ପୁରୁଷ ଶଟ୍‌ପୁଟ୍ ଇଭେଣ୍ଟରେ ଓଁକାର ପ୍ରସାଦ ନନ୍ଦ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଉଦ୍‌ଯାପିତ

୧୪ ବର୍ଷରୁ କମ୍ ବାଳକ ଟ୍ରାଇଥଲନ୍‌ରେ ଛବିନ୍ଦ୍ର ବେହେରା ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି କୁନି ରାଜଗଣ୍ଡ ହରିରାଜ ୧୪ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିବାବେଳେ ଆଲୋକିକା ସ୍ୱାଇଁ ୧୮ ବର୍ଷରୁ କମ୍ ମହିଳା ଜାଭେଲିନ ଥ୍ରୋ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି।

## ପାଲଲହଡ଼ା ଫୁଟ୍‌ବଲ କପ୍: କଟକ ଚାମ୍ପିୟନ

ପାଲଲହଡ଼ା,୧୪।୧୦ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଷ୍ଟାଡିୟମଠାରେ ଚାଲିଥିବା ୩୭ତମ ରାଜ୍ୟସ୍ତରୀୟ ପାଲଲହଡ଼ା ଫୁଟ୍‌ବଲ କପ୍‌ର ଫାଇନାଲ ମ୍ୟାଚରେ ରାଉରକେଲା ଟିମ୍‌କୁ ୪-୦ ଗୋଲରେ ହରାଇ କଟକ ଟିମ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଡ. ଗୌର ଗୋବିନ୍ଦ ସାମନ୍ତ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ପାଲଲହଡ଼ା ଉପଖଣ୍ଡ ପୋଲିସ ଅଧିକାରୀ କୈଳାଶ ଚନ୍ଦ୍ର ସେଠୀ, ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହନ୍ତ ଏବଂ କ୍ରୀଡ଼ା ପ୍ରଶିକ୍ଷକ ଆର. ଆଇ. ଟିଗା ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆକର୍ଷଣୀୟ ଗୋଲ୍ ପାଇଁ ରାଉରକେଲା ଟିମ୍‌ର ବିଶାଳ ଡୁଙ୍ଗଡୁଙ୍ଗ, ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ କଟକ ଟିମ୍‌ର ଦୀନବନ୍ଧୁ ଦାସ, ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଭାବେ କଟକ ଟିମ୍‌ର ଗଣେଶ ସେଠୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ମାଲ୍ୟଗିରି ଫୁଟ୍‌ବଲ ଏକାଡେମୀକୁ ବିଧାୟକ ଉଦ୍‌ଘାଟନ କରିବା ସହ ବିଭିନ୍ନ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜାତୀୟ ରେଫରି ଶିବଶଙ୍କର ପଣ୍ଡା ଖେଳ ପରିଚାଳନା କରିଥିବାବେଳେ ସୁଜିତ ପାତ୍ର, ସୁଜିତ ରାଜହଂସ, ଦିଲୀପ ରାଉତ, ସନ୍ତୋଷ ମାଝୀ ସହଯୋଗ କରିଥିଲେ। ପାଲଲହଡ଼ା ଫୁଟବଲ ଆସୋସିଏଶନ ଅଧ୍ୟକ୍ଷ ସୁଧାଂଶୁ କପର୍ଦ୍ଦାର, ସଭାପତି ନୀଳାମ୍ବର ପ୍ରଧାନ, ସମ୍ପାଦକ ଆଶିଷ ସାମଲ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିଙ୍କ ସହ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

ଧରିତ୍ରୀ 51 Years
ଭୁବନେଶ୍ୱର, ବୁଧବାର, ୧୫ ଅକ୍ଟୋବର, ୨୦୨୫



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଟିଟିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାନଘାଗରାରେ ହେବ ୨ୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର

**ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)**

କେନ୍ଦୁଝର ସାନଘାଗରାରେ ପ୍ରତିଷ୍ଠା ହେବାକୁ ଥିବା ନୂତନ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ କେନ୍ଦୁଝର ପ୍ରଶାସନ ସହ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କର ମାନସ ପ୍ରକଳ୍ପ ଭାବେ ବିକଶିତ ହେବାକୁ ଥିବା ଏହି କେନ୍ଦ୍ର ଓଡ଼ିଶାର ଦ୍ୱିତୀୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଭାବେ ସାନଘାଗରାଠାରେ ପ୍ରାୟ ୧୩୪ ଏକର ପରିମିତ ଅଞ୍ଚଳରେ ପ୍ରତିଷ୍ଠା ହେବ।

ବୈଠକରୁ ମିଳିଥିବା ସୂଚନା ମୁତାବକ, ଏହି କେନ୍ଦ୍ର, ଜୈବ ବିବିଧତା ସଂରକ୍ଷଣ, କମ୍ୟୁନିଟି ସେଣ୍ଟର, ଇକୋ ଟୁରିଜମ୍ ଏବଂ ଗବେଷଣା ଓ ଶିକ୍ଷାର ବିକାଶ ପାଇଁ ନିର୍ମାଣ କରାଯିବ। ଏହି ସ୍ଥାନଟି ପ୍ରାକୃତିକ ଅଭିଜ୍ଞତା ଏବଂ ଥିମାଟିକ୍ ଗାର୍ଡେନର ଅନୁଭୂତି ପ୍ରଦାନ କରିବ। ଏହି କେନ୍ଦ୍ରରେ ଓଡ଼ିଶାରେ ଥିବା ବିଭିନ୍ନ ପ୍ରଜାତିର ଅର୍କିଡ୍ ଉପଲବ୍ଧ ହେବା ସହ ଗୋଲାପ, ବାଉଁଶ, କାକ୍ଟସ୍, ଜଙ୍ଗଲୀ ଫଳ ଇତ୍ୟାଦି ମଧ୍ୟ ସ୍ଥାନିତ ହୋଇ ଅଞ୍ଚଳର ଶୋଭା ମଣ୍ଡନ କରିବ। ଏହି ଅଞ୍ଚଳକୁ ବିଶେଷ ପର୍ଯ୍ୟଟନସ୍ଥଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏହାକୁ ବର୍ଷତମାମ ପର୍ଯ୍ୟଟକ ଓ ଜନସାଧାରଣଙ୍କ ପାଇଁ ଖୋଲା ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅଞ୍ଚଳରେ ହାତୀ ଉପଦ୍ରବ ଅଧିକ ରହୁଥିବାରୁ ଜିଲା ପ୍ରଶାସନକୁ ମଧ୍ୟ ଏହାର ପ୍ରତିକାର ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଡିପ୍ ଟ୍ରେନ୍‌ଚେସ୍ ଦ୍ୱାରା ମଣିଷ-ହାତୀଙ୍କର ସଂଘର୍ଷକୁ ରୋକିବା ପାଇଁ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ସୁରେଶ ପନ୍ଥ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଆଭାସି ମାଧ୍ୟମରେ କେନ୍ଦୁଝର ଜିଲାପାଳ ବିଶାଳ ସିଂହ ଓ କେନ୍ଦୁଝର ଡିଏଫ୍‌ଓ ଧନରାଜ ହନୁମନ୍ତ ଧାମଡେରେ ପ୍ରମୁଖ ଉପସ୍ଥିତ ଥିଲେ।


## ଜନ୍ମଦିନର ଶୁଭେଚ୍ଛା





ଟିଟିଲି
ଦଧିବାମନ ନଗର, ରେମୁଣା ଗୋଲେଇ, ବାଲେଶ୍ୱର
ଆଜି ତୋର ୭ତମ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣା ତୋ ଉପରେ ସଦାସର୍ବଦା ବରଷୁ ଥାଉ, ତାଙ୍କରି କୃପାରୁ ତୋର ଚଲାପଥ କୁସୁମିତ ହେଉ, ମହାବାହୁ ତୋତେ ଦିର୍ଘାୟୁ କରନ୍ତୁ ।
ଶୁଭେଚ୍ଛା ସହ- ବାପା, ମାମା, ଜେଜେବାପା, ଜେଜେମା, ଅଜା, ଆଇ ଓ ସମସ୍ତ ପରିବାରବର୍ଗ
ଧ-୨୨୭୧


**ଜାତୀୟସ୍ତରରେ ପ୍ୟାଲିଏଟିଭ କେୟାର୍‌ର ସର୍ବଶ୍ରେଷ୍ଠ ଅଭ୍ୟାସ**

# ଓଡ଼ିଶାକୁ ପ୍ରଥମ ପୁରସ୍କାର

**ଭୁବନେଶ୍ୱର, ୧୪।୧୦(ବନ୍ଦନା ସେଠୀ)**

ଜାତୀୟସ୍ତରରେ ବିଶ୍ୱ ହସ୍ପିସ ଏବଂ ପ୍ୟାଲିଏଟିଭ କେୟାର୍‌ଦିବସ-୨୦୨୫ ଭୁବନେଶ୍ୱରର ବାଗ୍‌ଚୀ କରୁଣାଶ୍ରୟ ପ୍ୟାଲିଏଟିଭ କେୟାର୍ ସେଣ୍ଟରରେ ଗତ ୧୧ ତାରିଖରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାକୁ ଜାତୀୟସ୍ତରରେ ପ୍ୟାଲିଏଟିଭ କେୟାର୍‌ର ସର୍ବଶ୍ରେଷ୍ଠ ଅଭ୍ୟାସ ପାଇଁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି।

# Classified Everyday

**0674-2580101, 9692975378**



## MATRIMONIAL

### BRIDE WANTED

5'6" Brahmin BE Mechanical groom working as Deputy Manager in Reputed Automobile Company require professional, beautiful bride. Contact: 9437560347. D-2241

Khandayat Boy 1997 5'6" B.tech MBA continued Ph.D. Asst. Professor Business. 8908069176. D-2277

### GROOM WANTED

ବୟସ 27, କୌଣସି ଚାକିରି କରୁନ ଥିବା ସୁନ୍ଦରୀ ସୁଶୀଳ ଘରୋଇ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2244

Tanti groom-30, Mechanical Engineer required established family background bride- 9853366347. D-2278



## REAL ESTATE SALE

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

Plot for sale near Railwaystation Bhawanipatna, Kalahandi, no broker. Contact:- 8658579717. D-2201

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03

Centrally located housing plot for sale at Medinipur near Bhawanipatna, Kalahandi. Contact-: 9437148590, 8658579717. D-2202


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## CONSTRUCTION

Construct your home with branded materials, all complete furnishing, price start 1350/- per sqft. 9827152441. D-76865




RCC Hall 1000sft. (40ft. x25ft.) with toilets, electrical fittings, facing 100ft. wide Lewis Road, Bhubaneswar-2, Hotel Gouri Premises, adjacent to IndusInd bank, surrounded by tourism spots, suitable for Dental, Eye Clinics, Office, Shop on monthly rental basis. Contact: 9861129953. D-2259




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

The massage felt totally professional! & comfortable at all times- 7978109255. D-76500

## AFFIDAVIT

I, Nihar Ranjan Pattanaik, S/o- Late Krushna Chandra Pattanaik, resident of Flat No. - 203, 2nd Floor, Mason Luxuria, Patia, P.O. - Kalarahanga, P.S.- Infocity Police Station, Bhubaneswar, Dist.- Khordha, PIN-751024, Odisha, declare by this affidavit No.- 23, dtd- 26/09/2025, that now onwards I shall be known as NIHAR RANJAN PATTNAIK for all future purposes. D-2276

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Indira Devi Patnaik, D/o- Umesh Chandra Patnaik, resident of Flat No. - 203, 2nd Floor, Mason Luxuria, Patia, P.O. - Kalarahanga, P.S.- Infocity Police Station, Bhubaneswar, Dist.- Khordha, PIN-751024, Odisha declare by this affidavit No.- 24, dtd.- 26/09/2025 that now onwards I shall be known as INDIRA DEVI PATTNAIK for all future purposes. D-2275

I, Aruna Devi Tulsyan, W/o- Sambhu Dayal Tulshyan, R/o. At/P.O./ P.S.- Khetrajpur, Dist.- Sambalpur, Odisha- 768003, declare by this affidavit Sl. No.- 25782 dated- 13.10.2025 that now onwards I shall be known as **ARUNA DEVI TULSHYAN** for all future purpose.
Aruna Devi Tulshyan. D-2273

By virtue of an affidavit sworn before the Notary Public, Malkangiri dated- 09.10.2025, I, Doli Ojha, wife of Jayadev Ojha of village NAC Line, Balimela, P.O.- Balimela, P.S.- Orkel, Dist.- Malkangiri do hereby solemnly affirm and state as follows. That, my actual name is Doli Biswas and after my marriage my name is changed as Doli Ojha. Henceforth, I shall be known as Doli Ojha for all purposes. D-2272

By virtue of an affidavit sworn before the Executive Magistrate, Rairakhol, dated- 10.10.2025, I, Nituranì Hota, Daughter of Manoranjan Hota, At- Ladubahal, P.O.- Badabahal, P.S.- Rairakhol, Dist.- Sambalpur, Odisha, PIN-768106 declare that I have changed my name from Nitu Hota to Niturani Hota. Henceforth, I shall be known as Niturani Hota for all purposes.
Niturani Hota D-2260

By virtue of an affidavit sworn before Executive Magistrate, Chhendipada Vide No.-1722 dated-13.10.2025, I Ganeswar Naik, resident of Village- Barapada, P.O.- Kosala, P.S.- Chhendipada, Dist.-Angul (Odisha), India declare that I have changed my name from Ganesh Naik to Ganeswar Naik. Henceforth, I shall be known as Ganeswar Naik for all purpose. D-2280

By virtue of an affidavit sworn before Executive Magistrate, Bhadrak dtd.- 13.09.2025, I, Shubhalaxmi Dash (40), W/o- Sambit Kumar Dash, permanent Address: At/P.O.- Saraikella, Kharasawan, Jharakhand, presently At- Mathasahi, P.S./ Dist.- Bhadrak, Odisha PIN- 756100 declare that I have changed my name Shubhalaxmi Satapathy to Shubhalaxmi Dash and changed my address permanent to present address. Henceforth, I shall be known as Shubhalaxmi Dash for all future purposes. D-2281

By virtue of an affidavit sworn before the Executive Magistrate, Boudh, No.-1423 date-14.10.25, I, Karttik Kumbhar, R/o- Village:- Jhankarpada, P.O.- Amba jhari, P.S./ Dist.- Boudh, Odisha, PIN- 762015 declare that I have changed my son's name from SUMAN KUMAR to SUMEL KUMBHAR. Henceforth, he shall be known as SUMEL KUMBHAR for all purposes.
Karttik Kumbhar D-2279

I, PRASANTA LAKRA, W/o- Patrick Lakra, resident of Bheluadihi, P.O.- Gyanpali, P.S.- Rajgangpur, Dist.- Sundargarh, PIN- 770023, Odisha declare by this affidavit No.- A/26, dated 13.10.2025 that now onwards I shall be known as PRASANTA LAKRA for all future purposes. D-2270

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ଇଞ୍ଜିନିୟର ଅମିୟ କୁମାର ନାୟକ**
ପ୍ଲଟ୍ ନଂ.- ୫୭୩, ଶହୀଦନଗର, ଭୁବନେଶ୍ୱର

ଆଜି ଆପଣଙ୍କର ପ୍ରଥମ ବାର୍ଷିକୀ ଶ୍ରାଦ୍ଧଦିବସ ଅବସରରେ ଆପଣଙ୍କର ଅମିୟ ବୋଳା ସ୍ନେହ, ଶ୍ରଦ୍ଧା, ଶୁଭେଚ୍ଛା, ମମତା ତଥା କର୍ତ୍ତବ୍ୟନିଷ୍ଠା, ସଚ୍ଚୋଟତା, ସରଳ ଜୀବନ ଯାପନ ସବୁ କିଛି ମନେପଡ଼େ। ସେ ସବୁ ଆମର ଚିର ପାଥେୟ ହେଉ ଓ ଆପଣଙ୍କର ଅମର ଆତ୍ମା ଚିର ଶାନ୍ତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

**ଆପଣଙ୍କର ପରିବାରବର୍ଗ:**
ପତ୍ନୀ- ଜ୍ୟୋତ୍ସ୍ନାମୟୀ, ଭାଇ ଓ ଭାଇବୋହୂ: ଅଜୟ, ଅନିତା, ଝିଅ-ଜ୍ୱାଇଁ: ପିନାକୀ, ସତ୍ୟ, ବଡ଼ପୁଅ-ବୋହୂ: ଆଶିଷ, ପ୍ରଜ୍ଞା, ସାନପୁଅ-ବୋହୂ: ଅମରେଶ, ସୋନି
ଧ-୨୨୬୯

## LEGAL NOTICE

IR No.- 1549,
Date- 04.10.25

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ଆଶୁତୋଷ ସାମଲ, OAS (S.A.G.)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନଂ.- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ. ୪୩୩/୨୦୨୪

ସ୍ମିତାରାଣୀ ପଣ୍ଡା ....ବାଦୀ
ବନାମ
ସେଟଲମେଣ୍ଟ ଅଫିସର, ଓଗେର ....ପ୍ରତିବାଦୀ

ନୋଟିସ ଅର୍ଡର- ୫, ରୁଲ୍- ୨୦ C.P.C. ମୁତାବକ

୪. ସରୋଜିନୀ ପ୍ରଧାନ, ପିତା- ମୃତ ସୋମନାଥ ରାଉତରାୟ, ୬. ନୀଳ ବେଓ୍ୱା, ସ୍ୱାମୀ- ମୃତ ସୋମନାଥ ରାଉତରାୟ, ୭. ହରି ଚରଣ ରାଉତରାୟ, ପିତା- ମୃତ ଭୁଜ ରାଉତରାୟ, ୯. ହେମା ବେଓ୍ୱା, ସ୍ୱାମୀ- ପରମାନନ୍ଦ ରାଉତରା, ୧୦. ଅଲେଖ ରାଉତରା, ପିତା- ମୃତ ଅଭିନ ରାଉତରା
ଏମାନଙ୍କ ସା- ଯୁଝଗଡ଼ା, ପୋ- ଦାରୁଠେଙ୍ଗା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୧. ବସୁନ୍ଧରା ଇଷ୍ଟେଟ ଡେଭେଲପର, ସା- କାନନ ବିହାର MIG- II, House No.- 11, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ତରଫ Chairman ପ୍ରଫୁଲ୍ଲ କୁମାର ବିଧାର, ପିତା- ମୃତ ବେଣୁଧର ବିଧାର, ସା/ପୋ- ଦାରୁଠେଙ୍ଗା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉ ଅଛିକି ଯେ, ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତ ଅଦାଲତ ନଂ.- ୨ ଇଜିଲାସ ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୩।୧୧।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ମୌଜା- ଭୁଆସୁଣୀ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୯୬୨ ବନ୍ଦୋବସ୍ତ ସାବିକ ଖାତା ନଂ.- ୨୧୮, ପ୍ଲଟ୍ ନଂ.- ୩୮୭, ଏରିଆ ଏ୧.୩୯୩ ଡେସିମିଲ ସମ୍ବନ୍ଧରୁ କ୍ରୟବୃତ୍ତି ଏ୦.୦୨୧ ଡେସିମିଲ, ପ୍ଲଟ୍ ନଂ.- ୩୮୩, ଏରିଆ ଏ୦.୬୭୩ ଡେସିମିଲ ସମ୍ବନ୍ଧରୁ କ୍ରୟବୃତ୍ତି ଏ୦.୦୩୪ଡେସିମିଲ।
ହାଲ୍ ଖାତା ନଂ.- ୧୫୧୯, ହାଲ୍ ପ୍ଲଟ୍ ନଂ.- ୫୨୭, ଏରିଆ ଏ୦.୦୫୫ଡେସିମିଲ ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ଓ ମୃତ ପ୍ରତିବାଦୀଙ୍କର ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା:
ଭୁବନେଶ୍ୱର
ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୨୬୬

ମାନ୍ୟବର ପ୍ରଥମ ଅତିରିକ୍ତ ସିଭିଲ ଜଜ୍ ସିନିୟର ଡିଭିଜନ, ଭୁବନେଶ୍ୱର
ସି.ଏସ୍. କେସ୍ ନଂ.- ୧୭୪୮/୨୦୨୩

ଶ୍ରୀ ଆଦିକନ୍ଦ ନାହକ ....ବାଦୀ/ଦରଖାସ୍ତକାରୀ
ବନାମ
ଶ୍ରୀମତୀ କୁମକୁମ ମହାନ୍ତି ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,
୧) ଶ୍ରୀମତୀ କୁମକୁମ ମହାନ୍ତି, ବୟସ ୪୯ ବର୍ଷ, ସ୍ୱାମୀ: ସୁବ୍ରତ ମହାନ୍ତି, ଠିକଣା: ସା- ମାଦଳା ସାହି, ପୋଷ୍ଟ/ଥାନା: ଜୟପୁର, ଜିଲ୍ଲା: କୋରାପୁଟ, ବର୍ତ୍ତମାନ ଠିକଣା: ସା/ପୋଷ୍ଟ- ତେଲେଙ୍ଗା ସାହି, ଥାନା/ ଜିଲ୍ଲା: ବାଲେଶ୍ୱର .... ପ୍ରତିବାଦୀ ନଂ.-୧
୨) ଶ୍ରୀ ଲକ୍ଷ୍ମୀଧର ନାୟକ, ବୟସ ୭୦ ବର୍ଷ, ପିତା: ୰ଜଳଧର ନାୟକ, ଠିକଣା: ସା- ରାଧାଚରଣପୁର (ଓଗାଳପଡ଼ା), ପୋଷ୍ଟ: ଯାଁଳା, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା .... ପ୍ରତିବାଦୀ ନଂ.-୨
୩) ଶ୍ରୀ ସୁଦର୍ଶନ ବେହେରା, ବୟସ ୬୧ ବର୍ଷ, ପିତା: ୰ପାଣୁ ବେହେରା, ଠିକଣା: ସା- ଯଦୁପୁର, ପୋଷ୍ଟ: ଗୌଡ଼ପୁଟ, ଥାନା: ଓଡ଼ଗାଁ, ଜିଲ୍ଲା: ନୟାଗଡ଼ ....ପ୍ରତିବାଦୀ ନଂ.- ୩

ନୋଟିସ
ସିପିସି ଅର୍ଡର- ୫, ରୁଲ୍- ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ମାନ୍ୟବର ପ୍ରଥମ ଆଡିସନାଲ ସିଭିଲ ଜଜ୍ ସିନିୟର ଡିଭିଜନ, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଆଦିକନ୍ଦ ନାହକ, ତାଙ୍କର ଖରିଦା ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର କରିଅଛନ୍ତି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.- ୧,୨ ଏବଂ ୩ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ପଠାଯାଇଥିଲା। କିନ୍ତୁ ଉକ୍ତ ଠିକଣା ଠିକ୍ ଥିବା ସତ୍ତ୍ୱେ ନୋଟିସ ବିନା ଜାରି ହୋଇ ବାରମ୍ବାର ଫେରସ୍ତ ଆସୁଅଛି।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ସମସ୍ତ ପ୍ରତିବାଦୀ ନଂ. ୧, ୨ ଏବଂ ୩ମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ଦେୱାନି କେସର ଶୁଣାଣି ମାନ୍ୟବର ପ୍ରଥମ ଅତିରିକ୍ତ ସିଭିଲ ଜଜ୍ ସିନିୟର ଡିଭିଜନ ଭୁବନେଶ୍ୱରଙ୍କ କାର୍ଯ୍ୟାଳୟଠାରେ ଆସନ୍ତା ତା୨୬।୧୧।୨୫ରିଖ ଦିନ (ଭୁବନେଶ୍ୱରଙ୍କ ଆଦେଶକ୍ରମେ) ଦିବା ୧୦.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ କରିଅଛନ୍ତି/ ହୋଇଅଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ମୌଜା- ନୀଳକଣ୍ଠପୁର, ଜିଲ୍ଲା- ଖୋର୍ଦ୍ଧା, ଖାତା ନଂ.- ୨୮୧, ପ୍ଲଟ୍ ନଂ.- ୩୫୩, ଏରିଆ ଏ୦.୫୪ଡିସିମିଲ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.- ୧,୨ ଏବଂ ୩ ପ୍ରତିବାଦୀ ହୋଇଥାଇ ନିଜେ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦାରଖ/ଦେଖିରେଖି କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା./- ମାନ୍ୟବର ପ୍ରଥମ ଅତିରିକ୍ତ ସିଭିଲ ଜଜ୍ (ସିନିୟର ଡିଭିଜନ), ଭୁବନେଶ୍ୱରଙ୍କ ଆଦେଶକ୍ରମେ
କୋର୍ଟ ଅଫିସର
ଧ-୨୨୬୮

Letter No.- 1868
Dt-14.10.2025

ନୋଟିସ
ମାନ୍ୟବର ଆଡିସନାଲ କମିସନର, ଶ୍ରୀ ପ୍ରଦୀପ କୁମାର ନାୟକ (ଭା.ପ୍ର.ସେ.), ଆଡିସନାଲ ରିଭିଜନ କୋର୍ଟ ନଂ. ୪ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. ନଂ. ୫୭୮/୨୦୨୧

କୁବେର ପ୍ରଧାନ ...ବାଦୀ
ବନାମ
ସନ୍ତୋଷ କୁମାର ସାମଲ, ଓଗେର .... ପ୍ରତିବାଦୀ

ପ୍ରାପ୍ତେଷୁ,
ସନ୍ତୋଷ କୁମାର ସାମଲ, ପିତା- ମୃତ ଅଜୟ ଚନ୍ଦ୍ର ସାମଲ, ସା- ମେରିଆ ବଜାର, ଥାନା- ବକ୍ସି ବଜାର, କଟକ, ଜିଲ୍ଲା- କଟକ

ନୋଟିସ
ସି.ପି.ସି. ଅର୍ଡର- ୫, ରୁଲ୍- ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା- ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିସନର, ଆଡିସନାଲ ରିଭିଜନ କୋର୍ଟ ନଂ. ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ, କୁବେର ପ୍ରଧାନ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା। ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛିକି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୧୭।୧୧।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି
ମୌଜା- ମିନିଚିନି ପାଟଣା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୯୬୨ ବନ୍ଦୋବସ୍ତ ସାବିକ ଖାତା ନଂ.- ୧, ପ୍ଲଟ୍ ନଂ.- ୭୮୧, ଏରିଆ ଏ୦.୧୬୦ଡେସିମିଲ ଏବଂ ପ୍ଲଟ୍ ନଂ.- ୭୮୨, ଏରିଆ ଏ୦.୬୦୫ଡେସିମିଲ।

ହାଲ୍ ଖାତା ନଂ.- ୪, ହାଲ୍ ପ୍ଲଟ୍ ନଂ.- ୧୩୬୧, ଏରିଆ ଏ୦.୦୭୦ ଡେସିମିଲ ଏବଂ ହାଲ୍ ପ୍ଲଟ୍ ନଂ.- ୧୨୮୪, ଏରିଆ ଏ୦.୧୬୦ ଡେସିମିଲ ଓ ପ୍ଲଟ୍ ନଂ.- ୧୨୮୫, ଏରିଆ ଏ୦.୬୦୫ଡେସିମିଲ

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ଓ ମୃତ ପ୍ରତିବାଦୀ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଆଡିସନାଲ ରିଭିଜନ କୋର୍ଟ ନଂ. ୪
ସ୍ୱା./- କୋର୍ଟ ଅଫିସର
ଧ-୨୨୬୬

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୫/୨୦୨୫ Bhubaneswar, Wednesday, October 15/ 2025

# ସିରିଜ୍ ପୋଛିଲା ଭାରତ




ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ବିଜୟୀ ଭାରତୀୟ ଦଳ।

**ନୂଆଦିଲ୍ଲୀ, ୧୪।୧୦**

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌କୁ ଭାରତୀୟ ଦଳ ୭ ଉଇକେଟରେ ଜିତିନେଇଛି। ଏଥିସହିତ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଘରୋଇ ଭାରତୀୟ ଦଳ ୨-୦ ବ୍ୟବଧାନରେ କ୍ଲିନ୍ ସୁଇପ୍ କରିଛି। ମ୍ୟାଚ୍‌ର ପ୍ରଥମ ଇନିଂସ୍‌ରେ ଭାରତ ୫୧୮/୫ରେ ପାଳି ଘୋଷଣା କରିଥିବା ବେଳେ ୱେଷ୍ଟଇଣ୍ଡିଜ୍ ୨୪୮ ରନ୍‌ରେ ସୀମିତ ରହିଥିଲା। ଫଲୋଅନ୍ ପାଇ ଦ୍ୱିତୀୟ ଇନିଂସ୍ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ୩୯୦ ରନ୍ କରିଥିଲା। ଫଳରେ ଭାରତ ଆଗରେ ୧୨୧ ରନ୍‌ର ଟାର୍ଗେଟ୍ ଧାର୍ଯ୍ୟ ହୋଇଥିଲା। ଜବାବରେ ଭାରତ ମ୍ୟାଚ୍‌ର ପଞ୍ଚମ ଦିନ ୩ ଉଇକେଟରେ ୧୨୪ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ମ୍ୟାଚ୍‌ରେ ମୋଟ ୮ ଉଇକେଟ ନେଇଥିବା କୁଲଦୀପ ଯାଦବଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି।

ଭାରତୀୟ ଦଳ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୬୩/୧ରୁ ବ୍ୟାଟିଂ ଆରମ୍ଭ କରି ମଙ୍ଗଳବାର ତଥା ମ୍ୟାଚ୍‌ର ପଞ୍ଚମ ଦିନ ଆଉ ୨ ଉଇକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ପୂର୍ବଦିନ ଅପରାଜିତ ଥିବା ସାଇ ସୁଦର୍ଶନ ୩୯ ଓ ଅଧିନାୟକ ଶୁବମନ ଗିଲ୍ ୧୩ ରନ୍ କରି ଆଉଟ୍ ହୋଇଥିଲେ। ଉଭୟ ବ୍ୟାଟରଙ୍କୁ ୱେଷ୍ଟଇଣ୍ଡିଜ୍ ଅଧିନାୟକ ରୋଷ୍ଟନ ଚେଜ୍ ପାଭିଲିଅନ ପଠାଇଥିଲେ। ସେହିପରି ଅପରାଜିତ ଥିବା ଲୋକେଶ ରାହୁଲ ୫୮ ଓ ଧ୍ରୁବ ଜୁରେଲ ୬ ରନ୍ କରି ମ୍ୟାଚ୍ ଶେଷ କରିଥିଲେ। ୱେଷ୍ଟଇଣ୍ଡିଜ୍ ଲାଗି ଚେଜ୍ ୨ ଓ ଜୋମେଲ ୱାରିକାନ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୧୮/୫ (ଘୋଷଣା)। ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୨୪୮/ଅଲଆଉଟ୍। ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୩୯୦/ଅଲଆଉଟ୍ (ଫଲୋଅନ୍): ଭାରତ ଦ୍ୱିତୀୟ ଇନିଂସ: ୧୨୪/୩ (ଲୋକେଶ ରାହୁଲ-୫୮, ସାଇ ସୁଦର୍ଶନ-୩୯, ରୋଷ୍ଟନ ଚେଜ୍-୨/୩୬)।

# ସୁପ୍ରିମ୍‌କୋର୍ଟଙ୍କ ଉପରେ ନିଷ୍ପତ୍ତି ଛାଡ଼ିଲେ ଜଷ୍ଟିସ୍ ରାଓ

**ନୂଆଦିଲ୍ଲୀ, ୧୪।୧୦(ପି.ଟି.)**

**ଏଆଇଏଫ୍‌ଏଫ୍ ସମ୍ବିଧାନର ଦୁଇ ବିବାଦୀୟ ଧାରା ପ୍ରସଙ୍ଗ**

ଅବସରପ୍ରାପ୍ତ ଜଷ୍ଟିସ୍ ନାଗେଶ୍ୱର ରାଓ ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଲାଗି ପ୍ରସ୍ତୁତ ସମ୍ବିଧାନର ଦୁଇ ବିବାଦୀୟ ଧାରା ସମ୍ପର୍କରେ ନିଷ୍ପତ୍ତି ନେବା ଦାୟିତ୍ୱ ସୁପ୍ରିମ୍‌କୋର୍ଟଙ୍କ ଉପରେ ଛାଡ଼ିଛନ୍ତି। ଗତ ୯ ତାରିଖରେ ଦୁଇ ବିବାଦୀୟ ଧାରା ଉପରେ ସ୍ପଷ୍ଟୀକରଣ ଲାଗି ସୁପ୍ରିମ୍‌କୋର୍ଟଙ୍କ ନିକଟରେ ଏଆଇଏଫ୍‌ଏଫ୍ ଦ୍ୱାରସ୍ଥ ହୋଇଥିଲା। ପରଦିନ ଆବେଦନର ଶୁଣାଣି କରୁଥିବା ଖଣ୍ଡପୀଠ ସମସ୍ତ ଅଂଶୀଦାରଙ୍କ ପକ୍ଷ ଶୁଣିବା ପରେ ସମ୍ବିଧାନ ପ୍ରସ୍ତୁତକାରୀ ଜଷ୍ଟିସ୍ ରାଓଙ୍କୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

**ସୁଲତାନ ଜୋହର କପ୍ ହକି**

# ଭାରତ-ପାକିସ୍ତାନ ମ୍ୟାଚ୍ ଡ୍ର'

**ଜୋହର ବାହରୁ (ମାଲେସିଆ), ୧୪।୧୦:** ଚଳିତ ସୁଲତାନ ଅଫ୍ ଜୋହର କପ୍‌ରେ ମଙ୍ଗଳାବର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ୩-୩ ଗୋଲରେ ଡ୍ର' ଭାବେ ଶେଷ ହୋଇଛି। ଏହି ମ୍ୟାଚ୍‌ରେ ପଏଣ୍ଟ ଭାଗ ଭାଗ ହେବାରୁ ଭାରତୀୟ ଦଳ ଅଙ୍କ ତାଲିକା ୭ ପଏଣ୍ଟ ସହ ଅଷ୍ଟ୍ରେଲିଆ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି।

ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ପାକିସ୍ତାନର ହନାନ ସାହିଦ (ପଞ୍ଚମ ମିନିଟ୍) ଗୋଲ ସ୍କୋର କରିଥିଲେ। ଏହି ଗୋଲ ଯୋଗୁ ପାକିସ୍ତାନ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ୧-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ସୁଫିଆନ ଖାନ (୩୯ତମ) ସ୍କୋର କରି ପାକିସ୍ତାନକୁ ୨-୦ ଗୋଲର ଅଗ୍ରଣୀ ଆଣି ଦେଇଥିଲେ। ଏହାର ୪ ମିନିଟ୍ ପରେ ଭାରତ ପାଇଁ ଅରାଇଜିତ ସିଂ ହୁଣ୍ଡାଲ (୪୩ତମ) ଗୋଟିଏ ଗୋଲ ପରିଶୋଧ କରିଥିଲେ। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ସୌରଭ ଆନନ୍ଦ କୁଶୱାହା (୪୭ତମ)ଙ୍କ ଗୋଲ ବଳରେ ଭାରତ ମ୍ୟାଚ୍‌କୁ ବରାବର କରିଥିଲା। ଏହାପରେ ମନମିତ ସିଂ (୫୩ତମ)ଙ୍କ ଗୋଲ ଯୋଗୁ ଭାରତ ୩-୨ ଗୋଲର ଅଗ୍ରଣୀ ହାସଲ କରିଥିଲା। ହେଲେ ମ୍ୟାଚ୍‌ର ୫୫ତମ ମିନିଟ୍‌ରେ ପାକିସ୍ତାନକୁ ମିଳିଥିବା ପେନାଲ୍ଟି କର୍ନରକୁ ସୁଫିଆନ ଗୋଲରେ ପରିଣତ କରି ସ୍କୋର ଲାଇନ୍‌କୁ ବରାବର କରିଥିଲେ।

# ଆଜିଠୁ ଓଡ଼ିଶାର ରଣ୍‌ଜୀ ଅଭିଯାନ



ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଅଭ୍ୟାସ ସେସନରେ ଓଡ଼ିଶା ଦଳର କ୍ୟାଚ୍ ପ୍ରାକ୍ଟିସ୍।

**ଭୁବନେଶ୍ୱର, ୧୪।୧୦(ତପନ ସ୍ୱାଇଁ)**

**ବାରବାଟୀରେ ଓଡ଼ିଶା ବନାମ ବରୋଦା**

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ କ୍ରିକେଟ୍‌ର ସର୍ବଶ୍ରେଷ୍ଠ ପ୍ରତିଯୋଗିତା ରଣ୍‌ଜୀ ଟ୍ରଫି ୨୦୨୫-୨୬ ସିଜନ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥର ଏଲିଟ୍ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ବରୋଦା। କଟକର ବାରବାଟୀ ଷ୍ଟାଡିୟମରେ ବରୋଦା ବିପକ୍ଷରେ ମ୍ୟାଚ୍ ଖେଳି ଓଡ଼ିଶା ଏହାର ସିଜନ ଆରମ୍ଭ କରିବ। ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଏଥର ଭଲ ପ୍ରସ୍ତୁତି କରିଛି। ମଙ୍ଗଳବାର ନେଟ୍ସ ସେସନରେ ଉଭୟ ଓଡ଼ିଶା ଓ ବରୋଦା ଦଳର ଖେଳାଳିମାନେ ବେଶ୍ କିଛି ସମୟ ଝାଳ ବୁହାଇଛନ୍ତି। ଗତ ସିଜନରେ ଓଡ଼ିଶା ଓ ବରୋଦା ଏଲିଟ୍ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିଲେ। ବରୋଦା ୭ ମ୍ୟାଚ୍‌ରୁ ୨୭ ପଏଣ୍ଟ ସହ ୩ୟ ଏବଂ ଓଡ଼ିଶା ସମାନ ସଂଖ୍ୟକ ମ୍ୟାଚ୍‌ରୁ ୧୭ ପଏଣ୍ଟ ସହିତ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ଅକ୍ଟୋବର ୨୬ରୁ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ଏକ ଇନିଂସ ୯୮ ରନ୍‌ରେ ପରାଜିତ ହୋଇଥିଲା। ବ୍ୟାଟିଂ ବିଫଳତା ଓଡ଼ିଶା ପାଇଁ ମହଙ୍ଗା ପଡ଼ିଥିଲା। ଦଳ ପ୍ରଥମ ଇନିଂସ୍‌ରେ ୧୯୩ ଓ ଦ୍ୱିତୀୟ ଇନିଂସ୍‌ରେ ୧୬୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅନ୍ୟପକ୍ଷରେ ଅଧିନାୟକ କୃନାଲ ପାଣ୍ଡ୍ୟାଙ୍କ ଶତକ ସହାୟତାରେ ବରୋଦା ୪୫୬ ରନ୍‌କରି ଓଡ଼ିଶା ପାଇଁ ପରାଜୟ ଦ୍ୱାର ଖୋଲିଦେଇଥିଲା। ଓଡ଼ିଶାର ପ୍ରମୁଖ ବୋଲରମାନେ ବିଫଳ ହୋଇଥିବାବେଳେ ଗୋବିନ୍ଦ ପୋଦ୍ଦାର ୫ ଉଇକେଟ ସଫଳତା ପାଇଥିଲେ। ଏଥର ଘରୋଇ ପରିବେଶରେ ସମାନ ପ୍ରତିଦ୍ୱନ୍ଦ୍ୱୀକୁ ଓଡ଼ିଶା ଭେଟିବାକୁ ଯାଉଥିବାରୁ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେବା ସୁଯୋଗ ରହିଛି। ତେବେ ପିଚ୍ ଓ ପରିବେଶରୁ ଓଡ଼ିଶା କିପରି ଫାଇଦା ଉଠାଉଛି, ତାହାକୁ ଅପେକ୍ଷା।

ଗତ ୫ ମ୍ୟାଚ୍‌ର ପ୍ରଦର୍ଶନକୁ ଦେଖିଲେ ଓଡ଼ିଶା ବିପକ୍ଷରେ ବରୋଦାର ପଲା ଭାରି ରହିଛି। ବରୋଦା ୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବାବେଳେ ଅନ୍ୟ ୨ଟି ଡ୍ର ରହିଛି। ଏଥର ଅତୀତ ସେଠ୍‌ଙ୍କ ନେତୃତ୍ୱରେ ଦଳ ବାରବାଟୀରେ କଡ଼ା ଅଭ୍ୟାସ କରିଛି। ମୁକୁନ୍ଦ ପର୍‌ମାର ଦଳର ମୁଖ୍ୟ କୋଚ୍ ଅଛନ୍ତି। ସେହିଭଳି ଅରବିନ୍ଦ ଶ୍ରୀସନ୍ଥ ପେସ୍ ବୋଲିଂ କୋଚ୍ ଦାୟିତ୍ୱରେ ଅଛନ୍ତି। ଏଥର ଘୋଷିତ ହୋଇଥିବା ୧୫ ଜଣିଆ ଓଡ଼ିଶା ଦଳରେ ୩ ନୂଆ ମୁହଁ ସାମିଲ ହୋଇଛି। ସେମାନେ ହେଲେ ଗୌରବ ଚୌଧାରୀ, ସମ୍ବିତ ଏସ୍. ବରାଳ ଓ ବାଦଲ ବିଶ୍ୱାଳ। ପ୍ରତି ଦଳ ପାଇଁ ସିଜନର ପ୍ରଥମ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ତେଣୁ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ବରୋଦା ଚ୍ୟାଲେଞ୍ଜକୁ କିପରି ମୁକାବିଲା କରୁଛି ତା' ଉପରେ ନଜର ରହିବ।

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ୍ ସାମଲ(ଉପ-ଅଧିନାୟକ), ଗୌରବ ଚୌଧାରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଅନିଲ ପରିଡ଼ା, ସମ୍ବିତ ଏସ୍. ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରନୀ ସା', ତାପସ ଦାସ।

**ବରୋଦା ଦଳ:** ଅତୀତ ସେଠ୍ (ଅଧିନାୟକ), ଜ୍ୟୋତ୍ସ୍ନିଲ ସିଂ, ନିତ୍ୟ ପାଣ୍ଡ୍ୟା, ଶାଶ୍ୱତ ରାୱତ, ଶିବାଲିକ ଶର୍ମା, ନିନାଦ ଅଶଭିନ କୁମାର ରଥଭା, ରାଜ ଲିମ୍ବାନି, ମହେଶ ପିଥିୟା, ମିତେଶ ପଟେଲ, ବିଷ୍ଣୁ ସୋଲାଙ୍କି, ଅକ୍ଷୟ ମୋରେ, ଭାର୍ଗବ ଭଟ୍ଟ(ଉପ-ଅଧିନାୟକ), ଲୁକ୍‌ମାନ ମାରିୱାଲା, ରଶିକ ଦର ସଲାମ, ସୁକ୍ରିତ ପାଣ୍ଡେ।




Intelligent Honda SENSING (ADAS) | LaneWatch Camera™ | 7-SPEED CVT (with Paddle Shifters) | Fun to Drive i-VTEC Engine | Standard 6 Airbags | FREE 7 YEAR$ UNLIMITED KM WARRANTY

Visit Nearest Honda Dealership
Call +91 73034 61122 | www.hondacarindia.com

UP TO 10 YEAR AND 1 20 000 KILOMETERS ANYTIME WARRANTY
Standard Warranty 3 Years/ Unlimited Kilometers
Industry-first Extended Warranty 7 Years/ Unlimited Kilometers
Industry-first Anytime Warranty 10 Years/ 1 20 000 Kilometers

GOVT. APPROVED CNG RETROFITMENT KIT AVAILABLE# ON SELECT MODELS
E20 Honda Environment Technology
AVAIL SCRAPPAGE BENEFITS
SEAT BELTS FOR ALL SAFETY FOR ALL
SCAN TO TALK TO OUR EXPERT

PRICE: ˜Ex-showroom, New Delhi of base variant in Lakh & up to 2 decimal points only. Range of Amaze includes 2nd generation and above. *TOTAL BENEFITS: T&C Apply. Amount includes applicable cash, exchange, corporate, extended warranty or any other applicable offer/ benefits. Available for limited period on select model and in select cities. Stock without benefits is also available. ^SCRATCH & WIN: T&C Apply. Not applicable for Tamil Nadu state. Scheme valid for limited period until stock available and in select cities only. Stock without offer is also available. Eligible customer shall be entitled to avail the Voucher/ Gift / Prize upon fulfilment of the T&C mentioned on scheme coupon available at authorized dealership. Voucher/ Gift / Prize cannot be substituted, exchanged, encashed or transferred. For more details, visit Honda Dealership. $FREE 7 YEAR WARRANTY: Standard 3 Year Warranty + Extended coverage for 4th to 7th Year from the date of purchase. Applicable on select models only. Ω10 YEAR ANYTIME WARRANTY: Extendable up to the maximum age of 10 years or 120000 kilometers by renewing every year and is applicable from the date of purchase of car. Please refer owner's manual and Warranty Document for more details. #CNG: Govt. approved CNG retrofitment kit is provided by third party. CNG Kit warranty and any other related terms and conditions are applicable as specified by third party. Applicable on select models only. Black glass appearance on vehicle is due to lighting effect. Alpha-Bold Plus Grille is not a standard fitment and an optional genuine accessory. Actual vehicle color, features, and specifications may vary from those shown and might not be part of standard fitment. Please check the availability of grades, colors, features, and offers at authorized dealerships. Honda Cars India Limited reserves the right to change or withdraw any colour, grade, feature, offers/ scheme or benefits without any prior notice. Scrappage benefits applicable on select models subject to receipt of valid certificate of deposit issued by RVSF. Honda SENSING (ADAS) cannot substitute human acumen and vigilance while driving. Honda Cars India Limited urges drivers to follow traffic rules which are meant to keep them safe on roads. For more information, please visit our authorized dealership or www.hondacarindia.com. For corporate sales enquiry please write to corporatesales@hondacarindia.com.

AUTHORISED DEALERSHIPS BHUBANESWAR: Central Honda (Unit-9) - 8657588464,9078000333, Highway Honda (Rudrapur) - 8657588896, Highway Honda (Lewis Road) - 8657589227, Highway Honda (Patia) - 8657589228, ANGUL: Central Honda - 8657588465, BALASORE: Highway Honda -8657731130, CUTTACK: Highway Honda - 8657589226, JAJPUR: Highway Honda (Panikoili) - 8657588901, ROURKELA: Krishna Honda (Beldihi) - 8657588922, SAMBALPUR: Central Honda - 8657588467,7682857806.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ